


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ଯା ଦେବୀ ସର୍ବଭୂତେଷୁ...


ବାଲେଶ୍ୱର ❑ ସୋମବାର ୨୧ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 21 September 2026
Vol.No. 36 ■ No.248 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ଆମେରିକା ସହ ସର୍ତ୍ତରେ ଆଲୋଚନାକୁ ରାଜି ଇରାନ: ପୁଣି ଆକ୍ରମଣ ହେଲେ ଛାଡ଼ିବୁ ନାହିଁ



ନୂଆଦିଲ୍ଲୀ,୨୦/୯ : ଆମେରିକା ସହ ଚାଲିଥିବା ଯୁଦ୍ଧ ଶେଷ କରିବା ଏବଂ ପୁଣିଥରେ କୂଟନୈତିକ ଆଲୋଚନା ଆରମ୍ଭ କରିବା ଦିଗରେ ଇରାନ ନୂଆ ପଦକ୍ଷେପ ନେଇଛି । ତେହରାନ ପକ୍ଷରୁ ମଧ୍ୟସ୍ଥ ଦେଶଗୁଡ଼ିକୁ ଏନେଇ କିଛି ସର୍ତ୍ତ ଜଣାଇ ଦିଆଯାଇଛି । ଇରାନର ସୁରକ୍ଷା ପ୍ରମୁଖ ମୋହସିନ ରେଜାଇ ଶନିବାର (୧୯ ସେପ୍ଟେମ୍ବର) 'ଅଲ୍ ଜଜିରା'କୁ ଦେଇଥିବା ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି । ରେଜାଇଙ୍କ କହିବା ଅନୁସାରେ, ଆମେରିକା ସହ ପୁଣିଥରେ ଆଲୋଚନା ଟେବୁଲକୁ ଫେରିବା ପାଇଁ ଇରାନ ତିନିଟି ପ୍ରମୁଖ ସର୍ତ୍ତ ରଖିଛି । ସେଗୁଡ଼ିକ ହେଲା—ସମସ୍ତ ମୋର୍ଚ୍ଚାରେ ଯୁଦ୍ଧ ବନ୍ଦ କରିବା, ବିଦେଶରେ ଫ୍ରିଜ୍ ହୋଇଥିବା ଇରାନୀ ଅର୍ଥକୁ ମୁକ୍ତ କରିବା ଏବଂ ନୌସେନା ନାକାବନ୍ଦୀ ଶେଷ କରିବା। ଏହି ପ୍ରସଙ୍ଗରେ କତାର ଓ ପାକିସ୍ତାନର ମଧ୍ୟସ୍ଥମାନଙ୍କ ସହ ଆଲୋଚନା ଜାରି ରହିଥିବା ସେ କହିଛନ୍ତି। ଏବେ ତେହରାନ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରିଛି । ଅନ୍ୟପଟେ, ରବିବାର ଇରାନର ସରକାରୀ ଗଣମାଧ୍ୟମ ଦେଶର କେନ୍ଦ୍ରୀୟ ସାମରିକ କମାଣ୍ଡକୁ ଉଦ୍ଧୃତ କରି ଦାବି କରିଛି ଯେ, ଆମେରିକା କିଛି ଆଞ୍ଚଳିକ ଦେଶର ସମର୍ଥନରେ ଇରାନ ବିରୋଧରେ ପୁଣି ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ପ୍ରସ୍ତୁତି କରୁଛି । ଇରାନୀ ସେନା ଚେତାବନୀ ଦେଇଛି ଯେ, ଆମେରିକା ପକ୍ଷରୁ କୌଣସି ଆକ୍ରମଣ ହେଲେ ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ଘାଟି ଓ ସ୍ୱାର୍ଥକୁ ଲଗାତାର ଟାର୍ଗେଟ କରାଯିବ। ଏଥିସହ ଇରାନ ବିରୋଧରେ ଆମେରିକାର ସାମରିକ କାର୍ଯ୍ୟକୁ ସମର୍ଥନ କରୁଥିବା ଆଞ୍ଚଳିକ ଦେଶଗୁଡ଼ିକୁ ମଧ ସଂଘର୍ଷର ପକ୍ଷ ଭାବେ ବିବେଚନା କରାଯିବ ବୋଲି କୁହାଯାଇଛି । ଏହି ସମୟରେ ଇରାନ ଅନ୍ୟ ଆଞ୍ଚଳିକ ସଂଘର୍ଷ ଶେଷ କରିବାରେ ମଧ ଭୂମିକା ନେବାକୁ ଇଚ୍ଛା ପ୍ରକାଶ କରିଛି । ରେଜାଇ କହିଛନ୍ତି, ସାଉଦି ଆରବ ଓ ୟେମେନ ମଧ୍ୟରେ ଯୁଦ୍ଧ ଶେଷ କରିବା ସହ ଆଫଗାନିସ୍ତାନ-ପାକିସ୍ତାନ ମଧ୍ୟରେ ଚାଲିଥିବା ସଂଘର୍ଷ ଶେଷ କରିବାରେ ମଧ ତେହରାନ ସହଯୋଗ କରିବାକୁ ଚାହୁଁଛି ।

## ୪ ବର୍ଷ କାର୍ଯ୍ୟକାଳ ପୂରଣ ପୂର୍ବରୁ ଅଗ୍ନିବୀରଙ୍କୁ ମିଳିବ ଚାକିରି: କେନ୍ଦ୍ର ସରକାରଙ୍କ ନୂଆ ଯୋଜନା



ନୂଆଦିଲ୍ଲୀ,୨୦/୯ : ସେନାରେ 'ଅଗ୍ନିପଥ' ଯୋଜନା ଅଧୀନରେ ନିଯୁକ୍ତି ପାଇଥିବା ଅଗ୍ନିବୀରମାନଙ୍କ ପାଇଁ କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ୪ ବର୍ଷର ସୈନ୍ୟ ସେବା ପୂରଣ ହେବା ପୂର୍ବରୁ ହିଁ ଅଗ୍ନିବୀରମାନଙ୍କ ପାଇଁ ଆଗାମୀ ରୋଜଗାରର ପନ୍ଥା ସୁନିଶ୍ଚିତ କରିବାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ନୂଆ ପ୍ଲାନ୍ ପ୍ରସ୍ତୁତ କରିଛି। ସେନାରୁ ଅବସର ନେବା ପରେ ଯେପରି ସେମାନଙ୍କୁ ଚାକିରି ପାଇଁ ପୁଣି ଥରେ ଦୀର୍ଘ ପ୍ରକ୍ରିୟା ଦେଇ ଗତି କରିବାକୁ ପଡିବ ନାହିଁ, ସେଥିପାଇଁ ଏହି ବ୍ୟବସ୍ଥା କରାଯାଉଛି । ସୂଚନାଯୋଗ୍ୟ ଯେ, ଅଗ୍ନିପଥ ଯୋଜନାରେ ନିଯୁକ୍ତି ପାଇଥିବା ପ୍ରଥମ ବ୍ୟାଚ୍‌?ର ୧୯,୦୦୦ରୁ ଅଧିକ ଅଗ୍ନିବୀର ଜାନୁଆରୀ ୨୦୨୭ରେ ସେମାନଙ୍କର ୪ ବର୍ଷିଆ କାର୍ଯ୍ୟକାଳ ପୂରଣ କରିବେ। ନୂଆ ନିୟମ ଅନୁଯାୟୀ, ୪ ବର୍ଷର ସେବା ଶେଷ ହେବା ପରେ ୨୫ ପ୍ରତିଶତ ଅଗ୍ନିବୀରଙ୍କୁ ସେନାର ନିୟମିତ କ୍ୟାଡରରେ ରଖାଯିବାର ପ୍ରାବଧାନ ରହିଛି। ପୂର୍ବରୁ ୪ ବର୍ଷ ସେବା ପୂରଣ ହେବା ପରେ ସମସ୍ତଙ୍କୁ ମୁକ୍ତ କରାଯାଇ ପୁନର୍ବାର ୨୫ ପ୍ରତିଶତଙ୍କୁ ନିଆଯାଉଥିଲା। ମାତ୍ର ନୂଆ ପ୍ଲାନ୍ ଅନୁଯାୟୀ, ସେବା ଅବଧି ଶେଷ ହେବା ପୂର୍ବରୁ ହିଁ ଆଭ୍ୟନ୍ତରୀଣ ପରୀକ୍ଷା ଓ ମୂଲ୍ୟାଙ୍କନ ଆଧାରରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଫଳରେ ସେମାନେ ସିଧାସଳଖ ନିୟମିତ ସେବାରେ ଯୋଗ ଦେଇପାରିବେ। ଜାନୁଆରୀ ୨୦୨୭ରେ ଅବସର ନେବାକୁ ଥିବା ବାକି ୭୫ ପ୍ରତିଶତ ଅଗ୍ନିବୀରଙ୍କ ପାଇଁ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ (ଉଇଚର), ପୋଲିସ ଓ ଅନ୍ୟାନ୍ୟ ସରକାରୀ ବିଭାଗରେ ନିଯୁକ୍ତି ସୁଯୋଗ ଦିଆଯିବ। ଗୃହ ମନ୍ତ୍ରଣାଳୟ ଏକ ସ୍ୱତନ୍ତ୍ର ପୋର୍ଟାଲ ମାଧ୍ୟମରେ ଏହି ନିଯୁକ୍ତି ପ୍ରକ୍ରିୟାକୁ ଆଗକୁ ବଢ଼ାଇବ। କେନ୍ଦ୍ରୀୟ ନିରାପତ୍ତା ବଳ ଯଥା ବିଏସଏଫ, ସିଆରପିଏଫ, ସିଆଇଏସଏଫ, ଆଇଟିବିପି ଏବଂ ଆସାମ ରାଇଫଲ୍ସରେ କନଷ୍ଟେବଳ ଓ ରାଇଫଲମ୍ୟାନ୍ ପଦବୀ ପାଇଁ ପୂର୍ବତନ ଅଗ୍ନିବୀରଙ୍କ ପାଇଁ ୫୦ ପ୍ରତିଶତ ଆରକ୍ଷଣର ବ୍ୟବସ୍ଥା ରହିଛି। ଏହାସହ ଲିଖିତ ପରୀକ୍ଷା, ଶାରୀରିକ ମାପଚୁପ ଓ ଦକ୍ଷତା ପରୀକ୍ଷାରେ ମଧ କୋହଳ ନିୟମ ଲାଗୁ ହେବ। ◆◆ପୃଷ୍ଠା ୭

## ବଙ୍ଗୋପସାଗରରେ ଶକ୍ତିଶାଳୀ ହେଉଛି ଲଘୁଚାପ: ଡିପ୍ ଡିପ୍ରେସନ୍‌ରେ ପରିଣତ ହେବା ସମ୍ଭାବନା



ଭୁବନେଶ୍ୱର, ୨୦/୯ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଧୀରେ ଧୀରେ ସଂଗଠିତ ହେଉଛି। ପୂର୍ବ ଓ ମଧ ବଙ୍ଗୋପସାଗର ସହ ନିକଟସ୍ଥ ଆଣ୍ଡାମାନ ସାଗର ଅଞ୍ଚଳରେ ଘନ ମେଘପୁଞ୍ଜ ଦେଖାଯାଉଥିବା ବେଳେ, ଉପଗ୍ରହ ଚିତ୍ରରେ ପ୍ରଣାଳୀର ମଧ୍ୟଭାଗରେ ଘନ ମେଘ ଓ ବକ୍ରାକାର ମେଘପଟି ଦେଖାଯାଇଛି। ଏଥିରୁ ପାଣିପାଗ ପ୍ରଣାଳୀଟି ଅଧିକ ସଂଗଠିତ ହେଉଥିବା ସଙ୍କେତ ମିଳୁଛି। ଭାରତୀୟ ପାଣିପାଗ ବିଭାଗର ଅପଡେଟ୍ ଅନୁସାରେ, ଉତ୍ତର ଆଣ୍ଡାମାନ ସାଗର ଓ ଏହାର ଆଖପାଖରେ ଗଠିତ ଲଘୁଚାପଟି ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବ। ୨୧ ସେପ୍ଟେମ୍ବର ସୁଦ୍ଧା ଏହା ଡିପ୍ରେସନ୍ ଏବଂ ୨୨ ସେପ୍ଟେମ୍ବରରେ ପଶ୍ଚିମ-ମଧ ବଙ୍ଗୋପସାଗର ଉପରେ ଡିପ୍ ଡିପ୍ରେସନ୍‌ରେ ପରିଣତ ହୋଇପାରେ। ପରେ ଏହା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ ଆକଳନ ଅନୁସାରେ, ପ୍ରଣାଳୀଟି ଡିପ୍ ଡିପ୍ରେସନ୍ ଭାବେ ସର୍ବାଧିକ ଶକ୍ତି ପାଇବାର ସମ୍ଭାବନା ଅଧିକ। ତେବେ ଯଦି ଏହା ଆଶାଠାରୁ ଅଧିକ ସମୟ ସମୁଦ୍ର ଉପରେ ରହିଥାଏ, ତେବେ ଅଳ୍ପ ସମୟ ପାଇଁ ସାଇକ୍ଲୋନିକ୍ ଷ୍ଟର୍ମର ରୂପ ନେଇପାରେ। ଏହାଠାରୁ ଅଧିକ ଶକ୍ତିଶାଳୀ ହେବାର ସମ୍ଭାବନା ବର୍ତ୍ତମାନ କମ୍ ବୋଲି ସେ କହିଛନ୍ତି । ଡିପ୍ ଡିପ୍ରେସନ୍ ସମୟରେ ପବନର ବେଗ ଘଣ୍ଟାପିଛା ୫୦ରୁ ୬୦ କିମି ଏବଂ ଝଟକାରେ ୬୫ରୁ ୭୫ କିମି ପର୍ଯ୍ୟନ୍ତ ରହିପାରେ। ଯଦି ଅଳ୍ପ ସମୟ ପାଇଁ ସାଇକ୍ଲୋନିକ୍ ଷ୍ଟର୍ମ ହୁଏ, ତେବେ ପବନର ବେଗ ୬୦ରୁ ୭୦ କିମି ଏବଂ ଝଟକାରେ ୮୦ରୁ ୯୦ କିମି ପର୍ଯ୍ୟନ୍ତ ପହଞ୍ଚିପାରେ । ସ୍ଥଳଭାଗ ନିକଟକୁ ଆସିବା ପରେ ୬ରୁ ୧୨ ଘଣ୍ଟା ମଧ୍ୟରେ ପବନର ବେଗରେ ପ୍ରାୟ ୧୦ରୁ ୨୦ କିମି ପର୍ଯ୍ୟନ୍ତ ହ୍ରାସ ହୋଇପାରେ। ତଥାପି ଉପକୂଳବର୍ତ୍ତୀ ଅଞ୍ଚଳରେ ଜୋରଦାର ପବନ ଓ ଝଟକା ଅନୁଭୂତ ହୋଇପାରେ। ଏହି ପର୍ଯ୍ୟାୟରେ ଜିଲ୍ଲା ଅନୁସାରେ ନିର୍ଦ୍ଦିଷ୍ଟ ପବନର ବେଗ କହିବା ସମ୍ଭବ ନୁହେଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଏପଟେ ଲଘୁଚାପ ପ୍ରଭାବରେ ଓଡ଼ିଶାରେ ଆସନ୍ତା ୨୨ରୁ ବର୍ଷା ବଢ଼ିବା ସମ୍ଭାବନା ରହିଛି। ଓଗଡ଼ ପକ୍ଷରୁ ୨୨ ସେପ୍ଟେମ୍ବରରେ ଅତି ପ୍ରବଳ ବର୍ଷା ଏବଂ ୨୩-୨୪ ସେପ୍ଟେମ୍ବରରେ ଅତ୍ୟନ୍ତ ପ୍ରବଳ ବର୍ଷା ପାଇଁ ସତର୍କତା ଜାରି ହୋଇଛି।

## ଚୌଦ୍ୱାର ଜେଲରୁ ବିହାରୀ କଏଦୀ ଚମ୍ପଟ ଘଟଣା: ଶେଷରେ ବନ୍ଧାହେଲେ ଜେଲ୍ ସୁପରିନଟେଣ୍ଡେଣ୍ଟ



ଭୁବନେଶ୍ୱର, ୨୦/୯ (ନି.ପ୍ର): ଚୌଦ୍ୱାର ସର୍କଲ ଜେଲ୍‌ର ସୁପରିନ୍‌ଟେଣ୍ଡେଣ୍ଟ ସୁଜିତ କୁମାର ରାଉଳ ଗିରଫ । ସୁଜିତଙ୍କୁ ଘରୁ ଉଠାଇ ନେଇଛି ପୋଲିସ । ଚୌଦ୍ୱାର ଜେଲରୁ ଦୁଇ ବିହାରୀ କଏଦୀ ଫେରାର ମାମଲାରେ ଗିରଫ କରିଛି ପୋଲିସ । ତେବେ ଜେଲ୍‌ରୁ ଦୁଇ ବିଚାରାଧୀନ କଏଦୀ ଫେରାର ହେବା ପରେ ସରକାରୀ ରେକର୍ଡରେ କଥିତ ଜାଲିଆତି ଓ ଦସ୍ତାବିଜ୍ ହେରଫେର ନେଇ ସୁଜିତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ତାଙ୍କ ଆଗୁଆ ଜାମିନ ଆବେଦନ ମଧ ଓଡ଼ିଶା ହାଇକୋର୍ଟ ଖାରଜ କରିଥିଲେ । ପରେ ସୁପ୍ରିମକୋର୍ଟ ମଧ ଆଗୁଆ ଜାମିନ ଖାରଜ କରିଥିଲେ । ଘଟଣାର ଆରମ୍ଭ ୨୦୨୫ ଅକ୍ଟୋବର ୨ ତାରିଖ ରାତିରୁ ହୋଇଥିଲା । ଦୁର୍ଗାପୂଜା ଚାଲିଥିବା ସମୟରେ ଚୌଦ୍ୱାର ହାଇସିକ୍ୟୁରିଟି ଜେଲ୍‌ରୁ ଦୁଇ ବିଚାରାଧୀନ କଏଦୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଫେରାର ହୋଇଯାଇଥିଲେ । ଅଭିଯୋଗ ଅନୁସାରେ, ସେମାନେ ସେଲ୍‌ର ଲୁହା ରଡ୍ କାଟିବା ପରେ ଜେଲ୍‌ର ଦୁଇଟି କାନ୍ଥ ଡେଇଁ ଫେରାର ହୋଇଥିଲେ । ପରେ ସେମାନଙ୍କୁ ଧରିବା ପାଇଁ ଟିମ୍ ଗଠନ ହୋଇ ତଲାସ କରାଯାଇଥିଲା । ଏହି ଘଟଣା ପରେ ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ଓ ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା । ତତ୍କାଳୀନ ଜେଲର ସନ୍ତୋଷିନୀ ଦାଶଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବା ସହ ତାଙ୍କର ବଦଳି ହୋଇଥିଲା । ପରେ ସେ ସୁଜିତ କୁମାର ରାଉଳଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ । ସନ୍ତୋଷିନୀଙ୍କ ଅଭିଯୋଗ ଥିଲା, ଜେଲ୍‌ରୁ କଏଦୀ ଫେରାର ହେବା ପରେ ତାଙ୍କ ଦସ୍ତଖତକୁ ମିନିଟ୍ ବୁକ୍‌ରେ କଥିତ ଭାବେ ଜାଲ୍ କରାଯାଇଥିଲା । ଏହାସହ ଅକ୍ଟୋବର ୧, ୨ ଓ ୩ ତାରିଖର ଗେଟ୍ ଇନ୍-ଆଉଟ୍ ◆◆ପୃଷ୍ଠା ୭

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମୀକ୍ଷା ବୈଠକ

ପୁରୀ, ୨୦/୯ (ନି.ପ୍ର): ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀଗଣ, ଯନ୍ତ୍ରୀ ଏବଂ ସମସ୍ତ ଉପବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ପ୍ରଶାସକ ବୈଠକରେ ରତ୍ନ ଭଣ୍ଡାରରେ ଗଚ୍ଛିତ ମୂଲ୍ୟବାନ ସାମଗ୍ରୀର ଡିଜିଟାଇଜେସନ୍, ଡିଜିଟାଲ ହୁଣ୍ଡି, ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାଟେରୀ ଚାଳିତ ଯାନ, ଶ୍ରୀମନ୍ଦିର ପତ୍ରିକାର କାର୍ତ୍ତିକ ବିଶେଷାଙ୍କ, ଶ୍ରୀମନ୍ଦିର ସଂକ୍ରାନ୍ତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ଇତ୍ୟାଦି ବିଷୟରେ ସମୀକ୍ଷା କରିଛନ୍ତି । ଏହାସହ ଶ୍ରୀଜଗନ୍ନାଥ ମନ୍ଦିର ଭୂମି ପରିଚାଳନା ଆଇନରେ ନୂତନ ଭାବେ ହୋଇଥିବା ସଦ୍ୟ ସଂଶୋଧନ ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଶ୍ରୀମନ୍ଦିର ରେଡିଓ ଏବଂ ୟୁଟ୍ୟୁବ ଷ୍ଟୁଡ଼ିଓ ସଂସ୍ଥାପନ ଏବଂ ଶ୍ରୀବିଗ୍ରହଙ୍କ ତିନି ରଥର ଅଂଶଗୁଡିକର ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ମଧ ବୈଠକରେ ଆଲୋଚନା ହୋଇଛି। ◆◆ପୃଷ୍ଠା ୭

## ଡ୍ୟୁଟି ସମୟରେ ପୁଲିସଙ୍କୁ ମୋବାଇଲ ମନା: ଫଟୋ-ଭିଡିଓ କଲେ ନିଆଯିବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୦/୯ (ନି.ପ୍ର): ଡ୍ୟୁଟି ସମୟରେ ଭିଡିଓ, ଫଟୋ ମନା । ପୁଲିସ ବାବୁଙ୍କ ପାଇଁ ଏମିତି କିଛି କଡ଼ା ନିୟମ ଆଣିଛି କମିସନରେଟ୍ ପୁଲିସ । ସମ୍ବେଦନଶୀଳ ସ୍ଥାନରେ ଡ୍ୟୁଟି କରୁଥିବା ବେଳେ ପୁଲିସ କର୍ମଚାରୀଙ୍କୁ ଫଟୋ, ଭିଡିଓ ଉପରେ କଟକଣା ଲଗାଯାଇଛି । ଅନୁମତି ବିନା ସୋସିଆଲ ମିଡିଆରେ ପୋଷ୍ଟ କଲେ କାର୍ଯ୍ୟାନୁଷ୍ଠାନ । ଡ୍ୟୁଟି ସମୟରେ ସେଣ୍ଟ୍ରିଙ୍କ ମୋବାଇଲ ବ୍ୟବହାର ମନା ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନରେ ନିୟୋଜିତ ପୁଲିସ କର୍ମଚାରୀଙ୍କ ଫଟୋ ଓ ଭିଡିଓ କରିବା ଉପରେ କଟକଣା ଜାରି କରାଯାଇଛି। ଭୁବନେଶ୍ୱର-କଟକ ପୁଲିସ କମିସନରେଟ୍ ପକ୍ଷରୁ ଏହି ନିର୍ଦ୍ଦେଶ ଜାରି ହୋଇଛି । ନିକଟ ଅତୀତରେ କେତେକ ପୁଲିସ କର୍ମଚାରୀ ନିଜର ଡ୍ୟୁଟି ମୁତୟନ ସ୍ଥାନ ଏବଂ କାର୍ଯ୍ୟସ୍ଥଳୀ ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆ ଓ ଅନ୍ୟ ସାର୍ବଜନୀନ ପ୍ଲାଟଫର୍ମରେ ସେୟାର କରୁଥିବା ଦେଖାଯାଇଛି । ◆◆ପୃଷ୍ଠା ୭

## ରୁଷରେ ଭୋଟିଂ ଚାଲିଥିବା ବେଳେ ୟୁକ୍ରେନର ଭୟଙ୍କର ଆକ୍ରମଣ: ଜଳୁଛି ତୈଳ ରିଫାଇନାରୀ



ନୂଆଦିଲ୍ଲୀ,୨୦/୯ : ରୁଷରେ ସଂସଦୀୟ ନିର୍ବାଚନର ଭୋଟିଂ ଚାଲିଥିବା ବେଳେ ମସ୍କୋରେ ବଡ଼ ଧରଣର ଡ୍ରୋନ୍ ଆକ୍ରମଣକୁ ନେଇ ହଇଚଇ ସୃଷ୍ଟି ହୋଇଛି । ରବିବାର ନିର୍ବାଚନର ତୃତୀୟ ତଥା ଶେଷ ଦିନରେ ମସ୍କୋକୁ ଟାର୍ଗେଟ୍ କରି ଡ୍ରୋନ୍ ଆକ୍ରମଣ ହୋଇଥିବା ରୁଷ ପକ୍ଷରୁ କୁହାଯାଇଛି । ଏହି ଆକ୍ରମଣ ପାଇଁ ରୁଷ ୟୁକ୍ରେନକୁ ଦାୟୀ କରିଛି । ଆକ୍ରମଣରେ ମସ୍କୋର ଏକ ତେଲ ରିଫାଇନାରୀ କ୍ଷତିଗ୍ରସ୍ତ ହେବା ସହ ସେଠାରେ ଭୟଙ୍କର ନିଆଁ ଲାଗିଥିବା ଖବର ମିଳିଛି । ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍ ରବିବାର ଟେଲିଗ୍ରାମ୍‌?ରେ ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି । ତାଙ୍କ ଅନୁସାରେ, ଡ୍ରୋନ୍ ମସ୍କୋର ଏକ ତେଲ ରିଫାଇନାରୀକୁ ଟାର୍ଗେଟ୍ କରିଥିଲା । ଆକ୍ରମଣ ପରେ ରିଫାଇନାରୀରେ ନିଆଁ ଲାଗିଥିବା ବେଳେ ଦୂରରୁ ମଧ ଧୂଆଁ ଓ ନିଆଁର ଶିଖା ଦେଖାଯାଉଥିବା ଜଣାପଡିଛି । ଘଟଣାକୁ ନେଇ ମସ୍କୋରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି । ଏହି ଡ୍ରୋନ୍ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ନେଇ ମଧ ଖବର ସାମ୍ନାକୁ ଆସିଛି । ତେବେ ଆକ୍ରମଣର ସମ୍ପୂର୍ଣ୍ଣ କ୍ଷୟକ୍ଷତି ନେଇ ଅଧିକାରୀମାନଙ୍କ ପକ୍ଷରୁ ସବିଶେଷ ସୂଚନା ଦିଆଯାଇନାହିଁ । ରୁଷ ପକ୍ଷରୁ ଏହି ଘଟଣାକୁ ୟୁକ୍ରେନର ଆକ୍ରମଣ ବୋଲି କୁହାଯାଉଥିବା ବେଳେ ୟୁକ୍ରେନ ପକ୍ଷରୁ ମଧ ରୁଷ ଭିତରେ ନିର୍ଦ୍ଦିଷ୍ଟ ରଣନୈତିକ ଠିକଣାକୁ ଟାର୍ଗେଟ୍ କରିବା ନେଇ ଦାବି କରାଯାଇଛି । ୟୁକ୍ରେନର ରାଷ୍ଟ୍ରପତି ଭୋଲଡିମିର୍ ଜେଲେନ୍ସ୍କି କହିଛନ୍ତି ଯେ ରୁଷର ଏକ ପ୍ରମୁଖ ତେଲ ଶିଳ୍ପ କେନ୍ଦ୍ର ଏବଂ ଏକ ଲଜିଷ୍ଟିକ୍ସ ସେଣ୍ଟରକୁ ଟାର୍ଗେଟ୍ କରାଯାଇଛି । ତାଙ୍କ ଦାବି ଅନୁସାରେ, ଏହି ଠିକଣାଗୁଡ଼ିକ ରୁଷର ଯୁଦ୍ଧ ଅଭିଯାନକୁ ଆର୍ଥିକ ସହାୟତା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମୀକା ବହନ କରୁଛିଲା । ସବୁଠାରୁ ବଡ଼ କଥା ହେଉଛି, ରୁଷରେ ସଂସଦୀୟ ନିର୍ବାଚନର ଭୋଟିଂ ଚାଲିଥିବା ସମୟରେ ହିଁ ଏହି ଆକ୍ରମଣ ହୋଇଛି । ଷ୍ଟେଟ୍ ଡୁମା ନିର୍ବାଚନ ପାଇଁ ରୁଷରେ ତିନି ଦିନ ଧରି ଭୋଟିଂ ହୋଇଥିଲା । ରବିବାର ଥିଲା ଭୋଟିଂର ତୃତୀୟ ତଥା ଶେଷ ଦିନ । ◆◆ପୃଷ୍ଠା ୭

## ୨୮ ତାରିଖରୁ ପୁଣି ବ୍ୟାଙ୍କ ଧର୍ମଘଟ : ୩୦ ପର୍ଯ୍ୟନ୍ତ ତିନିଦିନିଆ ଧର୍ମଘଟ ଡାକରା

ଭୁବନେଶ୍ୱର, ୨୦/୯ (ନି.ପ୍ର): ସେପ୍ଟେମ୍ବର ୨୮ ତାରିଖରୁ ପୁଣି ବ୍ୟାଙ୍କ ଧର୍ମଘଟ । ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ ପକ୍ଷରୁ ଏହି ଧର୍ମଘଟ ଡାକରା ଦିଆଯାଇଛି । ଫଳରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମେତ ଅନ୍ୟାନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ସେବା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ଏହି ପରିପ୍ରେକ୍ଷୀରେ




ଏସ୍‌ବିଆଇ ତାର ଗ୍ରାହକମାନଙ୍କୁ ଧର୍ମଘଟ ତାରିଖ ପୂର୍ବରୁ ଜରୁରୀ ବ୍ୟାଙ୍କିଂ କାରବାର ସାରିଦେବାକୁ ପରାମର୍ଶ ଦେଇଛି । ଧର୍ମଘଟ ସମୟରେ ଆବଶ୍ୟକ ସେବା ଜାରି ରଖିବା ପାଇଁ ସମ୍ଭବ ସମସ୍ତ ପଦକ୍ଷେପ ନିଆଯିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି ।

# ଫ୍ଲାଏ ଆସ୍ ପରିଚାଳନାରେ ପ୍ରଶାସନିକ ଆହ୍ୱାନ ଓ ପରିଚାଳନାଗତ ନିୟନ୍ତ୍ରଣ ଉପରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଉପସ୍ଥାପନା

ଝାରସୁଗୁଡ଼ା,୨୦/୦୯ (ନି.ପ୍ର): ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ୪୩ ତମ ପ୍ରତିଷ୍ଠା ଦିବସ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇ 'ଝାରସୁଗୁଡ଼ା ଜିଲ୍ଲାରେ ଫ୍ଲାଏ ଆସ୍ ନିଷ୍କାସନର ପ୍ରଶାସନିକ ବ୍ୟବସ୍ଥା – ସମସ୍ୟା, ପ୍ରବର୍ତ୍ତନ ବ୍ୟବସ୍ଥା ଏବଂ ଆଗାମୀ ପନ୍ଥା' ଶୀର୍ଷକ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ । ଝାରସୁଗୁଡ଼ା ଭଳି ଶିଳ୍ପପ୍ରଧାନ ଜିଲ୍ଲାରେ ପାଉଁଶ ଉତ୍ପାଦନ, ପରିବହନ, ସଦୁପଯୋଗ ତଥା ଏହାର ପରିବେଶ ଅନୁକୂଳ ନିଷ୍କାସନ କ୍ଷେତ୍ରରେ ଥିବା ପ୍ରମୁଖ ଆହ୍ୱାନଗୁଡ଼ିକୁ ସେ ଉପସ୍ଥାପନ କରିବା ସହ ପ୍ରଶାସନିକ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଉପସ୍ଥାପନା ମାଧ୍ୟମରେ ଜିଲ୍ଲାପାଳ ବେଆଇନ ଫ୍ଲାଏ ଆସ୍ ଡମ୍ପିଂ, ପରିବହନ ବେଳେ ଉଡୁଥିବା ଧୂଳିରୁ ହେଉଥିବା ପ୍ରଦୂଷଣ ଏବଂ ନିୟମିତ ତଦାରଖର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ନିର୍ଦ୍ଧାରିତ ପରିବେଶ ନିୟମାବଳୀର ସଠିକ୍ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଶିଳ୍ପ ସଂସ୍ଥା, ନିୟାମକ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ନିତାନ୍ତ ଜରୁରୀ ବୋଲି ସେ ଦର୍ଶାଇଥିଲେ ।

ଏହା ସହିତ ଜିଲ୍ଲା ପ୍ରଶାସନ ତଥା ନିୟାମକ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ କଠୋର ପ୍ରବର୍ତ୍ତନ ବ୍ୟବସ୍ଥା ସମ୍ପର୍କରେ ବର୍ଣ୍ଣନା କରିବା ସହ ଫ୍ଲାଏ ଆସ୍ ବୋଝେଇ ଯାନଗୁଡ଼ିକର ଟ୍ରାକିଂ, ଓଭରଲୋଡିଂ ଏବଂ ପରିବହନ ସମୟରେ ପାଉଁଶ ଖସିବାକୁ ରୋକିବା ଉପରେ ଶ୍ରୀ ଚହ୍ୱାଣ ଗୁରୁତ୍ୱ ଦେଇଥିଲେ । ପାରମ୍ପରିକ ନିଷ୍କାସନ ପଦ୍ଧତିରୁ ବାହାରି ଫ୍ଲାଏ ଆସର ବ୍ୟାପକ ସଦୁପଯୋଗ, ବୈଜ୍ଞାନିକ ତଥା ପରିବେଶ-ଉପଯୋଗୀ ପରିଚାଳନା ପାଇଁ 'ଆଗାମୀ ପନ୍ଥା'ର ଏକ ଖସଡ଼ା ମଧ୍ୟ ସେ ଉପସ୍ଥାପନ କରିଥିଲେ । ଏହି ସମାରୋହରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରୀ, ଆଇଆଇଟି ଖଡ଼୍ଗପୁରର ପ୍ରଫେସର ଡ. ତାପସ କୁମାର ଗୁପ୍ତା, ବରିଷ୍ଠ ପରିବେଶ ଇଞ୍ଜିନିୟର ଦିଲୀପ କୁମାର ଦାସ ଏବଂ ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ କୁମାର ମଲ୍ଲିକ ପ୍ରମୁଖ ମଂଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ । ଏଥିରେ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି, ବୋର୍ଡର ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ ।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା: ୭୭୫ ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା-ବାରାଣସୀ ଗସ୍ତ ପ୍ରସ୍ତୁତି

ସମ୍ବଲପୁର,୨୦/୦୯ (ନି.ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭ ଅଧୀନରେ ଆସନ୍ତା ସେପ୍ଟେମ୍ବର ୨୨ ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଅଯୋଧ୍ୟା-ବାରାଣସୀ ତୀର୍ଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଯାଇଛି । ଏହି ପରିପ୍ରେକ୍ଷିରେ ଆଜି ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷ ପରିସରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକଙ୍କ ଏହି ଆଧ୍ୟାତ୍ମିକ ଯାତ୍ରାରେ ବିଭିନ୍ନ ଜିଲ୍ଲାରୁ ମୋଟ ୭୭୫ ଜଣ ତୀର୍ଥଯାତ୍ରୀ ଏବଂ ୨୫ ଜଣ ସହଯୋଗୀ (ଏସ୍କର୍ଟ) ଭାଗ ନେବେ । ଏହି ଦଳରେ ସମ୍ବଲପୁରରୁ ୮୯ ଜଣ, ବଲାଙ୍ଗୀରରୁ ୧୪୧, ବରଗଡ଼ରୁ ୧୨୭, ଝାରସୁଗୁଡ଼ାରୁ ୫୦, ସୁନ୍ଦରଗଡ଼ରୁ ୧୮୦, ସୁବର୍ଣ୍ଣପୁରରୁ ୫୨, ଦେବଗଡ଼ରୁ ୨୭ ଏବଂ ଅନୁଗୁଳ ଜିଲ୍ଲାରୁ ୧୦୯ ଜଣ ତୀର୍ଥଯାତ୍ରୀ ସାମିଲ ହେବାର ସ୍ପଷ୍ଟ ହୋଇଛି । ତୀର୍ଥଯାତ୍ରୀଙ୍କ ରହିବା ପାଇଁ ସମ୍ବଲପୁରର ପାନ୍ଥନିବାସ, କ୍ଷେତରାଜପୁରର ଅଗ୍ରସେନ ଭବନ, ରେଳବାଇ କମ୍ୟୁନିଟି ସେଂଟର ଏବଂ ରେଳବାଇ ଇନଷ୍ଟିଚ୍ୟୁଟ ହଲ୍ରେ ସ୍ୱତନ୍ତ୍ର ସ୍ୱଳ୍ପକାଳୀନ ରହଣୀ ବ୍ୟବସ୍ଥା କରାଯାଇଛି । ସମସ୍ତ ତୀର୍ଥଯାତ୍ରୀ ମାନଙ୍କ ସୁବିଧା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ତ ଆବଶ୍ୟକୀୟ ଆନୁସଙ୍ଗିକ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି । ଓଟିଡିସି ପକ୍ଷରୁ ଭୋଜନର ବ୍ୟବସ୍ଥା କରାଯାଇଥିବା ବେଳେ ବ୍ଲକ ମୁଖ୍ୟାଳୟରୁ ସମ୍ବଲପୁର ଏବଂ ରହିବା ସ୍ଥାନରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ଯାତାୟାତ ସୁବିଧା ଯୋଗାଇ ଦିଆଯିବ । ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଚିକିତ୍ସା ଦଳ ନିୟୋଜିତ ରହିବେ । ଏହା ସହିତ ରହିବା ସ୍ଥାନ ଏବଂ ରେଳ ଷ୍ଟେସନରେ ନିରାପତା, ସୁରକ୍ଷା ଓ ସଫାଇ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି ଅବସରରେ ଶୁଭାରମ୍ଭ ଉତ୍ସବ ଏବଂ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ପ୍ରସ୍ତୁତି ମଧ୍ୟ ହୋଇସାରିଛି ।

# ବିଶ୍ୱକର୍ମା ସମାଜର ନୂତନ କର୍ମକର୍ତ୍ତା ଚୟନ: ହରିଶ୍ଚନ୍ଦ୍ର ସଭାପତି, ସମ୍ପାଦକ ଅଜିତ

କନ୍ଧମାଳ,୨୦/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ବିଶ୍ୱକର୍ମା ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଗତ ଶୁକ୍ରବାର ସନ୍ଧ୍ୟା ରେ ଫୁଲବାଣୀ ବିଶ୍ୱକର୍ମା ମନ୍ଦିରରେ ଏକ ବୈଠକ ରେ ବିଶ୍ୱକର୍ମା ଭାଇ ମାନଙ୍କ ବିଭିନ୍ନ ସମସ୍ୟା ଓ ସମାଜ ର ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା । ସମାଜକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ବିଭିନ୍ନ ମତ ପ୍ରକାଶ ପାଇଥିଲା । ସଭାପତି ହରିଶ୍ଚନ୍ଦ୍ର ମହାରଣା ପ୍ରତି ସଂକ୍ରାନ୍ତି ଦିନ ସମାଜ ର ଏକ ବୈଠକ କରିବା ଏବଂ ସମସ୍ତ ସଦସ୍ୟ କିପରି ଯୋଗଦେବେ ତାଉପରେ ଗୁରୁତ୍ୱ ଦେଇଥିଲେ । ଉପଦେଷ୍ଟା ଅଜିତ ମହାରଣା ବିଶ୍ୱକର୍ମା ଭାଇ ମାନଙ୍କ ଦୁର୍ବଳ କାର୍ଯ୍ୟ ରେ ସମସ୍ତେ ଠିଆହେବା ଓ ପ୍ରତିବର୍ଷ ପରି ବଣ ଭୋଜି ସମାଜକୁ ଏକାଠି କରିବାକୁ ସାହାଯ୍ୟ କରିବ ବୋଲି କହିଥିଲେ । ଶେଷରେ ଉପସ୍ଥିତ ସଦସ୍ୟ ମାନେ ନୂତନ କମିଟି ଚୟନ କରିଥିଲେ । ହରିଶ୍ଚନ୍ଦ୍ର ମହାରଣା ଙ୍କୁ ପୁନର୍ବାର ସଭାପତି ଭାବେ ମନୋନୀତ କରାଯାଇଥିଲା । ସର୍ବ ସମ୍ମତି ଭାବେ ଅଜିତ ମହାରଣା ସମ୍ପାଦକ, ଶରତ ମହାରଣା କୋଷାଧକ୍ଷ, ଉପଦେଷ୍ଟା ଭାବେ, ପିତାମ୍ବର ମହାରଣା, ତ୍ରିନାଥ ମହାରଣା ଓ ଚକ୍ରଧର ମହାରଣା ମୋନାନୟନ ହୋଇଥିଲେ । କାର୍ଯ୍ୟକାରୀ ସଦସ୍ୟ ଭାବେ ନାରାୟଣ ମହାରଣା, ପ୍ରଫୁଲ୍ଲ ମହାରଣା, ସୁଶାନ୍ତ ମହାରଣା, ବାବୁ ମହାରଣା, ନାରାୟଣ ମହାରଣା, ସ୍ୱାମୀ ମହାରଣା ଓ କୈଳାସ ମହାରଣା ଙ୍କୁ ମନୋନୀତ ହୋଇଥିଲେ । ନବ ନିଯୁକ୍ତ କର୍ମକର୍ତ୍ତା ଙ୍କୁ ସମାଜ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

# ମ୍ୟାଲେରିଆ ମୁକ୍ତ ଅଭିଯାନ ପଂଚାୟତ ନେତୃତ୍ୱରେ ବଣ୍ଡାଘାଟିରେ ଜନଆନ୍ଦୋଳନ

ମାଲକାନଗିରି ,୨୦/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ବଣ୍ଡାଘାଟିର ମୁଦୁଲିପଡ଼ା ଗ୍ରାମ ପଂଚାୟତରେ ମ୍ୟାଲେରିଆ ମୁକ୍ତ ଅଭିଯାନ ଆରମ୍ଭ ହୋଇଯାଇଛି । ମ୍ୟାଲେରିଆ ନିରାକରଣକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ପିରାମଲ୍ ଫାଉଣ୍ଡେସନ୍, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଅନୁକୂଲ୍ୟରେ ଏବଂ ମୁଦୁଲିପଡ଼ା ଗ୍ରାମ ପଂଚାୟତର ପ୍ରତ୍ୟକ୍ଷ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।

ଏହି ସଚେତନତା କାର୍ଯ୍ୟକ୍ରମରେ ସମ୍ବାରୀ ମୁଦୁଲି ପୌରୋହିତ୍ୟ ଅଧକ୍ଷତା କରିଥିବା ବେଳେ ସରପଂଚ ସମ୍ବାରୀ ଧାଙ୍ଗଡ଼ା ମାଝୀ, ନାଏବ ସରପଂଚ ସୂର୍ଯ୍ୟ କିର୍ସାନୀ ଏବଂ ତୁଲାଗୁରୁମ୍ ର ୱାର୍ଡ ମେମ୍ବର ଶୁକ୍ର କିର୍ସାନୀ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ । ଆସନ୍ତୁ, ମିଶିକରି ମ୍ୟାଲେରିଆକୁ ରୋକିବା ପ୍ରତ୍ୟେକ ଜ୍ୱର ପରୀକ୍ଷା କରିବା, ପ୍ରତ୍ୟେକ ରୋଗୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ଦେବା ସ୍ଲୋଗାନ୍ ସହ ଶୁଭାରମ୍ଭ ହୋଇଥିବା ଏହି ଅଭିଯାନରେ ଗ୍ରାମର ପ୍ରତ୍ୟେକ ପରିବାରକୁ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ପିରାମଲ୍ ଫାଉଣ୍ଡେସନ୍ ର ସ୍ୱେଚ୍ଛାସେବୀମାନେ ଗାଁ ଗାଁକୁ ଯାଇ ମ୍ୟାଲେରିଆ ପ୍ରତିରୋଧ ବିଷୟରେ ଜନସାଧାରଣଙ୍କୁ ବୁଝାଇବେ । ପ୍ରତିଦିନ ରାତିରେ ଶୋଇବା ସମୟରେ ନିୟମିତ ଭାବେ ମଶାରି ବ୍ୟବହାର କରି ପରିବାରକୁ ମଶା କାମୁଡ଼ାରୁ ସୁରକ୍ଷିତ ରଖନ୍ତୁ । ଜ୍ୱରକୁ ହାଲୁକା ଭାବେ ନନେଇ ତୁରନ୍ତ ମ୍ୟାଲେରିଆ ପରୀକ୍ଷା କରାନ୍ତୁ ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହାୟତା ନିଅନ୍ତୁ । ମ୍ୟାଲେରିଆ ପଜିଟିଭ୍ ବାହାରିଲେ ସ୍ୱାସ୍ଥ୍ୟକର୍ମୀଙ୍କ ପରାମର୍ଶ କ୍ରମେ ଔଷଧର ପୂରା କୋର୍ସ ସମ୍ପୂର୍ଣ୍ଣ କରନ୍ତୁ; ମଝିରୁ ଔଷଧ ବନ୍ଦ କରନ୍ତୁ ନାହିଁ ।

ଏହି ଅବସରରେ ପିରାମଲ୍ ଫାଉଣ୍ଡେସନ୍ ର ଜିଲ୍ଲା ପ୍ରୋଗ୍ରାମ୍ ମ୍ୟାନେଜର ରାଜାରାମ ମଲ୍ଲିକ ଓ ସ୍ୱାସ୍ଥ୍ୟକର୍ମୀ ଦୁର୍ଗା ପ୍ରସାଦ ସାହୁ ମ୍ୟାଲେରିଆ ନିୟନ୍ତ୍ରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେମାନେ କହିଥିଲେ ଯେ, ମ୍ୟାଲେରିଆ ମୁକ୍ତ ଅଭିଯାନ କେବଳ ଏକ ସଚେତନତା କାର୍ଯ୍ୟକ୍ରମ ନୁହେଁ, ଏହା ଆମ ଗାଁ, ଆମ ପରିବାର ଏବଂ ଆମ ସମସ୍ତଙ୍କର ଏକ ସାମୂହିକ ସଂକଳ୍ପ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ବଣ୍ଡାଘାଟିକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ ଶପଥ ପାଠ କରାଯାଇଥିଲା । ମ୍ୟାଲେରିଆ ମୁକ୍ତ ମୁଦୁଲିପଡ଼ା ପଂଚାୟତ ଆମ ସମସ୍ତଙ୍କର ସାମୂହିକ ସଂକଳ୍ପ ବାର୍ତ୍ତା ଦେଇ ଏହି କାର୍ଯ୍ୟକ୍ରମର ଉଦ୍ଯାପନ କରାଯାଇଥିଲା ।

# ମା' ଗୃହ ବାଲନ୍ଦାପଡାର ୧୪ତମ ପ୍ରତିଷ୍ଠା ଦିବସରେ ଜେ.ଏନ୍.ଜିଙ୍କ ଭୂମିକା ସମ୍ପର୍କୀତ ଆଲୋଚନା

କନ୍ଧମାଳ,୨୦/୦୯ (ନି.ପ୍ର): ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ସ୍ୱାସ୍ଥ୍ୟ ସେବା ଏକ ମହତ୍ୱପୂର୍ଣ୍ଣ ଦିଗ ହୋଇଥିବା ବେଳେ ସେ ମଧ୍ୟରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଉଛି ଏବଂ ମାତୃ ଓ ଶିଶୁ ମୃତ୍ୟୁ ହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ ରହିଛି । ଜନ ସଚେତନତା ସୃଷ୍ଟି କରାଇ ଉପାନ୍ତ ଅଂଚଳ ଗୁଡିକରେ ଗର୍ଭବତୀଙ୍କ କ୍ଷେତ୍ରରେ ରକ୍ତହିନତା କମାଇବା ଓ ଘରୋଇ ପ୍ରସବକୁ ହ୍ରାସ କରି ଆନୁଷ୍ଠାନିକ ପ୍ରସବ ବଢାଇବାକୁ ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳଙ୍କ ତରଫରୁ ସ୍ଥାନେ ସ୍ଥାନେ ମା ଗୃହ ସ୍ଥାପନ କରାଯାଇଛି । ସେହିପରି କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' ସହଯୋଗ ରେ ୨୦୧୩ ମସିହା ଠାରୁ ଫିରିଙ୍ଗିଆ ବ୍ଲକର ବାଲନ୍ଦାପଡା ଠାରେ ଏକ ମା ଗୃହ ପରିଚାଳିତ କରାଯାଉଛି । ଏହି ମା ଗୃହ ଆଜି ତା'ର ୧୪ ତମ ବାର୍ଷିକ ଉତ୍ସବ ପାଳନ କରି ରାଷ୍ଟ୍ରର ବିକାଶ ନିମନ୍ତେ ଜେ.ଏନ୍.ଜି ଙ୍କ ଭୂମିକା ସମ୍ପର୍କରେ ଏକ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ଫୁଲବାଣୀର ପୂର୍ବତନ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ମା ଗୃହର ଉପକାରିତା ଓ ଯୁବପିଢି ମାନଙ୍କର ସହଭାଗିତାକୁ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ଅତିଥି ଭାବେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠି ଜନସ୍ୱାସ୍ଥ୍ୟ ଅଧିକାରି ଡାକ୍ତର ଜିତେନ କୁମାର ଜେନା, ଗୋଷ୍ଠି କାର୍ଯ୍ୟକ୍ରମ ପରିଚାଳକ ହର ଗୋବିନ୍ଦ ଜାନି, ସ୍ଥାନୀୟ ପ୍ରଧାନ ଶିକ୍ଷକ ଦିପ୍ତି ରଞ୍ଜନ ନନ୍ଦ, ବାଲନ୍ଦାପଡାର ବୁଦ୍ଧିଜିବୀ ବେଣୁଧର ନାଗ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ତରଫରୁ ମହିଳା ପରିଦର୍ଶିକା ଅପର୍ଣ୍ଣା ଦିଗାଲ ଓ ବିନତା କୁମାରି ପ୍ରଧାନ ଉପସ୍ଥିତ ରହି ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ଆଗଧାଡିର ସ୍ୱାସ୍ଥ୍ୟସେବିକା/ସେବକ ମାନେ ଆହୁରି ଅଧିକରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ ଏବଂ ଅଂଚଳର ଯୁବ ପିଢୀ ମାନେ ମଧ୍ୟ ଏପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଯୋଗଦେଇ ମା ଗୃହ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଓ ଆଭିମୂଖ୍ୟ ଏବଂ ଏହାର ସେବା ସମ୍ପର୍କରେ ଅବଗତ କରାଇବା ସହିତ ଜେ.ଏନ୍.ଜି ବୋଲି କୁହାଯାଉଥିବା ଆଜିର ଯୁବ ଗୋଷ୍ଠି ମାନଙ୍କୁ ଦିଗ୍ଦର୍ଶନ ଦେବାକୁ ଯାଇ କହିଥିଲେ ଯଦି ଜେ.ଏନ୍.ଜି ମାନେ ଜେ.ଏନ୍.ଏକ୍ସ ମାନଙ୍କ ସହିତ ସୁସମ୍ପର୍କ ରଖିବେ ତେବେ ଦେଶରେ ଏକ ବଡ ଧରଣର ପରିବର୍ତନ ଆସିପାରିବ ନଚେତ ଏହା ବିପରିତ ଦିଗକୁ ସୂଚାଇବ । ଅନୁଷ୍ଠାନର ବରିଷ୍ଠ କର୍ମୀ ପୁଷ୍ପିତା ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମା ଗୃହରେ ମିଳୁଥିବା ସେବା ଗୁଡିକ ବିଷୟରେ ସୂଚନା ଦେଇଥିଲେ । ଅନୁଷ୍ଠାନର ସ୍ୱାସ୍ଥ୍ୟ ସଂଯୋଜକ ବିଶ୍ୱରଞ୍ଜନ କରଙ୍କ କହିବା ଅନୁଯାୟୀ ଆଜି ପର୍ଯ୍ୟନ୍ତ ଏହି ବାଲନ୍ଦାପଡା ମା ଗୃହ ରେ ଆଡିମିଶନ୍ ନେଇ ୪୦୦୦ ରୁ ଅଧିକ ଜଣ ଗର୍ଭବତୀ ସେବା ପାଇଛନ୍ତି । ସେବା ପାଇଥିବା ମା ମାନଙ୍କୁ ପଚାରିବାରୁ ସେବା ଅତି ଉଚ୍ଚକୋଟିର ବୋଲି କହିବା ସହ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତଙ୍କୁ ସାଧୁବାଦ ଦେଇ ଅନ୍ୟ ମା ମାନଙ୍କୁ ଉତ୍ସାହିତ କରିବାକୁ ମତବ୍ୟକ୍ତ କରିଥିଲେ । ବାଲନ୍ଦାପଡା ସ୍ୱାସ୍ଥ୍ୟକେନ୍ଦ୍ର ର ଏ.ଏନ୍.ଏମ୍, ସ୍ଥାନୀୟ ଆଶା ଓ ଅଙ୍ଗନବାଡି କର୍ମୀ, ଲୋକ ପ୍ରତିନିଧି ଓ ବାଲନ୍ଦାପଡା ଉଚ୍ଚମାଧମିକ ବିଦ୍ୟାଳୟର ଛାତ୍ର/ଛାତ୍ରୀ ମାନେ ଉପସ୍ଥିତ ଥିବାବେଳେ ମା ଗୃହ ତରଫରୁ ସାମନ୍ତି ଦିଗାଲ, ରିତାଞ୍ଜଳି ସାହୁ, ସିବାନି ଜାନି, ମାଣିକ ବେହେରା ଓ ସ୍ନେହଲତା କହଁର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଦିର୍ଘଦିନ ଧରି ସୁଚାରୁରୂପେ କାର୍ଯ୍ୟ ତୁଲାଇ ଆସୁଥିବା ତିନି ଜଣ ଯଥା- ପୁଷ୍ପିତା ସାହୁ, ସାମନ୍ତି ଦିଗାଲ ଓ ରିତାଞ୍ଜଳି ସାହୁଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।

# ଛୁରୀ ଦେଖାଇ ମୋବାଇଲ୍ ଲୁଟ୍ ଅଭିଯୋଗ: ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୦/୦୯ (ନି.ପ୍ର): ସମ୍ବଲପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ବୁର୍ଲା ଥାନା ପୋଲିସ ଏକ ଅପରାଧିକ ମାମଲାର ତଦନ୍ତ କରି ଏଥିରେ ସମ୍ପୃକ୍ତ କୁଖ୍ୟାତ ଅଭିଯୁକ୍ତକୁ ଗିରଫ କରିବା ସହ ତା' ନିକଟରୁ ମାରଣାସ୍ତ୍ର ଓ ଲୁଟି ନେଇଥିବା ମୋବାଇଲ ଜବତ କରିବାରେ ସଫଳ ହୋଇଛି । ପୋଲିସର ସୂଚନା ମୁତାବକ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ୩୬ ବର୍ଷିୟ ହବିବ ନାସିରୁଦ୍ଦିନ ସେକ୍ ନାମକ ଜଣେ ମିସ୍ତ୍ରୀ ମହତାବ ନଗରରେ ଭଡ଼ା ଘରେ ରହି ଅନ୍ୟ ସାଥୀ ମିସ୍ତ୍ରୀ ମାନଙ୍କ ସହ ମିଶି ସ୍ଥାନୀୟ ଅଞ୍ଚଳର ବିଲ୍ଡିଂ କାମ କରିଥାଏ । ସେପ୍ଟେମ୍ବର ୧୭ ତାରିଖ ଅପରାହ୍ନ ୫ଟା ବେଳେ ଟୁଲୁ ଓରଫ ତନ୍ମୟ ବାନଛୋର ନାମକ ଅଭିଯୁକ୍ତ ଓ ତା'ର ଦୁଇ ସହଯୋଗୀ ହବିବର ଘରକୁ ଆସି କିଛି ଟଙ୍କା ଦାବି କରିଥିଲା । ହବିବ ଏହି ଦାବି ଟଙ୍କା ଦେବାକୁ ରୋକଠୋକ ମନା କରିବାରୁ ତନ୍ମୟ ହଠାତ୍ ଏକ ଧାରୁଆ ଛୁରୀରେ ହବିବ୍ କୁ ମରଣାନ୍ତକ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା । ଏହାପରେ ଅଭିଯୁକ୍ତ ଓ ତା' ସହଯୋଗୀ ମାନେ ହବିବକୁ ଛାଡ଼ି ହବିବର ଭାଇ କାହ୍ନୁ ସେକ୍ କୁ ଛୁରୀରେ ଭୟଭୀତ କରାଇ ତା' ହାତରୁ ଏକ ନୀଳ ରଙ୍ଗର ଓପୋ ଏ-୫୩ ମୋବାଇଲ୍ ଫୋନ୍ ଲୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଏ ସମ୍ପର୍କରେ ହବିବ୍ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏ ସମ୍ପର୍କରେ ୩୧୬/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତର ହୁଲିଆ ଓ କାରନାମା ଆଧାରରେ ବୁର୍ଲା ମହତାବ ନଗରର ସୁଶିଲ ବାନଛୋରର ୨୯ ବର୍ଷିୟ ପୁଅ ଟୁଲୁ ଓରଫ ତନ୍ମୟ ବାନଛୋରକୁ ଧରି ଥାନାକୁ ଆଣି ଜେରା କରିଥିଲା । ଜେରା ବେଳେ ଘଟଣାର ସମସ୍ତ ସତ୍ୟତା ଜଣା ପଡ଼ିବା ପରେ ପୋଲିସ ଟୁଲୁକୁ ୩୧୬/୨୬ ମାମଲାରେ ଗିରଫ କରିଥିଲା । ଟୁଲୁ ନିକଟରୁ ଘଟଣା ଦିନ ଲୁଟ୍ ହୋଇଥିବା ନୀଳ ରଙ୍ଗର ଓପୋ ଏ- ୫୩ ମୋବାଇଲ୍ ଫୋନ୍ ଉଦ୍ଧାର କରିବା ସହ ବେଣ୍ଟ ନଥିବା ଏକ ଧାରୁଆ ଛୁରୀ ମଧ୍ୟ ପୋଲିସ ଜବତ କରିଥିଲା । ପୋଲିସର ସୂଚନା ଅନୁସାରେ କେବଳ ବୁର୍ଲା ଥାନାରେ ଟୁଲୁ ଓରଫ ତନ୍ମୟ ବନଛୋର ବିରୋଧରେ ପୂର୍ବରୁ ୧୯ ଟି ଅପରାଧିକ ମାମଲା ରହିଛି ।

# ପବିତ୍ର ତୁଳସୀ ଚଉଁରାର ଅକ୍ଷୁର୍ଣ୍ଣତା ବଜାୟ ରଖିବା ପାଇଁ ଦାବି

କେନ୍ଦ୍ରାପଡା,୨୦/୦୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଭଗବାନପୁର, ଈଶ୍ୱରପୁର, ଗୋପ, କେଶପୁର ଗ୍ରାମବାସୀବୃନ୍ଦ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର.ଆୟାରଙ୍କୁ ଭେଟି ଈଶ୍ୱରପୁର ଗ୍ରାମରେ ଥିବା ପବିତ୍ର ତୁଳସୀ ଚଉଁରାଟି ଅବସ୍ଥିତ । ଯାହାକି ଆମ ଚାରି ଗ୍ରାମର ଧାର୍ମିକ ଭାବାବେଗ ସହିତ ପ୍ରାୟ ଦୁଇଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଓତଃପ୍ରୋତଃ ଭାବେ ଜଡ଼ିତ । ତୁଳସୀଚଉଁରା କେନ୍ଦ୍ରାପଡାର ଆରାଧ ଦେବତା ଶ୍ରୀବଳଦେବଜୀଉଙ୍କ ସହିତ ମଧ ଜଡ଼ିତ । ପ୍ରତିବର୍ଷ କୁମାର ପୂର୍ଣ୍ଣିମା ଦିନ ଶ୍ରୀଶ୍ରୀସିଦ୍ଧ ବଳଦେବଜୀଉ ମନ୍ଦିରରୁ ଚଳନ୍ତି ପ୍ରତିମା ଗୋବିନ୍ଦଜୀଉ ବିଗ୍ରହ ବିମାନରେ ଶୋଭାଯାତ୍ରାରେ ଏଠାକୁ ଆସନ୍ତି । କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ ତୁଳସୀଚଉଁରା ଥିବା ସ୍ଥାନକୁ ନିଜ ଦଖଲକୁ ନେବାକୁ ଆଦେଶ ଜାରି କରାଯାଇଛି । ଏଣୁ ଏହାକୁ ଆମ୍ଭେମାନେ ତୀବ୍ର ବିରୋଧ କରି ଆପଣମାନଙ୍କୁ ଜଣାଉଅଛୁ ଯେ, ତୁଳସୀଚଉଁରା ଯେଉଁ ସ୍ଥାନରେ ଅଛି ତାହାର ଅକ୍ଷୁର୍ଣ୍ଣତା ବଜାୟ ରଖିବାକୁ ଆମେ ଦାବି କରୁଛୁ । ଏହି ଦାବିପତ୍ର ପ୍ରଦାନ ସମୟରେ କ୍ଷୀରୋଦ କର, ଅନନ୍ତ ଚରଣ କର, ନୃସିଂହ ପ୍ରସାଦ ପତ୍ରୀ, ବିଭୂତିଭୂଷଣ ପତ୍ରୀ, ଅକ୍ଷୟ ପ୍ରସାଦ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନ ଗଣେଶ ପୂଜାରେ ପ୍ରେମ ମନ୍ଦିର ଦେଖିବାକୁ ପ୍ରବଳ ଭିଡ

ଭୁବନ,୨୦/୦୯ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ସହରରେ ଗତ ସୋମବାର ଠାରୁ ୨୧ ଟି ପୂଜା ମଣ୍ଡପରେ ପ୍ରଭୁ ଗଜାନନ ଙ୍କ ପୂଜା ଅନୁଷ୍ଠିତ ହେଉଛି । ୨୦୧୩ ମାଟ୍ରିକ ବ୍ୟାଚ୍ ଫ୍ରେଣ୍ଡସିପ କ୍ଲବ୍ ୧୨ ବର୍ଷ ପୂର୍ତ୍ତି ଉପଲକ୍ଷେ ହାଇସ୍କୁଲ ପଡ଼ିଆ ( ମିନି ଷ୍ଟାଡିୟମ) ରେ ବୃନ୍ଦାବନ ପ୍ରେମ ମନ୍ଦିର ର ଅବିକଳ ନକଲ କରି ରାଧାକୃଷ୍ଣ ଙ୍କ ସମେତ ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ପୂଜା କରୁଛି । ବୃନ୍ଦାବନ ପ୍ରେମ ମନ୍ଦିର ଦେଖିବାକୁ ଶ୍ରଦ୍ଧାଳୁ ଭକ୍ତ ଙ୍କ ପ୍ରବଳ ଭିଡ ହେଉଛି । ଶନିବାର ପବିତ୍ର ରାଧାଷ୍ଟମୀ ଉପଲକ୍ଷେ ଅପରାହ୍ନ ୫ ଘଟିକା ଠାରୁ ହାଇସ୍କୁଲ ପଡ଼ିଆ ଲୋକାରଣ୍ୟ ହୋଯାଇଥିଲା । ସନ୍ଧ୍ୟା ପରଠାରୁ କାଳୀ ବଜାର ଠାରୁ ନୂଆ ବଜାର,ବ୍ଲକ ରୋଡ ଜନ ସମୁଦ୍ର ପାଲଟିଛି । ପ୍ରବଳ ଜନ ସମାଗମ ପାଇଁ ଅପରାହ୍ନ ୫ ଘଟିକା ଠାରୁ ରାତ୍ର ୧୦ ଘଟିକା ଯାଏ ଟ୍ରାଫିକ ନିୟନ୍ତ୍ରଣ କଡ଼ାକଡ଼ି କରାଯାଇଛି । ଢ଼େଙ୍କାନାଳ ପଟୁ ଅଟୋ,ବୋଲେରୋ, କାର ନେଇ ଆସୁଥିବା ଦର୍ଶକ ମାନେ ଗୋଡ଼ି ପୋଖରୀ ଛକ ରୁ ଉତର ଦିଗ ସିନେମା ହଲ ରୋଡରେ ଆସି ଗାଡ଼ି ପାର୍କିଂ କରି ହାଇସ୍କୁଲ ପଡ଼ିଆକୁ ଯାଇପାରିବେ । ଯାଜପୁର ପଟୁ ଆସୁଥିବା ଦର୍ଶକ ମାନେ ନୀଳମାଧବ ପେଟ୍ରୋଲ ପମ୍ପ ଛକ ରୁ ବାଇପାସ୍ ଦେଇ ଯାତ୍ରା ପଡିଆ ଏବଂ କାମାକ୍ଷା ନଗର ପଟୁ ଆସୁଥିବା ଦର୍ଶକ ମାନେ ବାଇପାସ୍ କୋର୍ଟ ଛକ ଦେଇ ଯାତ୍ରା ପଡିଆରେ ସେମାନଙ୍କର ଚାରି ଚକିଆ ଗାଡ଼ି ରଖି ପୂଜା ମଣ୍ଡପ ବୁଲି ଦେଖିବାକୁ ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁ ସୂଚନା ଦେଇଛନ୍ତି । ବାଇକ୍ ଆରୋହୀ ଙ୍କ ପାଇଁ ନୂଆ ବଜାର ଗୋଲାଘର ଛକ ରୁ ହାଇସ୍କୁଲ ପଡ଼ିଆକୁ ଯିବାକୁ ସମ୍ପୂର୍ଣ ବାରଣ କରାଯାଇ ୱାନ ୱେ ରୁଟ୍ କରାଯାଇଛି । ହୋଣ୍ଡା ସୋ ରୁମ୍ ଗଳି ଦେଇ ହାଇସ୍କୁଲ ଓ ଗାର୍ଲ୍ସ ହାଇସ୍କୁଲ ପାଚେରୀ କଡରେ ବାଇକ୍ ରଖିବାକୁ କୁହାଯାଇଛି । ଫ୍ରେଣ୍ଡସିପ କ୍ଲବ୍ ତରଫରୁ ଶନିବାର ସନ୍ଧ୍ୟାରେ ଜାଭେଦ ଡ୍ୟାନ୍ସ ଗ୍ରୁପ୍,ରବିବାର ସନ୍ଧ୍ୟାରେ ସୌରଭ ଭରଦ୍ୱାଜ କୈବଲ୍ୟ ଭଜନ ମଂଚ ଓ ସୋମବାର ଡି ଜେ ନାଇଟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଏଥିପାଇଁ ଆହୁରି ପ୍ରବଳ ଭିଡ ହେବ ବୋଲି ଆଶା କରାଯାଉଛି ।

# ଆଶ୍ରୟ ପକ୍ଷରୁ ସମୁଦ୍ରକୂଳ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ

ପୁରୀ,୨୦/୦୯ (ନି.ପ୍ର): ଆଇସିସି ୨୦୨୬ ଅଧୀନରେ ଆଜି ପୁରୀ ସମୁଦ୍ର ବେଳାଭୂମିରେ ସମୁଦ୍ର ବେଳାଭୂମି ସଫେଇ ଓ ଜନସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ସମୁଦ୍ର ପ୍ରଦୂଷଣ, ସମୁଦ୍ର ଓ ଉପକୂଳ ପରିବେଶର ସୁରକ୍ଷା ତଥା ବେଳାଭୂମିକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟଉଦ୍ଦେଶ୍ୟ ଥିଲା ।ଏହି କାର୍ଯ୍ୟକ୍ରମ ଆଶ୍ରୟ ଏନଜିଓ , ପୁରୀ ପକ୍ଷରୁ ଏନସିସିଆର , ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଯୋଗ ଓ ପ୍ରାୟୋଜନରେ ପୁରୀ ସମୁଦ୍ର ବେଳାଭୂମିରେ ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଭିମନ୍ୟୁ ବେହେରା, ସହକାରୀ କମିଶନର ଏବଂ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଯୋଗ ଦେଇଥିଲେ । ସେମାନଙ୍କ ସହ ଏନସିସିଆର ବୈଜ୍ଞାନିକ ଡ. ରବୀନ୍ଦ୍ର କୁମାର ସାହୁ, ସଂଯୋଜକ ଡ. ମୁକୁନ୍ଦ କେଶରୀ ଖଡ଼ଙ୍ଗା, ଆଶ୍ରୟ ସଭାପତି ସୁନୀଲ କୁମାର ପଣ୍ଡା , ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ବଡ଼ଜେନା , ଆଶ୍ରୟଙ୍କ ସହ ଆଶ୍ରୟ ଏନଜିଓ ର ସେବାକାରୀ ଓ ସ୍ୱେଚ୍ଛାସେବୀ ଅମ୍ବା, ଅରୁଣ, ଅନିଲ, ବିଭୂତି, ବାପି ଓଦୀପକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସ୍ଥାନୀୟ ସି-ବିଚ୍ ବଜାର କମିଟିର ସଦସ୍ୟ, ମତ୍ସ୍ୟଜୀବୀ ସମ୍ପ୍ରଦାୟର ସଦସ୍ୟ, ଆଶ୍ରୟ ଏନଜିଓ ର ସ୍ୱେଚ୍ଛାସେବୀ, ଅତିଥି ଏବଂ ଏନସିସିଆର ର ସଂଯୋଜକ ମାନଙ୍କ ସମେତ ପ୍ରାୟ ୭୫ ଜଣ ଅଂଶଗ୍ରହଣ କରିଥିଲେ ।ସଫେଇ କାର୍ଯ୍ୟକ୍ରମ ସମୟରେ ସମସ୍ତ ଅଂଶ ଗ୍ରହଣକାରୀ ମିଳିତ ଭାବେ ପୁରୀ ସମୁଦ୍ର ବେଳାଭୂମିରୁ ପ୍ରାୟ ୧୧୨ କିଲୋଗ୍ରାମ ସାମୁଦ୍ରିକ ଆବର୍ଜନା ସଂଗ୍ରହ କରିଥିଲେ । ସଂଗ୍ରହ କରାଯାଇଥିବାଆବର୍ଜନାକୁ ପୁରୀ ପୌରସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା । ଏହି ସଫେଇ କାର୍ଯ୍ୟକ୍ରମ ମାଧ୍ୟମରେ ବେଳାଭୂମିକୁ ସ୍ୱଚ୍ଛ ରଖିବା, ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ଆବର୍ଜନାକୁ ସମୁଦ୍ରରେ ପ୍ରବେଶ କରିବାରୁ ରୋକିବା ଏବଂ ସାମୁଦ୍ରିକ ପରିବେଶର ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା । ଏହାପରେ, ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଦିଗବାରେଣୀ ରୁ ହୋଟେଲ୍ ଭିକ୍ଟୋରିଆ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା । ଅଂଶଗ୍ରହଣ କାରୀମାନେ ବିଭିନ୍ନ ସଚେତନତାମୂଳକ ପ୍ଲାକାର୍ଡ ଓ ପତାକା ଧରି ସମୁଦ୍ର ଓ ବେଳାଭୂମି ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇଥିଲେ ।ରାଲି ସମୟରେ ନିମ୍ନଲିଖି ସ୍ଲୋଗାନ ଦିଆଯାଇଥିଲା ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର । ସ୍ୱଚ୍ଛ ଉପକୂଳ, ସୁରକ୍ଷିତ ସମୁଦ୍ର ଆମ ବେଳାଭୂମି । ଆମ ଗର୍ବ ପୁରୀ ବେଳାଭୂମି ସଫା ରଖିବା ଆମର କର୍ତବ୍ୟ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମୁଦ୍ର ଓ ଉପକୂଳ ପରିବେଶର ସୁରକ୍ଷା, ସାମୁଦ୍ରିକ ପ୍ରଦୂଷଣ ହ୍ରାସ, ସମୁଦ୍ର ଆବର୍ଜନା ନିୟନ୍ତ୍ରଣ ଏବଂ ପୁରୀ ସମୁଦ୍ର ବେଳାଭୂମିକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବାପାଇଁ ଜନସାଧାରଣଙ୍କ ମଧ୍ୟରେ ସାମୂହିକ ଦାୟିତ୍ୱବୋଧ ସୃଷ୍ଟି କରିବା ।ଏହି ଜନସଚେତନତା ଓ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମକୁ ସମର୍ଥନ କରିଥିବାରୁ ଆୟୋଜକମାନେ ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀ ଏବଂ ମାନ୍ୟବର ପୃଥିବୀ ବିଜ୍ଞାନ ମନ୍ତ୍ରୀଙ୍କୁ ଆନ୍ତରିକକୃତଜ୍ଞତା ଜଣାଇଛନ୍ତି । ଏଥିସହିତ ଏନସିସିଆର ର ନିର୍ଦ୍ଦେଶକ, ଜାତୀୟ ସଂଯୋଜକ, ସଂଯୋଜକ ଓ ସ୍ଥାନୀୟ ସଂଯୋଜକ, ପୁରୀ ପୌରସଂସ୍ଥା, ଆଇଆଇସି ସିବିଚ୍ , ପୋଲିସ୍ ଷ୍ଟେସନର କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ,ସ୍ୱେଚ୍ଛାସେବୀ, ସ୍ଥାନୀୟ ସମୁଦାୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସେମାନଙ୍କର ମୂଲ୍ୟବାନ ସହଯୋଗ ଓ ସମର୍ଥନ ପାଇଁ ଆୟୋଜକମାନେ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି । ବିଶେଷକରି, କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଶ୍ରୟ ଏନଜିଓ ର ସେବାକାରୀ ଓ ସ୍ୱେଚ୍ଛାସେବୀ ଅମ୍ବା, ଅରୁଣ, ଅନିଲ, ବିଭୂତି, ବାପି ଓ ଦୀପକଙ୍କ ମୂଲ୍ୟବାନ ସହଯୋଗ ପାଇଁ ଆଶ୍ରୟ ଏନଜିଓ ପକ୍ଷରୁ ବିଶେଷ କୃତଜ୍ଞତା ଜଣାଯାଇଛି ।

# ପାକେଲପଡ଼ାରେ ପଂଚାୟତ ସ୍ତରୀୟ କଳାକାର ମହୋତ୍ସବ

ଝାରସୁଗୁଡ଼ା,୨୦/୦୯ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ପାକେଲପଡ଼ା ପଂଚାୟତସ୍ତରୀୟ କଳାକାର ସମ୍ମିଳନୀ ଶୁକ୍ରବାର ଝରିଆବାହାଲ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ପଂଚାୟତ ଅଂଚଳର ବିଭିନ୍ନ କଳାକାର ଦଳ ଯୋଗଦେଇ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ । ମହୋତ୍ସବରେ ମା' ବୀଣାପାଣି ମହିଳା ସଂକୀର୍ତ୍ତନ ମଣ୍ଡଳୀ, ବିଷ୍ଣୁପ୍ରିୟା କୀର୍ତନ ମଣ୍ଡଳୀ, ଜୟ ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀ, ରାଧାମାଧବ ସଂକୀର୍ତନ ମଣ୍ଡଳୀ, କୃଷ୍ଣଗୁରୁ, ମା' ବୀଣାପାଣି ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ, କିସାନ ନୃତ୍ୟ ଏବଂ ମା' ସେରାବାଲି ଦୁଲଦୁଲି ମେଲୋଡି ବାଜା ସମେତ ମୋଟ ୯ଟି କଳାକାର ଦଳ ଅଂଶଗ୍ରହଣ କରିଥିଲେ ।

ପାକେଲପଡ଼ା ସରପଂଚ ସୁକେଶିନୀ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଗୁରୁଶ୍ରୀ ଲକ୍ଷ୍ମଣ ପଟେଲ, ଗୁରୁଶ୍ରୀ ଗଣେଶ ପାଣିଗ୍ରାହୀ, ଗୁରୁଶ୍ରୀ ସୁରେଶ ଚନ୍ଦ୍ର ନାଏକ, ମହୋତ୍ସବର ଆବାହକ ରୂପେଶ ଚନ୍ଦ୍ର ଅଗ୍ରୱାଲ, ଡୁମରଚାନ୍ଦ ପ୍ରଧାନ, ଆଦିତ୍ୟ ପାଢ଼ୀ, ଅବନୀ ଦାଶ ଓ ବନମାଳୀ ଖର୍ସେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ମହୋତ୍ସବ ଅବସରରେ ସ୍ଥାନୀୟ କଳା, ସଂସ୍କୃତି ଓ ପାରମ୍ପରିକ କଳାକୁ ଉତ୍ସାହିତ କରିବା ସହ କଳାକାରମାନଙ୍କ ମଧ୍ୟରେ ଭାଇଚାରା ଓ ସାଂସ୍କୃତିକ ଆଦାନପ୍ରଦାନର ବାତାବରଣ ସୃଷ୍ଟି ହୋଇଥିଲା ।




ମଣିଷ ଶରୀର ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଜନ ନିୟନ୍ତ୍ରଣ କରିବା, ରକ୍ତ ଶର୍କରା ସନ୍ତୁଳିତ କରିବା, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଏବଂ ମାଂସପେଶୀ ଷ୍ଟ୍ରଙ୍ଗ୍ କରୁଥିବା ପ୍ରୋଟିନ୍ ପ୍ରାୟ ସମସ୍ତଙ୍କ ପାଇଁ ଆବଶ୍ୟକ । ତେବେ ଖାଦ୍ୟରେ ମସୁର ଡାଲି ଏବଂ ଚଣା ଦୁଇଟି ସବୁଠାରୁ ବିଶ୍ୱସ୍ତ ନିରାମିଷ ପ୍ରୋଟିନ୍ ଉତ୍ସ ବୋଲି କୁହାଯାଏ । ପ୍ରାୟତଃ ଲୋକ ଭାବନ୍ତି ଯେ ମସୁର ଡାଲି କିମ୍ବା ଚଣା ପ୍ରୋଟିନ୍ ପାଇଁ ଅଧିକ ଲାଭଦାୟକ । ତେବେ ଦୁଇଟି ଭିତରୁ କେଉଁ ଖାଦ୍ୟଟି ପ୍ରୋଟିନ୍ ପାଇଁ ବେଷ୍ଟ୍ ଆସନ୍ତୁ ଜାଣିବା । ୧୦୦ ଗ୍ରାମ କଞ୍ଚା ଲଙ୍କାରେ ପ୍ରାୟ ୨୨ ରୁ ୨୫ ଗ୍ରାମ ପ୍ରୋଟିନ୍ ଥାଏ । ୧୦୦ ଗ୍ରାମ କଞ୍ଚା ଚଣାରେ ପ୍ରାୟ ୧୯ ରୁ ୨୧ ଗ୍ରାମ ପ୍ରୋଟିନ୍ ଥାଏ ଯାହା ରାନ୍ଧିବା ପରେ ଅଳ୍ପ ପରିମାଣର ହ୍ରାସ ପାଏ । ରନ୍ଧା ଲଙ୍କାରେ ପ୍ରତି ୧୦୦ ଗ୍ରାମ ପାଇଁ ପ୍ରାୟ ୮ ରୁ ୯ ଗ୍ରାମ ପ୍ରୋଟିନ୍ ଥିବାବେଳେ ରନ୍ଧା ଚଣାରେ ପ୍ରତି ୧୦୦ ଗ୍ରାମ ପାଇଁ ପ୍ରାୟ ୮-୯ ଗ୍ରାମ ପ୍ରୋଟିନ୍ ଥାଏ । ଏହାର ଅର୍ଥ ହେଉଛି ରନ୍ଧା ଲଙ୍କା ଏବଂ ଚଣାର ପ୍ରୋଟିନ୍ ପରିମାଣ ପ୍ରାୟ ସମାନ । ମସୁର ଡାଲି କଥା ଯଦି କହିବା ତାହେଲେ ଏହା ସାଧାରଣତଃ ସହଜରେ ହଜମ ହୁଏ ଯାହା ପିଲା, ବୟସ୍କ ସବୁ ବର୍ଗର ଲୋକଙ୍କ ପାଇଁ ଉପଯୁକ୍ତ ଆହାରର କାମ କରେ । ଅନ୍ୟପକ୍ଷରେ ଚଣାରେ ଫାଇବର ଏବଂ ଷ୍ଟାର୍ଚ ଅଧିକ ଥାଏ ଯାହା ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ତଥାପି ଅତ୍ୟଧିକ ଚଣା ଖାଇବା ଦ୍ୱାରା ଗ୍ୟାସ କିମ୍ବା ପେଟ ଫୁଲିପାରେ । ଚଣା ଫାଇବର ଏବଂ ସୁସ୍ଥ କାର୍ବୋହାଇଡ୍ରେଟରେ ଭରପୂର ଯାହା ଆପଣଙ୍କୁ ଅଧିକ ସମୟ ପେଟ ଫୁଲ୍ ରଖିବା ଏବଂ ଭୋକ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଅନ୍ୟପକ୍ଷରେ ମସୁର ଡାଲି ହାଲୁକା ଏବଂ କମ୍ କ୍ୟାଲୋରୀ ଯୁକ୍ତ ହୋଇଥିବାରୁ ଖାଦ୍ୟରେ ଭଲ ଭାବରେ ଫିଟ୍ ହୁଏ ଏବଂ ଖାଇବା ପାଇଁ ମଧ ବେଷ୍ଟ୍ । ମସୁର ଡାଲିରେ ପ୍ରଚୁର ପରିମାଣରେ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଲାଇସିନ୍ ଥାଏ, ଯାହା ଶରୀର ମରାମତି ଏବଂ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଜରୁରୀ । ଚଣାରେ ଅଧିକ ସନ୍ତୁଳିତ ଆମିନୋ ଏସିଡ୍ ପ୍ରୋଫାଇଲ୍ ଥାଏ ଯାହାକୁ ଭାତ କିମ୍ବା ରୁଟି ସହିତ ଖିଆଯାଏ । ଏହାର ଅର୍ଥ ହେଉଛି ଆମିନୋ ଏସିଡ୍ ସନ୍ତୁଳନ ଦୃଷ୍ଟିରୁ ଚଣା ଡାଲି ଅପେକ୍ଷା ଟିକେ ଭଲ । ଡାଲି ଏବଂ ଚଣା ଉଭୟର ନିଜସ୍ୱ ଲାଭ ଅଛି । ଯଦି ଆପଣ ସହଜରେ ହଜମ ହେଉଥିବା ପ୍ରୋଟିନ୍ ଖୋଜୁଛନ୍ତି ତେବେ ମସୁର ଡାଲି ଭଲ । ଯଦି ଦୀର୍ଘ ସମୟର ଶକ୍ତି ଅନୁଭବ କରିବାକୁ ଚାହୁଁଛନ୍ତି ତେବେ ଚଣା ଖାଇବା ଭଲ ।




ସକାଳର ଜଳଖିଆ କେବଳ ଭୋକ ମେଣ୍ଟାଇବା ପାଇଁ ନୁହେଁ, ବରଂ ଏହା ହିଁ ସ୍ଥିର କରେ ଯେ ଆପଣ ଦିନସାରା କେତେ ସକ୍ରିୟ ରହିବେ ଏବଂ ଆପଣଙ୍କର ମେଟାବୋଲିଜିମ୍ କେତେ ଭଲ ଭାବରେ କାମ କରିବ । ଜଳଖିଆକୁ ସାରା ଦିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆହାର ବୋଲି ବିବେଚନା କରାଯାଏ । ସଠିକ୍ ଜଳଖିଆ ଦିନସାରା ଶକ୍ତି ଯୋଗାଇଥାଏ, ଯେତେବେଳେ କି ଭୁଲ୍ ଅଭ୍ୟାସଗୁଡ଼ିକ ଧୀରେ ଧୀରେ ଓଜନ ବଢ଼ାଇବା ଏବଂ ସ୍ୱାସ୍ଥ୍ୟ ଖରାପ କରିବାର କାରଣ ହୋଇଥାଏ । ଆଜିକାଲି ଅଧିକାଂଶ ଲୋକ ଜଳଖିଆକୁ ହାଲୁକା ଭାବେ ନିଅନ୍ତି । କେହି ଜଳଖିଆ ଛାଡିଦିଅନ୍ତି, ତ କେହି କେବଳ ଚା' କିମ୍ବା ବିସ୍କୁଟରୁ ଦିନ ଆରମ୍ଭ କରନ୍ତି । ଏହି ଛୋଟ ଛୋଟ ଭୁଲଗୁଡ଼ିକ ପରବର୍ତ୍ତୀ ସମୟରେ ଗ୍ୟାସ୍, ଥକ୍କାପଣ ଏବଂ ଓଜନ ବୃଦ୍ଧି ଭଳି ସମସ୍ୟା ସୃଷ୍ଟି କରେ । ଆୟୁର୍ବେଦିକ ଏବଂ ୟୁନାନି ବିଶେଷଜ୍ଞ ଡାକ୍ତର ସଲିମ ଜୈଦିଙ୍କ ଅନୁସାରେ, ଭାରତୀୟମାନଙ୍କ ମଧ୍ୟରେ ଜଳଖିଆକୁ ନେଇ କିଛି ଅଭ୍ୟାସ ଅତି ସାଧାରଣ, କିନ୍ତୁ ଏହା ଶରୀରକୁ ଫାଇଦା ପହଞ୍ଚାଇବା ପରିବର୍ତ୍ତେ କ୍ଷତି କରିଥାଏ । ତେଣୁ ସମୟ ଥାଉ ଥାଉ ଏହି ଅଭ୍ୟାସଗୁଡ଼ିକୁ ସୁଧାରିବା ଜରୁରୀ। ଆସନ୍ତୁ ଜାଣିବା ଜଳଖିଆ ସହିତ ଜଡ଼ିତ ୫ଟି ବଡ଼ ଭୁଲ୍ ବିଷୟରେ, ଯାହାଠାରୁ ଆଜିଠାରୁ ହିଁ ଦୂରେଇ ରହିବା ଉଚିତ୍ ।

**ଖାଲି ପେଟରେ ଚା' ପିଇବା:**
ସକାଳୁ ଉଠିବା ମାତ୍ରେ ଅଧିକାଂଶ ଭାରତୀୟ କିଛି ନ ଖାଇ ନ ପିଇ ଚା' ପିଅନ୍ତି । ଯଦି ଆପଣ ମଧ ସେମାନଙ୍କ ମଧ୍ୟରୁ ଜଣେ, ତେବେ ପେଟରେ ଏସିଡିଟି ବଢ଼ିପାରେ, କର୍ଟିସୋଲ ସ୍ତର ବୃଦ୍ଧି ପାଇପାରେ ଏବଂ ଡିହାଇଡ୍ରେସନ୍ ହୋଇପାରେ । ଏହା ବ୍ୟତୀତ ଭୋକ ମଧ କମିଯାଏ, ଯାହା ଦ୍ୱାରା ଆପଣଙ୍କ ଜଳଖିଆ ସଠିକ୍ ଭାବେ ହୋଇପାରେ ନାହିଁ ।

**ପ୍ରତିଦିନ ପରଟା ଖାଇବା:**
ଭାରତୀୟ ଜଳଖିଆରେ ଲୋକେ ପରଟା ଖାଇବାକୁ ପସନ୍ଦ କରନ୍ତି । କିନ୍ତୁ ପ୍ରତିଦିନ ପରଟା ଖାଇବା ଦ୍ୱାରା ଅଧିକ କାର୍ବସ ମିଳିଥାଏ ଏବଂ ପ୍ରୋଟିନ କମ୍ ମିଳେ । ଏହାକୁ ଖାଇବା ଦ୍ୱାରା ପେଟ ଭର୍ତ୍ତି ରହିଥାଏ, କିନ୍ତୁ ଇନସୁଲିନ୍ ସ୍ପାଇକ୍ ହୁଏ । ଏହା ସହିତ ମଧ୍ୟାହ୍ନ ବେଳକୁ ନିଦ ଲାଗିବା ଏବଂ ଶରୀର ଭାରି ଲାଗିବା ମଧ ଅନୁଭବ ହୁଏ ।

**ଇନଷ୍ଟାଣ୍ଟ ଓଟ୍ସ ଖାଇବା:**
'ହେଲଦି' ଭାବି ଇନଷ୍ଟାଣ୍ଟ ଓଟ୍ସ ଖାଇବା ମଧ ସଠିକ୍ ବିକଳ୍ପ ନୁହେଁ । ଏଥିରେ ଫାଇବର କମ୍ ଏବଂ ପ୍ରୋସେସିଂ ଅଧିକ ଥାଏ, ଯାହାଦ୍ୱାରା ବ୍ଲଡ୍ ସୁଗାର ବଢ଼ିପାରେ ଏବଂ ଓଜନ କମାଇବା କଷ୍ଟକର ହୋଇପଡେ।

**ଚା'-ବିସ୍କୁଟ କିମ୍ବା ଫ୍ରୁଟ୍ ଜୁସ୍:**
ସକାଳ ଜଳଖିଆରେ ଯଦି ଆପଣ ଚା'-ବିସ୍କୁଟ କିମ୍ବା ଫ୍ରୁଟ୍ ଜୁସ୍ ନିଅନ୍ତି, ତେବେ ଆପଣଙ୍କୁ ପ୍ରଚୁର ପରିମାଣରେ ମଇଦା, ଚିନି ଏବଂ ଟ୍ରାନ୍ସ ଫ୍ୟାଟ୍ସ ମିଳିଥାଏ । ଏହା ଯୋଗୁଁ ଇନସୁଲିନ୍ ସ୍ପାଇକ୍ ହେବ ଏବଂ ମୋଟାପଣ ବଢ଼ିବାର ଭୟ ରହିବ।

**ଜଳଖିଆ ନ କରିବା:**
ଡାଇଟିଂ ଚକ୍କରରେ ଯଦି ଆପଣ ସକାଳେ କିଛି ଖାଉ ନାହାଁନ୍ତି, ତେବେ ଏହା ମଧ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ । ଏହାଦ୍ୱାରା ମେଟାବୋଲିଜିମ୍ ଧୀମା ହୋଇଯାଏ। ଏହା ବ୍ୟତୀତ ଜଙ୍କ ଫୁଡ୍ ଖାଇବାର କ୍ରେଭିଙ୍ଗ୍ ବଢ଼ିଥାଏ ଏବଂ ମଧ୍ୟାହ୍ନରେ ଅଧିକ ଖାଇବାର ସମ୍ଭାବନା ଅଧିକ ଥାଏ ।




ଗର୍ଭାବସ୍ଥା ପ୍ରତିଟି ମହିଳାଙ୍କ ପାଇଁ ଚ୍ୟାଲେଞ୍ଜଭରା । ଏହି ସମୟରେ ମହିଳାଙ୍କ ଶରୀରରେ ବିଭିନ୍ନ ସମସ୍ୟା ଦେଖାଦେଉଛି । ଏବେ ଗର୍ଭବତିଙ୍କ ମଧ୍ୟରେ ବଢୁଛି ହୃଦ୍ ରୋଗ । ଆଇସିଏମଆର ବା ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ ପକ୍ଷରୁ ଏସସିବି ମେଡିକାଲ କଲେଜ ଦେଢ଼ ବର୍ଷ ଭିତରେ ଏଭଳି ତଥ୍ୟ ଉଦବେଗର କାରଣ ହୋଇଛି । ହୃଦ୍‌ରୋଗ କେତେବେଳେ କାହାକୁ ହେବ, ତାହା କେହି କହିପାରିବେ ନାହିଁ । ପୂର୍ବ ତୁଳନାରେ ଏହା ଅଧିକ ବଢ଼ି ବଢ଼ି ଚାଲିଛି । ବିଶେଷକରି ଗର୍ଭବତୀ, ହୃଦ୍‌ରୋଗରେ ଆକ୍ରାନ୍ତ ହେବା ଅଧିକ ଚିନ୍ତାଜନକ । ଏସ୍‌ସିବିରେ ଆଇସିଏମ୍‌ଆରର ଏକ ଅନୁଧ୍ୟାନ ପ୍ରକଳ୍ପ ରିପୋର୍ଟରେ ଯେଉଁ ତଥ୍ୟ ଆସିଛି, ତାହା ଆଖି ଖୋସିଦେଲା ଭଳି । ପ୍ରାୟ ୧ ହଜାର ଗର୍ଭବତୀଙ୍କ ମଧ୍ୟରୁ ୯୪ ଜଣ ହୃଦ୍‌ରୋଗର ଶିକାର ହୋଇଥିବା ଜଣାପଡ଼ିଛି । ଏଥିରୁ ୪ ଜଣଙ୍କ ମୃତ୍ୟୁ, ୮ ଜଣଙ୍କର ହୃଦ୍‌ରୋଗଜନିତ ଅସ୍ତ୍ରୋପଚାର ହୋଇଛି ଏବଂ ଜଣେ ମହିଳାଙ୍କର ପେସ୍ ମେକର୍ ଲଗାଯାଇଛି । ୮ ଜଣ ମହିଳାଙ୍କ ହୃଦରୋଗ ଜଟିଳ ହୋଇପଡ଼ିଥିବାରୁ ଗର୍ଭପାତ କରାଯାଇଛି । ଏସ୍‌ସିବିରେ ୪ ବର୍ଷ ଧରି ଚାଲିବ ଏହି ପ୍ରକଳ୍ପରେ । ଗର୍ଭାବସ୍ଥାରେ ମହିଳାଙ୍କ ସୁରକ୍ଷିତ ଚିକିତ୍ସା ପ୍ରକଳ୍ପର ଏକମାତ୍ର ଲକ୍ଷ୍ୟ । ଡାକ୍ତରଙ୍କ କହିବା କଥା, ଏହି ସର୍ଭେ ରିପୋର୍ଟ ଗର୍ଭବତୀଙ୍କୁ ଅନେକ ସହାୟତା କରିବ । ପ୍ରଥମେ ମାଡ୍ରାସ ମେଡିକାଲ କଲେଜରେ ଗର୍ଭବତୀ ମହିଳାଙ୍କ ଦ୍ୱାରା ଦେଖାଯାଉଥିବା ହୃଦରୋଗକୁ ନେଇ ଅନୁଧ୍ୟାନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ସାରା ଭାରତର ୫୦ଟି ମେଡିକାଲ କଲେଜରେ ଅନୁଧ୍ୟାନ ଆରମ୍ଭ ହୋଇଥିଲା । ଏସସିବିର ହୃଦରୋଗ ବିଭାଗ ଓ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ ଉପରେ କାମ କରାଯାଉଛି । ସାଧାରଣତଃ ଗର୍ଭବତୀ ସମୟରେ ଶ୍ୱାସକ୍ରିୟାରେ ସମସ୍ୟା, ଧଇଁସଇଁ ଲାଗିବା, ଗୋଡ଼ହାତ ଫୁଲିବା, ଛାତିରେ ଯନ୍ତ୍ରଣା, ମୂର୍ଚ୍ଛା ହୋଇଯିବା ଭଳି ଲକ୍ଷଣ ଦେଖାଯାଇଥାଏ । ଏସସିବିରେ ହୃଦରୋଗ ଚିହ୍ନଟ ହେଲେ, ସେମାନଙ୍କ ଚିକିତ୍ସା ଆରମ୍ଭ ସହିତ ସ୍ୱାଭାବିକ ପ୍ରସବ ନକରି ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଯାଉଛି । ଅସ୍ତ୍ରୋପଚାର ବେଳେ ହୃଦରୋଗ ଜନିତ ସମସ୍ତ ଔଷଧ ପ୍ରଦାନ କରାଯାଉଛି । ଗର୍ଭବତୀ ମହିଳା ମହିଳା କ୍ଷେତ୍ରରେ ହୃଦରୋଗ ବଢୁଥିବାରୁ ସତର୍କ ରହିବା ଜରୁରୀ ହୋଇପଡିଛି ।

## ଘିଅ ଅସଲି ନା ନକଲି ଜାଣିବେ କିପରି ? ଘରେ ଆପଣାନ୍ତୁ 'ଫୁଡ୍ ଫାର୍ମର'ର ସହଜ ଫର୍ମୁଲା



ଦେଶି ଘିଅ ମହଙ୍ଗା ହେବା କାରଣରୁ ବଜାରରେ ଭେଜାଲ ଘିଅ ବିକ୍ରି ଧୁମ୍ ବଢୁଛି । ଏହାକୁ ନେଇ ଗ୍ରାହକ ଭାରି ଚିନ୍ତାରେ । ତେବେ ସୋସିଆଲ ମିଡଆ ଇନଫ୍ଲୁଏନ୍ସର ରେବନ୍ତ ହିମାସିଂଗକା କହିଛନ୍ତି , ଘରେ ଦେଶି ଘିଅର ଶୁଦ୍ଧତା ଜାଣିବାକୁ ଏକ ସହଜ ଉପାୟ ବତାଇଛନ୍ତି । ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଊଝଝଇଓ)ର ପରୀକ୍ଷଣ ଉପରେ ଏହା ଆଧାରିତ । ଶୀତଦିନେ ଭାରତୀୟ ପରିବାରର ଅଧିକାଂଶ ରୋଷେଇ ଘରେ ଘିଅର ବ୍ୟବହାର ଅଧିକ ହୁଏ । ଯଦିଓ ଲୋକେ ଖରା ଦିନରେ ଦେଶି ଘିଅର ବ୍ୟବହାର କମ୍ ହୋଇଥାଏ , କିନ୍ତୁ ଶୀତଦିନେ ପନିପରିବା ଉପରେ ଘିଅ ଦେଇ ପରଟା ଖାଇବାକୁ ଭଲପାଆନ୍ତି । ଦେଶୀ ଘିଅ କୁ ସୁପର ଫୁଡ୍ ଭାବେ ବିବେଚନା କରାଯାଏ । ଦେଶୀ ଘିଅ ମହଙ୍ଗା । ତେଣୁ ଏହାକୁ ଅପମିଶ୍ରିତ କରି ବଜାରରେ ବିକ୍ରି କରୁଛନ୍ତି । ବଜାରରେ ଏବେ ଅନେକ ବ୍ରାଣ୍ଡର ଦେଶୀ ଘିଅ ଉପଲବ୍ଧ , ଯାହା ଲୋକଙ୍କ ପାଇଁ କେଉଁଟି ଅସଲି କୋଉଟା ନକଲି ତାହା ନିର୍ଣ୍ଣୟ କରିବା କଷ୍ଟକର ହୋଇପଡ଼େ । ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ରେଭନ୍ତ ହିମାସିଂଗକା ତାଙ୍କ ମିଡିଆ ଚ୍ୟାନେଲ ' ଫୁଡ୍ ଫାର୍ମର ମାଧ୍ୟମରେ ଲୋକଙ୍କୁ ଖାଦ୍ୟ ଓ ପାନୀୟ ବାବଦରେ ସତର୍କ କରାଇବା ସହ ଘିଅର ଶୁଦ୍ଧତା ପରଖିବାକୁ ସହଜ ଓ ସରଳ ଉପାୟ ବତାଇଛନ୍ତି । ରେଭନ୍ତ ନିକଟରେ ତାଙ୍କ ଇନଷ୍ଟାରେ ଏକ ଟ୍ୱିଟ୍ ସେୟାର କରିଛନ୍ତି । ଘିଅର ଶୁଦ୍ଧତା ପରୀକ୍ଷା କରିବାକୁ ଏକ ପାତ୍ରରେ ଘିଅ ନେବାକୁ ପଡ଼ିବ ଏବଂ ତା'ପରେ ଏଥିରେ ଆୟୋଡିନ୍ ମିଶାନ୍ତୁ । ଦୁଇଟିକୁ ଭଲଭାବେ ମିଶାନ୍ତୁ । ମିଶ୍ର ପରେ ଯଦି ଘିଅର ରଙ୍ଗ ନୀଳ ହୋଇଯାଏ ତେବେ ଜାଣିବେ ଯେ ଆପଣ କିଣିଥିବା ଘିଅ ନକଲି । ଯଦି ଘିଅର ରଙ୍ଗ ବଦଳେନାହିଁ କିମ୍ବା ଇସତ୍ ହଳଦିଆ ଦେଖାଯାଏ ତେବେ ଜାଣିବେ ଆପଣ କିଣିଥିବା ଘିଅ ଶୁଦ୍ଧ ଏବଂ ଅସଲି । ଶୀତଦିନେ ଦେଶି ଘିଅ ମହୌଷଧି ଭଳି କାମ ଦିଏ । ଏହା ଶରୀରରେ ଉଷ୍ମତା ରକ୍ଷା କରିବା ସହ ଶରୀରରେ ରୋଗ ପ୍ରତିଶେଧକ ଶକ୍ତି ଭାବେ କାମ କରେ । ଏହା ଥଣ୍ଡା ଓ ଭାଇରାଲ ସଂକ୍ରମଣକୁ ଆଶଙ୍କା ହ୍ରାସ କରିଥାଏ । ଏହା ପାଚନ ପ୍ରଣାଳୀକୁ ସୁସ୍ଥ ରଖେ । ଶୀତଦିନେ ଦେଶି ଘିଅ ସେବନ କଲେ ଆଣ୍ଠୁ ଗଣ୍ଠି ସମସ୍ୟା ଦୂର ହୁଏ । ଏହା ଚର୍ମକୁ ଶୁଷ୍କ ହେବାକୁ ଦିଏନାହିଁ । ଏହାକୁ ସ୍ନାୟୁ ରୋଗର ଚିକିତ୍ସାରେ ବି ବ୍ୟବହାର କରାଯାଏ । ପ୍ରତିଦିନ ଦୁଇ ନାକ ପୁଡ଼ାରେ ଦୁଇ ଠୋପା ଲେଖାଏଁ ଘିଅ ପକାଇଲେ ମାଇଗ୍ରେନ୍ ସମସ୍ୟା ଦୂର ହେବା ସହ ମୁଣ୍ଡ ବିନ୍ଧା ଯନ୍ତ୍ରଣା ଦୂର ହୁଏ । ଏହା ସ୍ମୃତିଶକ୍ତି ତୀକ୍ଷ୍ଣ କରିଥାଏ

## ଲାଇଟ୍ ଜଳାଇ ଶୋଉଛନ୍ତି କି ? ଜାଣନ୍ତୁ କିପରି ବିଗିଡ଼ିପାରେ ହରମୋନ୍ ସନ୍ତୁଳନ

ଗାଇନେକୋଲୋଜିଷ୍ଟ ଡାକ୍ତର ମିତାଲି ରାଠୋଡ଼ଙ୍କ ଅନୁଯାୟୀ, ଲାଇଟ୍ ଜଳାଇ ଶୋଇବା ଦ୍ୱାରା ମେଲାଟୋନିନ୍ ହରମୋନ୍ ତିଆରିରେ ବାଧା ସୃଷ୍ଟି ହୋଇଥାଏ, ଯାହା ଫଳରେ କର୍ଟିସୋଲ୍ ସ୍ତର ବୃଦ୍ଧି ପାଏ ଏବଂ ଶରୀରର ହରମୋନ୍ ସନ୍ତୁଳନ ବିଗିଡ଼ିଯାଏ। ନିଦ୍ର କେବଳ ଶରୀରକୁ ବିଶ୍ରାମ ଦିଏନାହିଁ, ବରଂ ହରମୋନ୍ ସନ୍ତୁଳନ ବଜାୟ ରଖିବାରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନେକ ଲୋକଙ୍କର ଘରର ଲାଇଟ୍ କିମ୍ବା ବେଡସାଇଡ୍ ଲ୍ୟାମ୍ପ ଜଳାଇ ଶୋଇବାର ଅଭ୍ୟାସ ଥାଏ। ଇନଷ୍ଟାଗ୍ରାମରେ 'ଡକ୍ଟର ୟୁଟେରସ୍' ନାମରେ ପରିଚିତ ଗାଇନେକୋଲୋଜିଷ୍ଟ ଡାକ୍ତର ମିତାଲି ରାଥୋଡ଼ ବୁଝାଇଛନ୍ତି ଯେ, ଏହି ଅଭ୍ୟାସ ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟ ଉପରେ କିପରି ପ୍ରଭାବ ପକାଇପାରେ।

ନିଦ ଏବଂ ହରମୋନ୍‌ର ସିଧାସଳଖ ସମ୍ପର୍କ: ଡାକ୍ତରଙ୍କ କହିବା ଅନୁଯାୟୀ, ହରମୋନ୍ ସନ୍ତୁଳନ ରଖିବାରେ ନିଦର ବହୁତ ବଡ଼ ହାତ ରହିଛି। ଯଦି ଲାଇଟ୍ ଯୋଗୁଁ ନିଦର ଗୁଣବତ୍ତା ନଷ୍ଟ ହୁଏ, ତେବେ ଏହାର ସିଧାସଳଖ ପ୍ରଭାବ ହରମୋନ୍ ଉପରେ ପଡ଼ିଥାଏ। ଋତୁସ୍ରାବ ଚକ୍ରର ବିଭିନ୍ନ ପର୍ଯ୍ୟାୟ, ଯେପରିକି ମେନ୍‌ଷ୍ଟ୍ରୁଆଲ୍, ଫୋଲିକୁଲାର, ଓଭ୍ୟୁଲେଟରି ଏବଂ ଲ୍ୟୁଟିଆଲ୍ ଫେଜ୍ ?ରେ ନିଦରେ ବ୍ୟାଘାତ ଘଟିବା ଏବଂ ଶରୀରର ବାୟୋଲୋଜିକାଲ୍ କ୍ଲକ୍ ବିଗିଡ଼ିବାର ଅଧିକ ସମ୍ଭାବନା ଥାଏ। ହରମୋନ୍ ଉପରେ ପଡ଼ିଥାଏ ସିଧାସଳଖ ପ୍ରଭାବ ରାତିରେ ଆଲୋକ ସଂସ୍ପର୍ଶରେ ଆସିବା ଦ୍ୱାରା ମେଲାଟୋନିନ୍ ହରମୋନ୍ ପ୍ରସ୍ତୁତି କମିଯାଏ। ଏହି ହରମୋନ୍ ଶରୀରକୁ ଶୋଇବାର ସଙ୍କେତ ଦେଇଥାଏ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ତଥା ହରମୋନ୍ ନିୟନ୍ତ୍ରଣରେ ମୁଖ୍ୟ ଭୂମିକା ଗ୍ରହଣ କରେ। ମେଲାଟୋନିନ୍ ହ୍ରାସ ପାଇଲେ ନିଦ ପ୍ରଭାବିତ ହୁଏ, ଯାହା ଫଳରେ ଷ୍ଟ୍ରେସ୍ ହରମୋନ୍ 'କର୍ଟିସୋଲ୍'ର ସ୍ତର ବଢ଼ିଯାଏ। କର୍ଟିସୋଲ୍ ସ୍ତର ଅଧିକ ହେଲେ ଇନ୍‌ସୁଲିନ୍ ନିୟନ୍ତ୍ରଣ ଉପରେ ଖରାପ ପ୍ରଭାବ ପଡ଼େ, ଯାହା ଦ୍ୱାରା ଶରୀରରେ ପ୍ରଦାହ ବୃଦ୍ଧି ପାଏ। ଏହି ସମସ୍ୟା ଆଗକୁ ଯାଇ ହରମୋନ୍ ସନ୍ତୁଳନ ଓ ପ୍ରଜନନ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ।

ଅନ୍ଧାର ରୁମ୍: ଶୋଇବା ସମୟରେ ଘରକୁ ଯେତେ ସମ୍ଭବ ଅନ୍ଧାର ରଖନ୍ତୁ। ଯଦି ରାତିରେ ଚଲାବୁଲା ପାଇଁ ଆଲୋକ ଦରକାର, ତେବେ କୋଣରେ ଗୋଟିଏ ଅତି ଝାପ୍ସା ଲାଇଟ୍ ବ୍ୟବହାର କରିପାରିବେ।

ଆରାମଦାୟକ ପୋଷାକ: ଶରୀରର ତାପମାତ୍ରା ସଠିକ୍ ରଖିବା ପାଇଁ ଢିଲା ଏବଂ ହାଲୁକା ପୋଷାକ ପିନ୍ଧନ୍ତୁ।

ଆବଶ୍ୟକ ବାୟୁ ଚଳାଚଳ ଏବଂ ଶାନ୍ତ, ଥଣ୍ଡା ପରିବେଶ ଗଭୀର ଓ ସୁସ୍ଥ ନିଦ ପାଇଁ ଅତ୍ୟନ୍ତ ଜରୁରୀ।



# ରୁଷିଆରୁ ତୈଳ ଆମଦାନି ଓ ଆମେରିକାର ଶୁଳ୍କ ନୀତି: ଦୋଛକିରେ ଭାରତୀୟ ଅର୍ଥନୀତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ 'ଲିଣ୍ଡସେ ଓ. ଗ୍ରାହାମ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ ଆକ୍ଟ, ୨୦୨୬' ରେ ସ୍ୱାକ୍ଷର କରିଛନ୍ତି, ଯାହା ଭାରତ ପାଇଁ ଏକ ବଡ଼ ଚିନ୍ତାର କାରଣ ପାଲଟିଛି । ଏହି ନୂତନ ଆଇନ ଅନୁଯାୟୀ, ଯଦି ଭାରତ ରୁଷିଆରୁ ଅଶୋଧିତ ତୈଳ ଆମଦାନି ଜାରି ରଖେ, ତେବେ ଭାରତରୁ ଆମେରିକାକୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ବା ଟାରିଫ୍ ଲାଗୁ କରାଯାଇପାରିବ । ଏହି ପଦକ୍ଷେପ ଭାରତର ମହତ୍ୱାକାଂକ୍ଷୀ ରପ୍ତାନି ଲକ୍ଷ୍ୟ ଏବଂ ଦେଶର ଶକ୍ତି ସୁରକ୍ଷା ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ରହିଛି । ଏହି ସମ୍ଭାବ୍ୟ ଶୁଳ୍କ ବୃଦ୍ଧିକୁ ନେଇ ଭାରତ ସରକାରଙ୍କ ପକ୍ଷରୁ ବାରମ୍ବାର ଉଦ୍‌ବେଗ ପ୍ରକାଶ କରାଯାଇଥିଲେ ମଧ୍ୟ ଆମେରିକା ପ୍ରଶାସନ ଏପର୍ଯ୍ୟନ୍ତ ଏହା ଉପରେ କୌଣସି ବିଶେଷ ଧ୍ୟାନ ଦେଇନାହିଁ । ବିଶ୍ୱ ଅର୍ଥନୀତିରେ ନିଜର ସ୍ଥିତିକୁ ସୁଦୃଢ଼ କରିବାକୁ ପ୍ରୟାସ କରୁଥିବା ଭାରତ ପାଇଁ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି, କାରଣ ଏହା ଉଭୟ ଅର୍ଥନୈତିକ ବିକାଶ ଏବଂ କୂଟନୈତିକ ସମ୍ପର୍କର ସନ୍ତୁଳନକୁ ବିଗାଡ଼ି ଦେଇପାରେ ।

ଆମେରିକା ଦ୍ୱାରା ଏହି ଆଇନ ଆଣିବାର ମୂଳ ଉଦ୍ଦେଶ୍ୟ ହେଉଛି ୟୁକ୍ରେନ ସହିତ ଚାଲିଥିବା ଯୁଦ୍ଧରେ ରୁଷିଆର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେବା । ପ୍ରୟାତ ସିନେଟର ଲିଣ୍ଡସେ ଓ. ଗ୍ରାହାମଙ୍କ ଦ୍ୱାରା ପ୍ରସ୍ତାବିତ ଏବଂ ତାଙ୍କ ନାମରେ ନାମିତ ଏହି ଆଇନର ପ୍ରାଥମିକ ଲକ୍ଷ୍ୟ ହେଉଛି ରୁଷିଆକୁ ମିଳୁଥିବା ଯୁଦ୍ଧ ପାଣ୍ଠିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା । ଏହି ଉଦ୍ଦେଶ୍ୟରେ ଆଇନଟି ରୁଷିଆର ଶୀର୍ଷ ନେତୃତ୍ୱ ଏବଂ ଏହାର ସବୁଠାରୁ ବଡ଼ ଶକ୍ତି ବା ତୈଳ ଗ୍ରାହକମାନଙ୍କ ଉପରେ କଠୋର କଟକଣା ଲଗାଇବା ପାଇଁ ବ୍ୟବସ୍ଥା କରିଛି । ନିକଟରେ ଏହି ଆଇନର ଶୀର୍ଷକରେ 'ଏବଂ ଇରାନ' ଶବ୍ଦକୁ ଯୋଡ଼ାଯାଇଛି, ଯାହା ଦର୍ଶାଉଛି ଯେ ଏହି କଟକଣା କେବଳ ରୁଷିଆ ନୁହେଁ ବରଂ ଇରାନ ବିରୋଧରେ ମଧ୍ୟ ଉଦ୍ଦିଷ୍ଟ । ଆଇନରେ କରାଯାଇଥିବା ସଂଶୋଧନ ଅନୁଯାୟୀ, ଇରାନ ଉପରେ ଏହି କଟକଣା ଆଗାମୀ ପାଞ୍ଚ ବର୍ଷ ଅର୍ଥାତ୍ ୨୦୩୧ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ । ଆମେରିକାର ଏହି ନୀତି ବିଶ୍ୱ ତୈଳ ବଜାରରେ ଏକ ବଡ଼ ଧରଣର ଅସ୍ଥିରତା ସୃଷ୍ଟି କରିବାର ସମ୍ଭାବନା ରହିଛି, ଯାହାର ସିଧାସଳଖ ପ୍ରଭାବ ଭାରତ ଭଳି ତୈଳ ଆମଦାନି ଉପରେ ନିର୍ଭରଶୀଳ ରାଷ୍ଟ୍ର ଉପରେ ପଡ଼ିବ ।

ଭାରତ ପାଇଁ ଏହି ଆଇନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ରୁଷିଆରୁ ତୈଳ ଆମଦାନି କରୁଥିବା ଦେଶଗୁଡ଼ିକ ଉପରେ ଏହାର ପ୍ରଭାବ ଏବଂ ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ମାନଦଣ୍ଡ । ଆଇନ କାର୍ଯ୍ୟକାରୀ ହେବାର ୩୦ ଦିନ ପରେ, ଯଦି କୌଣସି ଦେଶ ରୁଷିଆରୁ ତୈଳ ଆମଦାନି ଜାରି ରଖେ ଏବଂ ନିର୍ଦ୍ଧାରିତ ଦୁଇଟି ମୁଖ୍ୟ ମାନଦଣ୍ଡ ମଧ୍ୟରୁ ଗୋଟିଏ ପୂରଣ କରେ, ତେବେ ଆମେରିକା ସେହି ଦେଶର ସାମଗ୍ରୀ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇପାରିବ । ପ୍ରଥମ ମାନଦଣ୍ଡଟି ହେଉଛି, ଯଦି କୌଣସି ଦେଶ ଏହି ଆଇନ ଲାଗୁ ହେବାର ପୂର୍ବ ୧୨ ମାସ ମଧ୍ୟରେ ରୁଷିଆରୁ ଅଶୋଧିତ ତୈଳ ବା ପ୍ରାକୃତିକ ଗ୍ୟାସ ଆମଦାନି କରୁଥିବା ଶୀର୍ଷ ପାଞ୍ଚଟି ଦେଶ ମଧ୍ୟରେ ଥାଏ ଏବଂ ୩୦ ଦିନର ଅବଧି ପରେ ମଧ୍ୟ ଆମଦାନି ଜାରି ରଖେ, ତେବେ ତାହା ଉପରେ ଏହି ଶୁଳ୍କ ଲାଗୁ ହେବ । ଏହି ମାନଦଣ୍ଡଟି ଭାରତକୁ ସିଧାସଳଖ ପ୍ରଭାବିତ କରିବାର ଆଶଙ୍କା ରହିଛି, କାରଣ ଚୀନ୍ ଏବଂ ଭାରତ ହେଉଛନ୍ତି ରୁଷିଆର ଅଶୋଧିତ ତୈଳର ଶୀର୍ଷ ଦୁଇ ଆମଦାନିକାରୀ ଦେଶ । ଫେବୃଆରୀ ୨୦୨୬ ରେ ଆମେରିକାର ସୁପ୍ରିମକୋର୍ଟ ରାଷ୍ଟ୍ରପତି ଟ୍ରମ୍ପଙ୍କ ପୂର୍ବ ଶୁଳ୍କ ବ୍ୟବସ୍ଥାକୁ ଖାରଜ କରିଦେବା ପରେ ଭାରତର ତୈଳ ଆମଦାନିରେ ରୁଷିଆର ଅଂଶବିଶେଷ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ସେହି ସମୟରେ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଦଣ୍ଡନୀୟ ଶୁଳ୍କ ଲଗାଇଥିଲେ । ସର୍ବଶେଷ ତଥ୍ୟ ଅନୁଯାୟୀ, ଜୁଲାଇ ୨୦୨୬ ସୁଦ୍ଧା ଭାରତର ମୋଟ ଅଶୋଧିତ ତୈଳ ଆମଦାନିର ୫୧ ପ୍ରତିଶତରୁ ଅଧିକ କେବଳ ରୁଷିଆରୁ ଆସିଛି । ବର୍ତ୍ତମାନ ପରିସ୍ଥିତିରେ, ଯେତେବେଳେ ହରମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେଉଛି, ମାତ୍ର ୩୦ ଦିନ ମଧ୍ୟରେ ରୁଷିଆରୁ ତୈଳ ଆମଦାନିକୁ ହଠାତ୍ ହ୍ରାସ କରିବା ଭାରତ ପାଇଁ ପ୍ରାୟତଃ ଅସମ୍ଭବ ଅଟେ । ଦ୍ୱିତୀୟ ମାନଦଣ୍ଡଟି ହେଉଛି, ଯଦି କୌଣସି ଦେଶ ରୁଷିଆ ଉପରେ ଲାଗିଥିବା କଟକଣାକୁ ଏଡ଼ାଇବାରେ ସାହାଯ୍ୟ କରୁଥିବା ଶୀର୍ଷ ପାଞ୍ଚଟି ଦେଶ ମଧ୍ୟରେ ଥାଏ । ତେବେ ଏହି କ୍ଷେତ୍ରରେ ଭାରତର ବିପଦ ବହୁତ କମ୍ ରହିଛି, କାରଣ ଭାରତୀୟ ତୈଳ ବିପଣନ କମ୍ପାନୀଗୁଡ଼ିକ ସ୍ପଷ୍ଟ କରିଛନ୍ତି ଯେ ସେମାନଙ୍କର ସମସ୍ତ କ୍ରୟ ଆନ୍ତର୍ଜାତୀୟ କଟକଣାକୁ ଉଲ୍ଲଂଘନ ନକରି ଆଇନଗତ ପରିସର ମଧ୍ୟରେ କରାଯାଇଛି ।

ଏହି ୧୦୦ ପ୍ରତିଶତ ଶୁଳ୍କ କେବଳ ଏକମାତ୍ର ଆର୍ଥିକ ବୋଝ ନୁହେଁ, ବରଂ ଏହା ପୂର୍ବରୁ ଲାଗୁ ହୋଇଥିବା ଅନ୍ୟାନ୍ୟ ଶୁଳ୍କ ସହିତ ଅତିରିକ୍ତ ଭାବେ ଆଦାୟ କରାଯିବ ବୋଲି ଆଇନରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି । ଏଥିରେ ୧୯୭୪ ମସିହାର ଟ୍ରେଡ୍ ଆକ୍ଟର ଧାରା ୩୦୧ ଅଧୀନରେ ଲାଗୁ ହୋଇଥିବା ଶୁଳ୍କ ମଧ୍ୟ ସାମିଲ ଅଛି । ଏହି ଧାରା ଆମେରିକାର ବାଣିଜ୍ୟ ପ୍ରତିନିଧିଙ୍କୁ ବିଦେଶୀ ବାଣିଜ୍ୟ ଅଭ୍ୟାସର ତଦନ୍ତ କରିବା ଏବଂ ଆମେରିକୀୟ ବାଣିଜ୍ୟକୁ କ୍ଷତି ପହଞ୍ଚାଉଥିବା ଦେଶଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ଷମତା ପ୍ରଦାନ କରିଥାଏ । ସେହିପରି ୧୯୬୨ ମସିହାର ଟ୍ରେଡ୍ ଏକ୍ସପାନସନ୍ ଆକ୍ଟର ଧାରା ୨୩୨ ଅଧୀନରେ ମଧ୍ୟ ଶୁଳ୍କ ଲାଗୁ କରାଯାଇପାରିବ, ଯାହା ରାଷ୍ଟ୍ରପତିଙ୍କୁ ଜାତୀୟ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରୁଥିବା ବିଦେଶୀ ସାମଗ୍ରୀ ଉପରେ କଟକଣା ଲଗାଇବାକୁ ଅନୁମତି ଦେଇଥାଏ । ଭାରତ ପାଇଁ ଏହି ଦୁଇଟି ଆଇନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଭାରତ ପୂର୍ବରୁ ହିଁ ଏହି ଆଇନଗୁଡ଼ିକ ଅଧୀନରେ ଶୁଳ୍କର ସମ୍ମୁଖୀନ ହେଉଛି । ଉଦାହରଣସ୍ୱରୂପ, ବାଧ୍ୟତାମୂଳକ ଶ୍ରମ ବ୍ୟବହାର କରି ପ୍ରସ୍ତୁତ ସାମଗ୍ରୀର ଆମଦାନିକୁ ରୋକିବାରେ ଭାରତ ଯଥେଷ୍ଟ ପଦକ୍ଷେପ ନେଇନାହିଁ ବୋଲି ଦର୍ଶାଇ ଆମେରିକା ଧାରା ୩୦୧ ଅଧୀନରେ ଭାରତୀୟ ସାମଗ୍ରୀ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଇଥିଲା । ଏହା ସହିତ ରାଷ୍ଟ୍ରପତି ଟ୍ରମ୍ପ ଧାରା ୨୩୨ ଅଧୀନରେ ଇସ୍ପାତ, ଆଲୁମିନିୟମ୍, ତମ୍ବା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ଉପରେ ଥିବା ଶୁଳ୍କକୁ ବୃଦ୍ଧି କରି ୫୦ ପ୍ରତିଶତ କରିଦେଇଥିଲେ । ଯେହେତୁ ଏହା ସମସ୍ତ ଦେଶ ପାଇଁ ସମାନ ଭାବରେ ଲାଗୁ ହୋଇଥିଲା, ତେଣୁ ଏହା ଭାରତକୁ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଦେଶଗୁଡ଼ିକ ସହିତ ସମାନ ସ୍ତରରେ ରଖିଥିଲା । କିନ୍ତୁ ବର୍ତ୍ତମାନ ଏହିସବୁ ଶୁଳ୍କ ଉପରେ ଅତିରିକ୍ତ ୧୦୦ ପ୍ରତିଶତ ଶୁଳ୍କ ଲାଗୁ ହେଲେ, ତାହା ଆନ୍ତର୍ଜାତୀୟ ବଜାରରେ ଭାରତୀୟ ସାମଗ୍ରୀର ପ୍ରତିଦ୍ୱନ୍ଦ୍ୱିତାକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେବ ଏବଂ ରପ୍ତାନି କ୍ଷେତ୍ରରେ ଭାରତ ବହୁ ପଛରେ ପଡ଼ିଯିବ ।

ତେବେ ଏହି ନୂତନ ଶୁଳ୍କ ତୁରନ୍ତ ଲାଗୁ ହେବ ନାହିଁ ବୋଲି ଆଇନରେ ବ୍ୟବସ୍ଥା ରହିଛି । କୌଣସି ଦେଶ ରୁଷିଆରୁ ତୈଳ ଏବଂ ଗ୍ୟାସ ଆମଦାନି ଜାରି ରଖିଛି କି ନାହିଁ, ତାହା ସ୍ଥିର କରିବା ପାଇଁ ଆମେରିକାକୁ ୩୦ ଦିନର ସମୟ ଲାଗିବ । ଏହି ଅବଧି ଶେଷ ହେବା ପରେ ହିଁ ଆମେରିକା ଆଇନ ଅନୁଯାୟୀ ଶୁଳ୍କ ଆଦାୟ କରିପାରିବ । ଏହା ବ୍ୟତୀତ ଆଇନରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଶୁଳ୍କ ଲାଗୁ ହେବାର ୧୮୦ ଦିନ ମଧ୍ୟରେ ଆମେରିକାର ବାଣିଜ୍ୟ ପ୍ରତିନିଧି, ବୈଦେଶିକ ସଚିବ ଏବଂ ଶକ୍ତି ସଚିବଙ୍କ ସହିତ ପରାମର୍ଶ କରି ପୁନର୍ବାର ସମୀକ୍ଷା କରିବେ । ଏହି ସମୀକ୍ଷାରେ ଗତ ୧୨ ମାସର ତଥ୍ୟ ଆଧାରରେ ରୁଷିଆରୁ ସର୍ବାଧିକ ତୈଳ ଏବଂ ଗ୍ୟାସ ଆମଦାନି କରୁଥିବା ଶୀର୍ଷ ପାଞ୍ଚଟି ଦେଶର ତାଲିକା ପ୍ରସ୍ତୁତ କରାଯିବ। ଏହି ସମୟସୀମା ଭାରତକୁ ନିଜର କୂଟନୈତିକ ଏବଂ ବାଣିଜ୍ୟିକ ରଣନୀତି ପ୍ରସ୍ତୁତ କରିବା ପାଇଁ କିଛି ମାତ୍ରାରେ ସୁଯୋଗ ପ୍ରଦାନ କରୁଥିଲେ ମଧ୍ୟ, ଦୀର୍ଘମିଆଦି ଭିତ୍ତିରେ ଏହା ଏକ ଅସ୍ଥିର ପରିସ୍ଥିତି ସୃଷ୍ଟି କରିବ।

ଭାରତୀୟ ଅର୍ଥନୀତି ଉପରେ ଏହାର ପ୍ରଭାବକୁ ମୁଖ୍ୟତଃ ଦୁଇଟି ପରିସ୍ଥିତି ଆଧାରରେ ବିଶ୍ଳେଷଣ କରାଯାଇପାରିବ । ପ୍ରଥମ ପରିସ୍ଥିତିଟି ହେଉଛି, ଯଦି ଭାରତ ବିପୁଳ ପରିମାଣରେ ରୁଷିଆ ତୈଳ କିଣିବା ଜାରି ରଖେ ଏବଂ ଆମେରିକାର ଶୁଳ୍କ ବୋଝକୁ ସହ୍ୟ କରେ । ଦ୍ୱିତୀୟ ପରିସ୍ଥିତିଟି ହେଉଛି, ଯଦି ଭାରତ ରୁଷିଆରୁ ତୈଳ ଆମଦାନି ହ୍ରାସ କରେ ଏବଂ ସମ୍ଭାବ୍ୟ ଶୁଳ୍କରୁ ନିଜକୁ ରକ୍ଷା କରେ । ଯଦି ଭାରତ ପ୍ରଥମ ବିକଳ୍ପ ବାଛେ, ତେବେ ଅତୀତର ତଥ୍ୟରୁ ଆମେ ଏହାର ଭୟାବହତା ଅନୁମାନ କରିପାରିବା । ଅଗଷ୍ଟ ୨୦୨୫ ରୁ ଫେବୃଆରୀ ୨୦୨୬ ମଧ୍ୟରେ ଯେତେବେଳେ ୫୦ ପ୍ରତିଶତ ଶୁଳ୍କ ବଳବତ୍ତର ଥିଲା, ସେତେବେଳେ ଏହାର ପ୍ରଭାବ ସ୍ପଷ୍ଟ ବାରି ହୋଇପଡ଼ିଥିଲା । ଏପ୍ରିଲରୁ ଅଗଷ୍ଟ ୨୦୨୫ ମଧ୍ୟରେ ଆମେରିକାକୁ ଭାରତର ବାଣିଜ୍ୟିକ ରପ୍ତାନି ଗତ ବର୍ଷ ତୁଳନାରେ ପ୍ରାୟ ୧୮ ପ୍ରତିଶତ ବୃଦ୍ଧି ପାଇଥିଲା । ଭବିଷ୍ୟତରେ ଶୁଳ୍କ ବୃଦ୍ଧିର ଆଶଙ୍କା କରି ରପ୍ତାନିକାରୀମାନେ ଆଗୁଆ ସାମଗ୍ରୀ ପଠାଇଥିବା ଯୋଗୁଁ ଏହି ବୃଦ୍ଧି ଦେଖାଦେଇଥିଲା । କିନ୍ତୁ ଏପ୍ରିଲ ୨୦୨୫ ରୁ ଫେବୃଆରୀ ୨୦୨୬ ର ଦୀର୍ଘ ଅବଧିକୁ ବିଚାରକୁ ନେଲେ, ଆମେରିକାକୁ ରପ୍ତାନି ଅଭିବୃଦ୍ଧି ହାର ମାତ୍ର ୩.୮ ପ୍ରତିଶତକୁ ଖସି ଆସିଥିଲା । ଅଗଷ୍ଟ ମାସରେ ଶୁଳ୍କ ଲାଗୁ ହେବା ପରେ ରପ୍ତାନିରେ ଏହି ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଥିଲା । ସେହି ସମୟରେ ରପ୍ତାନିକାରୀମାନେ ନିଜର ଆମେରିକୀୟ ଗ୍ରାହକମାନଙ୍କୁ ବଜାୟ ରଖିବା ପାଇଁ ବର୍ଦ୍ଧିତ ଶୁଳ୍କର କିଛି ଅଂଶ ନିଜେ ବହନ କରୁଥିଲେ। ମାତ୍ର ୫୦ ପ୍ରତିଶତ ଶୁଳ୍କ ସେମାନଙ୍କ ପାଇଁ ଏକ ଶକ୍ତ ଧକ୍କା ଥିଲା । ବର୍ତ୍ତମାନ ଯଦି ଏହା ୧୦୦ ପ୍ରତିଶତକୁ ବୃଦ୍ଧି ପାଏ, ତେବେ ରପ୍ତାନିକାରୀଙ୍କ ପାଇଁ ଏହି ବୋଝ ସମ୍ଭାଳିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିବ ଏବଂ ଅନେକ ଶିଳ୍ପ ବନ୍ଦ ହେବା ସ୍ଥିତିକୁ ଆସିଯିବ ।

ଅନ୍ୟପକ୍ଷରେ, ଐତିହାସିକ ତଥ୍ୟ ଦର୍ଶାଉଛି ଯେ ଭେନେଜୁଏଲା, ଇରାନ ଏବଂ ରୁଷିଆ ଭଳି ଦେଶରୁ ତୈଳ ଆମଦାନି ହ୍ରାସ କରିବା ପାଇଁ ଭାରତ ଅତୀତରେ ଆମେରିକାର ଚାପର ବଶବର୍ତ୍ତୀ ହୋଇଛି । ଯଦି ଭାରତ ପୁଣିଥରେ ରୁଷିଆରୁ ତୈଳ ଆମଦାନି କମାଇଦିଏ, ତେବେ ଦେଶ ଭିତରେ ଇନ୍ଧନ ଯୋଗାଣ ଏବଂ ଦରଦାମ ଉପରେ ଏହାର ଗମ୍ଭୀର ପ୍ରଭାବ ପଡ଼ିବ । ବର୍ତ୍ତମାନ ହରମୁଜ୍ ପ୍ରଣାଳୀ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାରରୁ ଊର୍ଦ୍ଧ୍ୱ ରହିଛି । ଏଭଳି ସ୍ଥିତିରେ ଭାରତ ପାଇଁ ନୂତନ ତୈଳ ଉତ୍ସ ଖୋଜିବା ଅତ୍ୟନ୍ତ ବ୍ୟୟବହୁଳ ସାବ୍ୟସ୍ତ ହେବ । ସାଧାରଣ ନାଗରିକଙ୍କ ପାଇଁ ଏହାର ଅର୍ଥ ହେଉଛି ପେଟ୍ରୋଲ ଏବଂ ଡିଜେଲ ଦରରେ ଅହେତୁକ ବୃଦ୍ଧି, ଯାହା ପରୋକ୍ଷରେ ମୁଦ୍ରାସ୍ଫୀତିକୁ ବଢ଼ାଇବ । ଆସନ୍ତା ବର୍ଷ ଦେଶର କେତେକ ପ୍ରମୁଖ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଇନ୍ଧନ ଦର ବୃଦ୍ଧି ସରକାରଙ୍କ ପାଇଁ ରାଜନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ କ୍ଷତିକାରକ ପ୍ରମାଣିତ ହେବ । ତେଣୁ ସରକାରଙ୍କ ପାଇଁ ଏହି ନିଷ୍ପତ୍ତି ନେବା ଏକ ଦୋଛକିରେ ଠିଆ ହେବା ସଦୃଶ ଅଟେ, ଯେଉଁଠାରେ ଗୋଟିଏ ପଟେ ରପ୍ତାନି ବଜାରକୁ ରକ୍ଷା କରିବାର ଚାପ ରହିଛି ତ ଅନ୍ୟ ପଟେ ଦେଶର ସାଧାରଣ ଜନତାଙ୍କୁ ଦରଦାମ ବୃଦ୍ଧିରୁ ବଞ୍ଚାଇବାର ଦାୟିତ୍ୱ ରହିଛି । ଏହା ଭାରତର ସାମଗ୍ରିକ ଅର୍ଥନୈତିକ ସ୍ଥିରତା ପ୍ରତି ଏକ ବିରାଟ ବିପଦ ସୃଷ୍ଟି କରିଛି ।

ଏହି ଜଟିଳ ପରିସ୍ଥିତିରୁ ମୁକୁଳିବା ପାଇଁ କିଛି ସମ୍ଭାବ୍ୟ ବାଟ ମଧ୍ୟ ରହିଛି । ଆମେରିକାର ଏହି ନୂତନ ଆଇନରେ ଶୁଳ୍କ ଛାଡ଼ କରିବାର ଏକ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି । ଯଦି ଆମେରିକାର ରାଷ୍ଟ୍ରପତି ଲିଖିତ ଆକାରରେ କଂଗ୍ରେସକୁ ଏହା ପ୍ରମାଣିତ କରନ୍ତି ଯେ ଶୁଳ୍କ ଛାଡ଼ କରିବା ଆମେରିକାର ଜାତୀୟ ସ୍ୱାର୍ଥ ପାଇଁ ଆବଶ୍ୟକ ଏବଂ ଏହାର ଭିତ୍ତିଭୂମି ବର୍ଣ୍ଣନା କରି ଏକ ରିପୋର୍ଟ ପ୍ରଦାନ କରନ୍ତି, ତେବେ ସେ ଏହି ଶୁଳ୍କକୁ ଛାଡ଼ କରିପାରିବେ । ଏହା ବ୍ୟତୀତ ଅନ୍ୟ ଏକ ବିକଳ୍ପ ହେଉଛି ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା । ଯଦି ରୁଷିଆ ଏକ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରେ ଯାହା ୟୁକ୍ରେନର ସରକାରଙ୍କ ଦ୍ୱାରା ଗ୍ରହଣୀୟ ହେବ ଏବଂ ରୁଷିଆ ନିଜର ସମସ୍ତ ସାମରିକ ଶତ୍ରୁତା ତଥା ୟୁକ୍ରେନ ସରକାରଙ୍କୁ ଭାଙ୍ଗିବା ବା ଧ୍ୱଂସ କରିବା ପ୍ରୟାସରୁ ବିରତ ରୁହେ, ତେବେ ଏହି କଟକଣା ହଟିପାରିବ । ତେବେ ବର୍ତ୍ତମାନର ଭୂ-ରାଜନୈତିକ ପରିସ୍ଥିତିକୁ ଦେଖିଲେ ଏହି ଦୁଇଟି ଯାକ ବିକଳ୍ପ ତୁରନ୍ତ କାର୍ଯ୍ୟକାରୀ ହେବାର ସମ୍ଭାବନା କ୍ଷୀଣ ମନେହେଉଛି । ତେଣୁ ଭାରତକୁ ନିଜର କୂଟନୈତିକ ଦକ୍ଷତା ପ୍ରଦର୍ଶନ କରି ଆମେରିକା ସହିତ ଆଲୋଚନା ମାଧ୍ୟମରେ ଏକ ସ୍ଥାୟୀ ସମାଧାନ ବାହାର କରିବାକୁ ପଡ଼ିବ, ଯାହାଦ୍ୱାରା ଦେଶର ଶକ୍ତି ସୁରକ୍ଷା ଏବଂ ରପ୍ତାନି ଅର୍ଥନୀତି ଉଭୟ ସୁରକ୍ଷିତ ରହିପାରିବ । ଏହା ଭାରତୀୟ ବୈଦେଶିକ ନୀତି ପାଇଁ ଏକ ଅଗ୍ନିପରୀକ୍ଷା ସଦୃଶ, ଯେଉଁଠାରେ ନିଜର ଆଭ୍ୟନ୍ତରୀଣ ସ୍ଥିରତା ଓ ଜାତୀୟ ସ୍ୱାର୍ଥକୁ ସର୍ବୋପରି ରଖିବା ନିତାନ୍ତ ଆବଶ୍ୟକ।

# ଏକ ଆଲୋକିତ ରାସ୍ତାର ସନ୍ଧାନରେ



## ଅରୁଣ କୁମାର ସାହୁ

ଏଇମାତ୍ର ପାଳିତ ହୋଇଛି ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ୭୬ ତମ ଜନ୍ମଦିନ। ସାଧାରଣ ପରିବାରରୁ ଆସି ଅସାଧାରଣ ସୋପାନରେ ପହଞ୍ଚି ପାରିଥିବା ଦେଶର ସବୁଠାରୁ ଚର୍ଚ୍ଚିତ ବ୍ୟକ୍ତିତ୍ୱଙ୍କ ଜୀବନ ଓ ଜୀବନୀକୁ ନେଇ ଅନେକ ଚର୍ଚ୍ଚା। ଅନେକ ଖବରକାଗଜ, ପତ୍ରପତ୍ରିକା, ବୈଦ୍ୟୁତିକ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ଆଜି ତାଙ୍କର ଜନ୍ମଦିନ ଅବସରରେ ହେଉଥିବ। ତାଙ୍କର ଜନ୍ମଦିନରେ ଅନେକ ଶୁଭେଚ୍ଛା। କିନ୍ତୁ ସାମାଜିକ ଜୀବନରେ ରହିଥିବା ଏହି ଉତ୍ତୁଙ୍ଗ ବ୍ୟକ୍ତିତ୍ୱଙ୍କର ରାଜନୈତିକ କାର୍ଯ୍ୟାବଳୀର କେବଳ ମାତ୍ର ଗୋଟାଏ ବିନ୍ଦୁକୁ ଛୁଇଁବାରେ ମୋର ଏ ନିବନ୍ଧ ଏକ ଉପକ୍ରମ ମାତ୍ର।

ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବରେ ୨୦୦୧ରେ ଶପଥ ନେବା ଠାରୁ ତାଙ୍କୁ ନେଇ ଭାରତୀୟ ରାଜନୀତିରେ ଅନେକ ଝଡ ବୋହିଛି। ସେଇ ଝଡ ଭିତରେ ବି ସେ ଗୁଜୁରାଟକୁ ଏକ ମଡେଲ ରାଜ୍ୟ ଭାବରେ ସାରା ଭାରତରେ ଉପସ୍ଥାପନା କରିଛନ୍ତି। ହିନ୍ଦୁତ୍ୱର ପୋଷ୍ଟର ବୟ ହିସାବରେ ଉଭୟ ପ୍ରସଂଶା ଏବଂ ସମାଲୋଚନାର ପରିଧି ଭିତରେ ରହି ଆସିଛନ୍ତି। ଏକ ବିକଶିତ ରାଜ୍ୟକୁ ଆହୁରି ଅଧିକ ବିକଶିତ କରିବାରେ ତାଙ୍କର ଅନେକ ଅବଦାନ ଥାଇପାରେ ମାତ୍ର ମୋ ପାଇଁ ତାହା ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ମୋ ପାଇଁ ଯାହା ଅଧିକ ଗୁରୁତ୍ୱ ବହନ କରେ ତାହା ହେଉଛି ସମାଜର ସବୁଠୁଁ ତଳ ଶ୍ରେଣୀରେ ରହୁଥିବା ମଣିଷର ସାମାଜିକ ଜୀବନରେ କିଛି ପରିବର୍ତ୍ତନ ଆଣିପାରିଛି କି ଏକ ସରକାର!!

ଭାରତ ଆଜି ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି। ୭.୮% ଜିଡିପି, ବିଶାଳ ବଜେଟ, ଅର୍ଥନୈତିକ ଅଭିବୃଦ୍ଧି, ସାମରିକ ଶକ୍ତିର ବିକାଶ, ରାଷ୍ଟ୍ରୀୟ ସୁରକ୍ଷା ଇତ୍ୟାଦି ବିଷୟ ଛାଡିଦିଆଯାଉ ଅନ୍ୟ ବିଶେଷଜ୍ଞମାନଙ୍କ ପାଇଁ। ୨୦୧୪ ରେ ଶ୍ରୀ ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ ହେବା ବେଳକୁ ଶ୍ରୀ ରଙ୍ଗରାଜନ କମିଟି ରିପୋର୍ଟ ଅନୁସାରେ ଭାରତର ଜନସଂଖ୍ୟାରୁ ପ୍ରାୟ ୩୬ କୋଟି ଲୋକ ଅତି ଗରିବ ଶ୍ରେଣୀରେ ଆସୁଥିଲେ। କେଉଁ କେଉଁ ଯୋଜନା ଗ୍ରହଣ କରାଯାଇ ସରକାର ସେମାନଙ୍କ ଗରିବୀକୁ ଉନ୍ମୂଳନ କରାଇଲେ ସେ ପରିସଂଖ୍ୟାନ ଭିତରକୁ ବି ମୁଁ ଯାଉ ନାହିଁ ଏଠାରେ। କେବଳ ଏହି ଗରୀବ ଲୋକମାନେ ସେମାନଙ୍କ ଦୈନନ୍ଦିନ ଜୀବନରେ ଭୋଗୁଥିବା ଅସୁବିଧା ଓ କଷ୍ଟର ସାମାନ୍ୟ ଲାଘବ ପାଇଁ ସହଯୋଗୀତାର ହାତ ବଢାଇ ଥିବା ପ୍ରଧାନମନ୍ତ୍ରୀଙ୍କ କିଛି କଥା ଏଠାରେ ନିଶ୍ଚିତ ଭାବରେ ପ୍ରଣିଧାନ ଯୋଗ୍ୟ।

ଗ୍ରାମାଞ୍ଚଳରେ ଜାଳେଣି ସର୍ବଦା ଏକ ସମସ୍ୟା ଭାବରେ ରହିଥାଏ। ଅଭାବୀ ଘରର ଲୋକଙ୍କ ପାଖରେ ନା ଗଛ ଥାଏ କାଠ ପାଇଁ, ନା ଗାଈ ଗୋରୁ ଅଛନ୍ତି ଗୋବର ଘସି ପାଇଁ। ଅତଏବ ପତ୍ର ଇତ୍ୟାଦି ଗୋଟାଇ, ବଣ ଜଂଗଲରୁ ଡାଳ ଯୋଗାଡ କରି, ନଡା ବ୍ୟବହାର କରି ରୋଷେଇ କରିବା ସହିତ ଘରର ସ୍ତ୍ରୀ ଲୋକମାନେ ପ୍ରତ୍ୟେକ ଦିନ ତିନିଥର ଲେଖାଏଁ ପ୍ରଚୁର ଧୂଆଁ ସେବନ କରୁଥିଲେ। ଭାରତ ସରକାରଙ୍କର ଉଜ୍ଜ୍ୱଳା ଗ୍ୟାସ ନୀତି ୧୦.୩୩ କୋଟି ପରିବାରକୁ ମାଗଣାରେ ଗ୍ୟାସ ସଂଯୋଗ କରାଇ ପ୍ରତ୍ୟେକ ଦିନର ରୋଷାଇ ଜନିତ ଚିନ୍ତାରୁ ମୁକ୍ତି ଦେବା ସହିତ ଘରର ସ୍ତ୍ରୀ ଲୋକ ମାନଙ୍କୁ ମଧ୍ୟ ଅନେକ ସମ୍ଭାବିତ ରୋଗରୁ ପ୍ରତିରୋଧ କରିବାର ଏକ ମାଧ୍ୟମ ପ୍ରଦାନ କରିଥିଲେ। ସରକାରଙ୍କର ପରବର୍ତ୍ତୀ ପଦକ୍ଷେପ ପୁଣିଥରେ ଗ୍ରାମୀଣ ଅବସ୍ଥା ଉପରେ କେନ୍ଦ୍ରିତ ହେଲା। ଗାଆଁ ବା ସହରତଳିର ପୁରୁଷ ଲୋକମାନଙ୍କ କଥା ଛାଡନ୍ତୁ ସ୍ତ୍ରୀ ଲୋକମାନେ ସକାଳ ଅନ୍ଧାର ଭିତରେ ନଈ ପୋଖରୀ ଆଡେ ଅଥବା ଟ୍ରେନ ଲାଇନ ଇତ୍ୟାଦିକୁ ବ୍ୟବହାର କରି ଏବଂ ପୁଣି ଲୋଟାଏ ସୀମିତ ପାଣିରେ ନିତ୍ୟ ଶୌଚ ସମାପନ କରୁଥିଲେ। ଦିନ ଭିତରେ ଆସୁଥିବା କୌଣସି ବି ଜରୁରୀ ଅବସ୍ଥାକୁ ସ୍ତ୍ରୀ ଲୋକମାନେ ଚାପିଦେଇ ସଂଧ୍ୟାର ଅନ୍ଧାରକୁ ପୁଣିଥରେ ଅପେକ୍ଷା କରି ରହୁଥିଲେ। ସମସ୍ତ ଜନସାଧାରଣ ଏବଂ ନାରୀମାନଙ୍କ ଇଜ୍ଜତ ପାଇଁ ସରକାର ୧୨ କୋଟି ପରିବାରକୁ ପାଇଖାନା ତିଆରି ପାଇଁ ଅର୍ଥ ଦେଇ ପାଇଖାନା ନିର୍ମାଣ କରାଇବା ସୁନିଶ୍ଚିତ କରାଇଥିଲେ। ଆଜି ଦେଶ ଖୋଲା ଶୌଚ ଏବଂ ଶୌଚ ଜନିତ ଅନେକ ରୋଗରୁ ଅନେକ ମାତ୍ରାରେ ମୁକ୍ତି ପାଇପାରିଛି।

ସେମିତି ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ପିଇବା ପାଣି କୋଟି କୋଟି ଲୋକଙ୍କ ପାଇଁ ଏକ ବିରାଟ ସମସ୍ୟା ହୋଇ ଛିଡା ହୋଇଥିଲା। ଏ ସମସ୍ୟା ଆହୁରି ଉତ୍କଟ ହୋଇଯାଏ ଖରାଦିନେ ଯେତେବେଳେ କୂଅ, ନଳକୂଅ ଏବଂ ନଦୀ ଇତ୍ୟାଦି ଶୁଖିଯାଏ ବା ଜଳସ୍ତର କମିଯାଏ। ୧୬କୋଟି ଘରେ ନଳ ଦ୍ୱାରା ପାଣି ଯୋଗାଇ ଦେଇ ସରକାର ଏକ ଯୁଗାନ୍ତକାରୀ କାର୍ଯ୍ୟ ସଫଳତାର ସହିତ କରିପାରିଛନ୍ତି।

ସେମିତି ବନ୍ୟା ବାତ୍ୟାରେ ଡରି ଡରି ବଞ୍ଚୁଥିବା କଚ୍ଚାଘର ଏବଂ ଝୁମ୍ପୁଡିର ବାସିନ୍ଦାମାନଙ୍କ ପାଇଁ ସରକାର ଏ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ୪ କୋଟି ପକ୍କାଘର ଯୋଗାଇ ସାରିଲେଣି। ଏହା ଖୁବ୍ ବ୍ୟୟ ସାପେକ୍ଷ ହୋଇଥିବାରୁ କଚ୍ଚାଘର ମୁକ୍ତ ଭାରତ କରିବା ପାଇଁ ହୁଏତ ଆଉ କିଛିଦିନ ଲାଗି ଯାଇପାରେ।

ଉଚ୍ଚ ସୁଧରେ ଚାଷ, ବେପାର, ରୋଗ ଇତ୍ୟାଦି ପାଇଁ ମହାଜନ ପାଖରୁ ଟଙ୍କା ଆଣି ତା' ଜାଲରେ ପଡି ସାରା ଜୀବନ ବେଠି ଖଟୁଥିବା ଅନେକ ଦରିଦ୍ର ମଣିଷ ପାଇଁ ସରକାରୀ ବ୍ୟାଙ୍କରେ' ଜନଧନ' ଏକାଉଣ୍ଟ ଖୋଲାଇବା ସରକାରଙ୍କର ଏକ ଅତି ଉଚ୍ଚତମ ଉପଲବ୍ଧି ଥିଲା। ଲୋକଙ୍କୁ ଡାକି ଡାକି ୫୯ କୋଟି ବ୍ୟାଙ୍କ ଏକାଉଣ୍ଟ ଏବଂ ପୁଣି ମାଗଣାରେ ଖୋଲାଇବା ନିଶ୍ଚିତ ଏକ ଦୁରୂହ ବ୍ୟାପାର ଥିଲା। ବ୍ୟାଙ୍କ ଏକାଉଣ୍ଟ ମାଧ୍ୟମରେ ଖାଲି ଯେ ଏମାନେ ମହାଜନର ଜାଲରୁ ମୁକୁଳିଲେ ତାହା ନୁହେଁ। ବ୍ୟାଙ୍କକୁ ଯିବା ଆସିବା ଭିତରେ ସହଜ ସୁଧରେ ଋଣ ଇତ୍ୟାଦି ଆଣିବା ସହିତ ସରକାରୀ ସୁବିଧା ସିଧା ଆସି ସେମାନଙ୍କ ଖାତାରେ ପହଂଚିପାରିଲା ଏବଂ ଏହାଦ୍ୱାରା ସରକାରୀ ଟଙ୍କାର ବାଟମାରଣା ବି ପ୍ରାୟ ଶୂନ୍ୟ ହୋଇଗଲା।

ଏହି ଜନଧନ ଯୋଜନା ହିଁ ପୁଣିଥରେ ସରକାଙ୍କର 'ମୁଦ୍ରା' ଯୋଜନାକୁ ସଫଳ କରାଇଲା। ସାଧାରଣ ବେପାରୀ, ଛୋଟ ଛୋଟ ଦୋକାନୀ, ବିଶ୍ୱକର୍ମା ସଂପ୍ରଦାୟ, ଛୋଟ ଛୋଟ ୱାର୍କସପ, ଛୋଟ ଫାର୍ମ ଇତ୍ୟାଦି ପାଇଁ ଅଳ୍ପ ସୁଧରେ ଟଙ୍କା ପାଇଁ ଏହି ବ୍ୟବସାୟୀମାନେ ଦେଶର ଜିଡିପିରେ ଖୁବ୍ ବିରାଟ ଯୋଗଦାନ କରିପାରିଲେ। ସରକାରୀ ପରିସଂଖ୍ୟାନ ଅନୁସାରେ ଆଜି ପର୍ଯ୍ୟନ୍ତ ପ୍ରାୟ ୫୮ କୋଟି ଲୋକ ୪୦ ଲକ୍ଷ କୋଟି ଟଙ୍କାର ଋଣ ନେଇ ଉପକୃତ ହୋଇସାରିଲେଣି। ଏ ସବୁ ଛୋଟ ଛୋଟ ବ୍ୟବସାୟ ଓ ବାଣିଜ୍ୟ ଦେଶର ଅର୍ଥନୀତି ଓ ବିକାଶକୁ ଖୁବ୍ ବଳ ଦେଇଛି।

ସେମିତି ବାର୍ଷିକ ୬୦୦୦ ଟଙ୍କା ଲେଖାଏଁ କିଷାନ ସମ୍ମାନ ନିଧି ଦେଇ ସରକାର ୧୦ କୋଟି କ୍ଷୁଦ୍ର ଚାଷୀଙ୍କୁ ଏ ପର୍ଯ୍ୟନ୍ତ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ସହାୟତା ଦେଇ ସାରିଲେଣି। ଏଇ ସାମାନ୍ୟ ସାହାଯ୍ୟ ସେମାନଙ୍କ ଦରକାର ସମୟରେ ତାଙ୍କ ବ୍ୟାଙ୍କ ଖାତାରେ ପହଞ୍ଚିଗଲେ କେତେ ଯେ ଆଶ୍ୱସ୍ତ ହୁଅନ୍ତି ସେମାନେ ତାହା ଗ୍ରାମାଞ୍ଚଳର ଲୋକମାନେ ହିଁ ଠିକ୍ ବୁଝି ପାରିବେ। ହୁଏତ ଭବିଷ୍ୟତରେ ଏ ରାଶି ବୃଦ୍ଧି ହୋଇପାରେ। ଆଗେ ସରକାରୀ ଡାକ୍ତରଖାନାରେ କମ୍ପାଉଣ୍ଡରଙ୍କ ଦ୍ୱାରା ସେବିତ ହୋଇ ବଞ୍ଚୁଥିବା ଏବଂ ମରୁଥିବା ଲୋକଙ୍କ ସଂଖ୍ୟା କମ୍ ନଥିଲା। ଆଜିକାଲିର ବିରାଟ ବିରାଟ ରୋଗ ପାଇଁ ଗୋଟେ ଗୋଟେ ପରିବାରର ସମ୍ପତ୍ତି ବିକ୍ରି କରିଦେଲେ ବି ଚିକିତ୍ସା ବାବଦ ଅର୍ଥର ଭରଣା କରିହୁଏ ନାହିଁ। ଏ ବାବଦରେ ଆମ ପାଖରେ ଦାନ ମାଝୀ ଏବଂ ଜିତୁ ମୁଣ୍ଡାମାନଙ୍କର କମ ଉଦାହରଣ ନାହିଁ। 'ଆୟୁଷ୍ମାନ' ଯୋଜନା ମାଧ୍ୟମରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ବାବଦ ଖର୍ଚ୍ଚ ଦେଶ ଓ ସମାଜ ପାଇଁ ଏକ ବିରାଟ ବରଦାନ। ୫୦ କୋଟି ଲୋକଙ୍କ ପାଇଁ ଏ ଯୋଜନା ଗରୀବଙ୍କ ପାଇଁ ଏକ ବଡ ଆଶୀର୍ବାଦ। ବଡ ରୋଗ ହେଲେ ବି ଘର ଲୋକେ ଆଉ ମରିବା ପାଇଁ ଅପେକ୍ଷା କରୁନାହାନ୍ତି। ସେମାନେ ଯେତେବଡ ହସପିଟାଲ ହେଉ ପହଞ୍ଚି ଯାଉଛନ୍ତି। ଏବେ ଏବେ ପୁଣି ସତୁରୀ ବୟସରୁ ଊର୍ଦ୍ଧ୍ୱ ଦେଶର ସମସ୍ତ ବ୍ୟକ୍ତିଙ୍କ ପାଇଁ ମଧ୍ୟ ଏ ଯୋଜନା ସଂପ୍ରସାରଣ କରାଯାଇ ସାରିଲାଣି।



ସେଥି ସହିତ ପୁଣି ୨୦୧୪ ପୂର୍ବରୁ ଯେଉଁ ରେସନ ନୀତି ଥିଲା ତାହା ବଦଳାଇ ୨୩ କୋଟି ଲୋକଙ୍କ ବଦଳରେ ୮୦ କୋଟି ଲୋକଙ୍କୁ ନାମ ମାତ୍ର ଟୋକେନ ପଇସାରେ ଜଣକା ମାସିକ ପାଞ୍ଚ କେଜି ହିସାବରେ ଚାଉଳ ଦେଇ ସରକାର ଦେଶରେ ଅନାହାର ଜନିତ ମୃତ୍ୟୁର ସମ୍ଭାବନାକୁ ଦୂର କରିପାରିଛନ୍ତି। ଏହା ସହିତ ବିଭିନ୍ନ ବୀମା ଯୋଜନା ଏବଂ ପେନସନ ଯୋଜନା ମଧ୍ୟ ସରକାର ଲାଗୁ କରିଛନ୍ତି।

ସରକାରଙ୍କର ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପକୁ ମୁଁ ସ୍ୱାଗତ କରିବି ଯେ ମେଡିକାଲ କଲେଜ ସଂଖ୍ୟା ୩୮୭ ରୁ ୮୨୦ କୁ ବୃଦ୍ଧି କରିବା ସହିତ ମେଡିକାଲ ଛାତ୍ରଙ୍କ ସିଟ୍ ସଂଖ୍ୟା ୫୧୦୦୦ ରୁ ୧.୨୯ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସେଥିରେ ପୁଣି ପ୍ରାଇଭେଟ କଲେଜରେ ମଧ୍ୟ ଏଇ ପିଲାମାନେ ବିନା ଡୋନେସନରେ ପଢିବାର ବ୍ୟବସ୍ଥା କରିଛନ୍ତି। ଦେଶ ଭିତରେ ଏକ ଦୃଢ ସ୍ୱାସ୍ଥ୍ୟ ବ୍ୟବସ୍ଥା ଛିଡା କରାଇବାର ଭିତ୍ତିଭୂମି ହେଉଛି ମେଡିକାଲ କଲେଜ ଏବଂ ସିଟ୍ ସଂଖ୍ୟାର ବୃଦ୍ଧି କରାଇବା। ଅନ୍ୟାନ୍ୟ ଅନେକ ବଡ ବଡ ଶିକ୍ଷା ଅନୁଷ୍ଠାନ ଏବଂ ସିଟ୍ ସଂଖ୍ୟାର ମଧ୍ୟ ଯଥେଷ୍ଟ ବୃଦ୍ଧି ହୋଇଛି।ଏଠାରେ ସେ ସବୁ ବିଷୟ ଉତଥାପନ କରିବାର କାରଣ ନାହିଁ। ଦେଶର ବ୍ୟକ୍ତି ପିଛା ଆୟର ମଧ୍ୟ ବୃଦ୍ଧି ଘଟିଛି। ସେ ପରିସଂଖ୍ୟାନ କେତେ ଠିକ୍ ତାହା ଯଦିଓ ପ୍ରଶ୍ନବାଚୀ ରୋଜଗାର ଆଜି ବି ଦେଶ ପାଇଁ ଏବଂ ଗରୀବ ମଣିଷ ପାଇଁ ସବୁଠାରୁ ବଡ ଆହ୍ୱାନ। ତଥାପି ବଡ ଚାକିରୀ ବିଷୟରେ ନୁହେଁ ସାନ ଚାକିରୀ ବା ରୋଜଗାର ବିଷୟରେ ସାମାନ୍ୟ ଉଲ୍ଲେଖ କରିବି। ଏହି ୧୨ ବର୍ଷ ଭିତରେ ୪୦ ଲକ୍ଷ ଟ୍ରକ ଓ ସାନ ଟ୍ରକ, ୬ ଲକ୍ଷ ଜେସିବି, ୩ ଲକ୍ଷ ଭଳି ହାଇଡ୍ରା ଇତ୍ୟାଦି ଏବଂ ୧୨ ଲକ୍ଷ ଅଟୋ ରିକ୍ସା। ଏମିତି ଏ ୫୦ ଲକ୍ଷ ଗାଡି ମଧ୍ୟ ୭୦ ଲକ୍ଷ ଲୋକଙ୍କୁ ସାଧାରଣ ରୋଜଗାର ଦେଇପାରିଛି। ଅନ୍ୟପକ୍ଷରେ ଇପିଏଫ୍ ରେ ନାମ ଦର୍ଜ ହୋଇଥିବା ନୂତନ ସଦସ୍ୟଙ୍କୁ ନୂତନ ଚାକିରୀ ଭାବରେ ଗ୍ରହଣ କରାଯାଇଥାଏ। ସେ ଦୃଷ୍ଟିରୁ ଦେଖିଲେ ସରକାରୀ ଓ ବେସରକାରୀ, ଚାକିରୀର ସମସ୍ତ ପରିସଂଖ୍ୟାନ ଏଇ ସଂଖ୍ୟାରୁ ହିଁ ମିଳିଯାଇଥାଏ। ପରୀସଂଖ୍ୟାନ ଅନୁସାରେ ୨୦୧୪ରେ ଇପିଏଫ୍ ରେ ପଂଜିକୃତ ହୋଇଥିବା ସମୁଦାୟ କର୍ମଚାରୀଙ୍କ ସଂଖ୍ୟା ୧୨ କୋଟି ଥିବା ବେଳେ ୨୦୨୬ ରେ ସେ ସଂଖ୍ୟା ୨୯ କୋଟିରେ ପହଞ୍ଚିଛି। ଅର୍ଥାତ ସବୁ ଠିକା କର୍ମଚାରୀଙ୍କୁ ମିଶାଇ ୧୭ କୋଟି ନୂତନ ରୋଜଗାର ସୃଷ୍ଟି ହୋଇଛି। ସେଥିରେ ଭାରତ ସରକାର ଏବଂ ରାଜ୍ୟ ସରକାରମାନଙ୍କ କର୍ମଚାରୀ ବି ଅଛନ୍ତି। କିନ୍ତୁ ଏ ସଂଖ୍ୟାରେ ଅଧିକାଂଶରେ ସ୍ୱଳ୍ପ ବେତନଭୋଗୀ ଠିକା କର୍ମଚାରୀ ହିଁ ଅଛନ୍ତି। ତାହାହିଁ ମୋର ବିଷୟ ଥିଲା ସମାଜର ଅତି ତଳ ସ୍ତରରେ ଥିବା ମଣିଷର ଜୀବନଧରଣ ମାନରେ ପରିବର୍ତ୍ତନ ଆଣିବା ପାଇଁ ସରକାର ଓ ପ୍ରଧାନମନ୍ତ୍ରୀଙ୍କ ଭୂମିକା।

ସରକାରଙ୍କ ଅନେକ ନୀତିର ସମାଲୋଚନା କରାଯାଇପାରେ। ମାତ୍ର ଆଜିର ଏ ପ୍ରବନ୍ଧ ଲେଖିବାର ଉଦ୍ଦେଶ୍ୟ ସରକାର ବା ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବାର କଥା ନୁହେଁ। ପୁଣି ଆଜି ଦେଶର ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ। ତାଙ୍କର ଜନ୍ମଦିନରେ ଅତି ଗରିବ ଏବଂ ନିମ୍ନତମ ମଧ୍ୟବିତ ପରିବାରର ଉତ୍ଥାନ ପାଇଁ ନେଇଥିବା କିଛି କଥାର ମୁଁ ଅବତାରଣା କଲି। ହୁଏତ ପ୍ରଧାନମନ୍ତ୍ରୀଙ୍କ ଏ ରାସ୍ତା ଆଗାମୀ ଦିନରେ ଆହୁରି ପ୍ରଶସ୍ତ ହେଉ। କୃଷକମାନଙ୍କ ପାଇଁ ସହାୟତା ରାଶି ଆହୁରି ବଢୁ। ସବୁ ଶ୍ରମିକ ଏବଂ ସମସ୍ତ ପ୍ରକାର କର୍ମଚାରୀମାନଙ୍କର ଭବିଷ୍ୟତ ପାଇଁ ଚଳିପାରିବା ଭଳି ପେନସନର ବ୍ୟବସ୍ଥା କରାଯାଉ। ବେରୋଜଗାରୀ ସମସ୍ୟାରୁ ଦେଶ ମୁକ୍ତି ଲାଭ କରୁ। ଦେଶରେ କେତେ କୋଟିପତି ତିଆରି ହେଲେ ଯେତେ ବଡକଥା ନୁହେଁ ଦେଶର ସମସ୍ତ ଜନତା ରୋଜଗାର ଓ ସମସ୍ତ ମୌଳିକ ସୁବିଧା ସୁଯୋଗ ପାଇ ମୁଣ୍ଡ ଉଠେଇ ଚାଲିପାରିବାର ସାମର୍ଥ୍ୟ ପାଉ ଏହା ହିଁ ଆଜି ଦିନରେ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ପ୍ରାର୍ଥନା ଓ ଆଶା।

+ଭୁବନେଶ୍ୱର
ମୋ: ୯୪୩୭୧୫୫୬୧୭

# ଶିକ୍ଷା କ୍ଷେତ୍ରରେ ଆମ ଜିଲ୍ଲାକୁ ଅଣଦେଖା କାହିଁକି ?



## ସୁବ୍ରତ କର

ଏହି ନୂଆ ସରକାରଙ୍କ ଅମଳରେ ଆମ ଜିଲ୍ଲାକୁ (ବାଲେଶ୍ୱର) ସବୁ କ୍ଷେତ୍ରରେ ଅଣଦେଖା କରାହେଉଛି କାହିଁକି ? ଅଢ଼େଇ ବର୍ଷ ଭିତରେ ଆମ ଜିଲ୍ଲାରେ ଗୋଟାଏ ହେଲେ ନୂଆ ଶିଳ୍ପ ପ୍ରତିଷ୍ଠା ହୋଇନାହିଁ ବା ଭବିଷ୍ୟତରେ ଆଉ ଅଢ଼େଇ ବର୍ଷ ମଧ୍ୟରେ ହେବାର କିଛି ଲକ୍ଷଣ ଦେଖାଯାଉ ନାହିଁ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଶହ ଶହ ଡାକ୍ତର ଏବଂ ନର୍ସ ଅଫିସର ପଦ ଖାଲି ପଡ଼ିଛି । ସ୍ୱାସ୍ଥ୍ୟ ସେବାରେ ମଧ୍ୟ ଆମ ଜିଲ୍ଲା ବିଶେଷ ଅଗ୍ରଗତି କରିପାରି ନାହିଁ। ମେଡିକାଲ କଲେଜ ଅନେକ ଚେଷ୍ଟାରେ ହେଲା ସତ କିନ୍ତୁ ଜନ ସାଧାରଣଙ୍କର ବିଶେଷ କିଛି ଲାଭ ହେଲା ପରି ମନେ ହେଉ ନାହିଁ । ଏ ପର୍ଯ୍ୟନ୍ତ କ୍ୟାନସର, ସ୍ନାୟୁରୋଗ ଏବଂ ଯକୃତ ରୋଗର ବିଶେଷଜ୍ଞର ଅଭାବ ରହିଛି ଏହି ସବୁ ରୋଗରେ ଆକ୍ରାନ୍ତ ରୋଗୀ ସବୁ କଟକ ଭୁବନେଶ୍ୱର ମୁହାଁ। ସବୁ କଷ୍ଟରେ ଏବେ ଏବେ ଜଣ ହୃଦରୋଗ ବିଶେଷଜ୍ଞଙ୍କୁ ଜିଲ୍ଲା ଡାକ୍ତରଖାନାଠାରେ ରୋଗୀ ଦେଖିବା ପାଇଁ ବ୍ୟବସ୍ଥା କରାହୋଇଛି । ଭବିଷ୍ୟତ କହିବ ଏହାର ଭବିଷ୍ୟତ କଣ ହେବ । ଏମ୍ସ ଠାରେ ଦୁଇଦିନ ଯାଗାରେ ଏବେ ୬ ଦିନ କାର୍ଯ୍ୟକ୍ଷମ ହୋଇଛି । ଏଥିରୁ ଆମ ଲୋକେ କେତେ ଲାଭବାନ ହୋଇ ପାରୁଛନ୍ତି ଦେଖିବାର ଅଛି ।

ଏବେ ଆସିବା ଆମ ଜିଲ୍ଲା ରାଜ୍ୟରେ ଶିକ୍ଷାଏକ ନମ୍ବର ଜିଲ୍ଲା । ଦେଖିବା ଏହି କ୍ଷେତ୍ରରେ ଆମେ କେଉଁଠି ଅଛୁ । ଆମ ଜିଲ୍ଲାରେ ସର୍ବମୋଟ ୨୫୦ଟି ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି । ହିସାବ ଅନୁସାରେ ଏହି ବିଦ୍ୟାଳୟ ମାନଙ୍କର ୨୫୦ଟି ପ୍ରଧାନ ଶିକ୍ଷକ ଥିବା ଜାଗାରେ ୨୦୩ ଜଣ ଅଛନ୍ତି ବାକି ୪୭ଟି ଖାଲି ପଡ଼ିଛି। ସ୍ନାତକ ଶିକ୍ଷକ କଳା ବିଭାଗରେ ମୋଟ ୭୫୮ଟି ମଞ୍ଜୁରୀ ପ୍ରାପ୍ତ ପଦ ଜାଗାରେ ୪୨ ଜଣ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିପରି ଗଣିତ ରସାୟନ ଏବଂ ପଦାର୍ଥ ବିଜ୍ଞାନ ପରେ ରହିବା କଥା ୩୭୨ଟି କିନ୍ତୁ ଏଥିରୁ ୨୩ଜଣ ଶିକ୍ଷକ ନାହାନ୍ତି ପ୍ରାଣୀ ବିଜ୍ଞାନ କ୍ଷେତ୍ରରେ ୩୧୨ଟି ମଞ୍ଜୁରୀ ପ୍ରାପ୍ତ ପଦ ପାଇ ୨୮୬ଜଣ ଶିକ୍ଷକ ଅଛନ୍ତି । ହିନ୍ଦି ପାଠ ପଢ଼ାଇବା ପାଇଁ ଜଣର ଅଭାବ ରହିଛି, ଏହା ସହିତ ୨୨ଜଣ କ୍ରୀଡ଼ା ଶିକ୍ଷକଙ୍କର ପଦ ଖାଲି ପଡ଼ିଛି । ଏବେ ଜିଲ୍ଲାର ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଆଶାୟୀ ପ୍ରାର୍ଥି ଏହି ସବୁ ପଦକୁ ପୂରଣ କରିବା ପାଇଁ ସରକାରଙ୍କୁ ଅନୁରୋଧ ଜଣାଇଛନ୍ତି ଏହି ଜିଲ୍ଲାରେ ଏବେ ସର୍ବମୋଟ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପଦ ଖାଲି ପଡ଼ିଛି ଏବଂ ଏଇଥିପାଇଁ ପିଲାମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି । ଏହି ଅଭାବକୁ ପୂରଣ କରିବା ପାଇଁ ଜିଲ୍ଲାରେ ଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି । ଏବେ ଜିଲ୍ଲାବାସୀ ଦେଖିବେ ଏହି ପଦ ପଦବୀଗୁଡ଼ିକ ସରକାରଙ୍କ ତରଫରୁ କେତେ ଶିଘ୍ର ପୂରଣ କରା ହୋଇପାରୁଛି ? ଏହାର ଉପରେ ନିର୍ଭର କରୁଛି ପିଲାଙ୍କ ପାଠପଢ଼ା ଏବଂ ଜିଲ୍ଲାର ଶିକ୍ଷିତ ହାର ବାଲେଶ୍ୱର ଜିଲ୍ଲା ଏକ ନମ୍ବର ଏବଂ ରହୁ ଏକ ନମ୍ବର ।

କବିତା କୋଣାର୍କ

## ସବୁଥିରେ ସ୍ଥିତପ୍ରଜ୍ଞ

### ନିରଞ୍ଜନ ସାହୁ



ମାନ ସନମାନ,
ନାନା ଅପମାନ
ଜୀବନେ ମିଳିଛି ଯେତେ
ତାହାର ହିସାବ
ଖୋଜିଲେ ମିଳେନି
ଖୋଜିବି ଅବା ମୁଁ କେତେ ?
ସମ୍ମାନ ମିଳିଲେ
ଖୁସି ହୋଇନାହିଁ
ଅପମାନେ ଦୁଃଖ ନାହିଁ
ନିର୍ବିକାର ହୋଇ ଜୀବନ ଜୀଇଁଛି
ସ୍ଥିତପ୍ରଜ୍ଞ ପରି ଚାହିଁ
ମାନ, ଅପମାନ ସବୁ ତ ସମାନ
ଭାବିନାହିଁ ମୁହିଁ ଏତେ ।
ଖାଲି ହାତେ ଆସି ଖାଲି ହାତେ ଯିବି
ଏକଥା ଭଲକି ଜଣା
ସେଥିପାଇଁ ମୁହିଁ ଯାହା ପାଇଅଛି
ମନ କରିନାହିଁ ଊଣା
ହାରିବା ଜିତିବା ସାଧାରଣ କଥା
ଭାବୁନାହିଁ ଜମା ସେତେ ।
ଯାହା ଘଟିବାର ଥିଲା ଘଟିଅଛି
ବିଧିର ବିଧାନ ଯାହା
କିଏ ତାକୁ ଆନ କରିପାରିବ ଯେ
ମୁଁ କରିପାରିନି ତାହା
ଆଧ୍ୟାତ୍ମିକ ମାର୍ଗେ ଯାଇକି ଭାବିଲେ
ମଣିଷ ଏମିତି ଚେତେ ।
ଭଲ କହିଦେଲେ ଉଚ୍ଚ ହେବିନାହିଁ
ଦୁଇ ଚାରି ହାତ କେବେ
ଖରାପ କହିଲେ ନୀଚ ହେବିନାହିଁ
ଏତେ ଚିନ୍ତା କିମ୍ବା ତେବେ
ସବୁ ଅବସ୍ଥାରେ ସ୍ଥିର ଚିତ୍ତ ହୋଇ
ବୁଝାଏ ନିଜକୁ ତେତେ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ତୁମେ

### ବସନ୍ତ କୁମାର ପ୍ରଧାନ



ତୁମେ ମୋ ଜୀବନ ବାଇଶି ପାବଚ୍ଛ
ମୋ ପ୍ରେମ ଶେଷ ଠିକଣା,
ତୁମେ ଅନୁଭବର ଯେ ଆକର୍ଷଣ
କର ମୋତେ ଆନମନା ।

ତୁମେ ମୋ ସାବିତ୍ରୀ ବଞ୍ଚି ରହିଅଛ
ପ୍ରତିଟି ସ୍ପନ୍ଦନେ ମୋର,
ତୁମେ ବିଶ୍ୱାସର ପ୍ରାଣପକ୍ଷୀ ମୋର
ଭରସା ମୁହିଁ ତୁମର ।

ତୁମେ ଅପାଶୋରା ଜହ୍ନରାତିଟିଏ
ତୁମେ ମୋ ମଧୁମାଳତୀ,
ତୁମେ କବିତାର ଉତ୍ସଟିଏ ମୋର
ତୁମେ ମୋର ମଧୁଗୀତି ।

ତୁମେ ମୋ'ଆନନ୍ଦ
ଉତଫେଣ ବେଳାରେ
ପ୍ରୀତିପୁର୍ବା ମୋନାଲିସା,
ତୁମେ ହିଁ ଲହୁ ଲୁହାଣ ବେଳାରେ
ଦେଇଛ ଦମ୍ଭ ଭରସା ।

+ହରିହରପୁର, ଛେଣ୍ଡିପଦା,
ଅନୁଗୋଳ.

ସ୍ୱାତି ଦାସ



## ଅଭିମାନ

ସୁଲୋଚନାଙ୍କର ସେହି ଶେଷ ଲିଖିତ ଡ଼ାଇରୀଟିକୁ ଛାତିରେ ଜାବୁଡି ଧରି, ଅତୀତର ସେହି ପୁରୁଣା ସ୍ମୃତିକୁ ମନେ ପକଉଥାନ୍ତି ପ୍ରଦୀପ। ସତରେ କଣ ସୁଲୋଚନା ମୋ ଉପରେ ଅଭିମାନ କରି ଛାଡି ଚାଲିଗଲେ ନା' ମୋ ଭଲ ପାଇବାରେ କୌଣସି ଦୋଷ ତ୍ରୁଟି ରହିଯାଇଥିଲା । ଏମିତି ଅନେକ ପ୍ରଶ୍ନ ଆଜିବି ତାଙ୍କ ମନକୁ ଆନ୍ଦୋଳିତ କରିପକାଏ ।

ସତରେ ପ୍ରେମର ପରିଭାଷା କେତେ ଯେ କଷ୍ଟ, କେତେବେଳେ ମଣିଷ ପାଇବା ପାଇଁ ଲଢେଇ କରେ ତ ପୁଣି କେତେବେଳେ ତ୍ୟାଗ।

ଆଜକୁ ପ୍ରାୟ ପାଞ୍ଚ ବର୍ଷ ତଳେ ସୁଲୋଚନା ଓ ପ୍ରଦୀପଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା ଏକ ଛୋଟିଆ ମାଗାଜିନରୁ। ପେସାରେ ପ୍ରଦୀପ ଥିଲେ ଜଣେ ସଫ୍ଟୱେର ଇଞ୍ଜିନିଅର କିନ୍ତୁ ତାଙ୍କର ଲେଖା ଲେଖିରେ ବି ଆଗ୍ରହ ଥିଲା । ସେଥିପାଇଁ ସେ କର୍ମ କ୍ଷେତ୍ରରୁ ଟିକେ ଅବସର ସମୟ ମିଳିଲେ ବସି ସାପ୍ତାହିକ ମାଗାଜିନ ପଢ଼ନ୍ତି । ଦିନେ ଏମିତି ଗୋଟେ ମାଗାଜିନ ପଢୁ ପଢୁ ଗୋଟିଏ ଗଳ୍ପ ପ୍ରଦୀପଙ୍କୁ ବହୁତ ପସନ୍ଦ ଆସିଲା । ଗଳ୍ପଟିର ଶୀର୍ଷକ ଥିଲା ଚନ୍ଦ୍ରକାନ୍ତା। ଗଳ୍ପ ଟିର ତଳେ ଲେଖା ଥିଲା ସୁଲୋଚନା ଦାସ, କଟକ ଓ ଏହା ସହ ଗୋଟେ ଫୋନ ନମ୍ବର।

ପ୍ରଦୀପ ସେଇ ନିମ୍ନ ଲିଖିତ ନମ୍ବରରେ ଫୋନ କରିବାକୁ ଲାଗିଲେ। ସେପଟୁ କେହି ଜଣେ ମହିଳା ଫୋନ ଉଠାଇ କହିଲେ :- ହ୍ୟାଲୋ ! କିଏ କହୁଛନ୍ତି

- ମାଡାମ ମୁଁ ପ୍ରଦୀପ କହୁଛି । ସାପ୍ତାହିକ ମାଗାଜିନରେ ପ୍ରକାଶିତ ଆପଣଙ୍କ ଲେଖା ଚନ୍ଦ୍ରକାନ୍ତାଟି ବହୁତ ଭଲ ହୋଇଛି। ସତରେ ମନକୁ ଛୁଇଁଗଲା ପରି ଗଳ୍ପଟିଏ । ଆଜିର ଆଧୁନିକ ଯୁବପୀଢ଼ି ଉପରେ ନିଶ୍ଚିତ ରୂପେ ପ୍ରଭାବ ପକାଇବ।

-ସେପଟୁ ଉତ୍ତର :- ଧନ୍ୟବାଦ

-ମୁଁ ଆପଣଙ୍କର ଆଉ କିଛି ଲେଖା ପଢି ପାରିବି କି ?

- ହଁ ନିଶ୍ଚିତ !

ମୁଁ ଏହା ପୂର୍ବରୁ ଅନେକ ଗଳ୍ପ ଓ କବିତା ଲେଖିଛି, ଆପଣ ଚାହିଁଲେ ପଢିପାରିବେ।

ସେହି ଗୋଟିଏ ଫୋନ କଲରୁ ହିଁ ଦୁହେଁ ବନ୍ଧୁ ହୋଇଯାଇଥିଲେ। ଏମିତି ପ୍ରାୟ ସମୟରେ ଦୁହିଁଙ୍କ ଭିତରେ ବାର୍ତ୍ତାଳାପ ଚାଲେ । ଏମିତି କଥା ହେଉହେଉ ସେମାନେ ଅତି ନିବିଡ଼ ହେବାକୁ ଲାଗିଲେ। ନିଜ କାର୍ଯ୍ୟ ବ୍ୟସ୍ତତାରୁ ଦୁହେଁ ସମୟ ପାଇଲେ ଦେଖା ବି କରନ୍ତି । ଶେଷରେ ଏହି ବନ୍ଧୁତ୍ୱ ପ୍ରେମ ଓ ତାପରେ ବିବାହର ରୂପ ନେଇଥିଲା । ବିବାହର କିଛି ଦିନ ଦୁହିଁଙ୍କର ସୁଖରେ କଟି ଯାଇଥିଲା। କିନ୍ତୁ ମଣିଷର ସବୁଦିନ ସମାନ ଯାଏନି । ବିବାହ ପୂର୍ବର ସମୟ ଓ ତା ପରର ସମୟ ଭିତରେ ବହୁ ତଫାତ ଥାଏ । କୁହନ୍ତି ପ୍ରେମ ଯେତିକି ସୁନ୍ଦର, ସେତିକି କଷ୍ଟଦାୟକ ମଧ୍ୟ । ବିରହ, ବିଚ୍ଛେଦ ଏହା ତ ପ୍ରେମର ଗୋଟିଏ ଗୋଟିଏ ସୋପାନ । ଯିଏ ଏହି ସୋପାନକୁ ଅତିକ୍ରମ କଲା ସେ ଜିତିଗଲା, ଆଉ ଯେ ଥକି ଗଲା ସେ ହାରି ଗଲା। ଏହି ପ୍ରେମ କାହା ଜୀବନ ରେ ପୁନେଇଁ ଜହ୍ନ ଆଣେ ତ ପୁଣି କାହା ଜୀବନରେ ମରୁଭୂମିର ସପ୍ତଫେଣି କଣ୍ଟା । ଠିକ ଏମିତି କିଛି ଘଟିଥିଲା ପ୍ରଦୀପ ଓ ସୁଲୋଚନାଙ୍କ ଜୀବନରେ। ବିବାହର ପ୍ରାୟ ଏକ ବର୍ଷ ପରେ ଏକ ସଡ଼କ ଦୁର୍ଘଟଣା ରେ ତାଙ୍କର ଦୁଇଟି ଗୋଡ଼ ସମ୍ପୂର୍ଣ୍ଣ ରୂପେ ଅକାମି ହୋଇଗଲା। ସେ ସମ୍ପର୍କ ରୂପେ ଶଯ୍ୟାସାୟୀ ହୋଇ ପଡିରହିଲେ। ଯାହା ଦ୍ୱାରା ଘରେ ଶାଶୁ ଶଶୁର ଓ ଭିନ୍ନକ୍ଷମ ସ୍ୱାମୀର ବୋଝ ସୁଲୋଚନାଙ୍କୁ ଉଠାଇବାକୁ ପଡିଥିଲା । ଧୀରେ ଧୀରେ ପରିବାରର ଆର୍ଥିକ ପରିସ୍ଥିତି ଖରାପ ହେବାକୁ ଲାଗିଲା । ଶେଷରେ ଏଇ ଆର୍ଥିକ ବୋଝକୁ ସଂଭାଳିବାକୁ ଯାଇ ସୁଲୋଚନା ଏକ କଲସେଣ୍ଟରରେ କାମ କରିବାକୁ ସ୍ଥିର କଲେ। କୁହାଯାଏ ପ୍ରତିକୂଳ ପରିସ୍ଥିତି ରେ ଯିଏ ସର୍ବାଧିକ ଧର୍ଯ୍ୟ ଧରିପାରେ ସେ ହିଁ ନାରୀ । ସେଥି ପାଇଁ ତ ନାରୀ ପ୍ରସବ ବେଦନାକୁକୁ ଅତି ସହଜ ରେ ସହ୍ୟ କରିନିଏ। ସୁଲୋଚନା ଆଗରେ ଏବେ ଦୁଇଟି ଦାଇତ୍ୱ, ନିଜ ଘର ସଂସାର କଥା ବୁଝିବା ସହ କର୍ମ କ୍ଷେତ୍ରକୁ ମଧ୍ୟ ଠିକ ସମୟ ଦେବାକୁ ପଡିବ। ବେଳେବେଳେ ସୁଲୋଚନାର କାର୍ଯ୍ୟ ବ୍ୟସ୍ତତାରେ ଅବହେଳିତ ହୁଅନ୍ତି ପ୍ରଦୀପ। ଚାକିରୀ ଓ ଘରର ଦାୟିତ୍ୱ ଭିତରେ ଯେମିତି ଛନ୍ଦି ହୋଇଯାଏ ସେ । ବେଳେ ବେଳେ ଅଫିସରୁ ଫେରିବାରେ ବିଳମ୍ବ ହୋଇଯାଏ ସୁଲୋଚନାଙ୍କର। ଏଥିପାଇଁ ଶାଶୁଙ୍କଠୁ ବହୁ କଥା ଶୁଣିବାକୁ ପଡେ।

- ପ୍ରଦୀପଙ୍କର ଅଭିଯୋଗ :-

ତମେ ଆଉ କାର୍ଯ୍ୟ ବ୍ୟସ୍ତତାରେ ଆମ ଘର ସଂସାର କଥା ଭୁଲିଯାଉନ ତ ?

- ତୁମେ ବୁଝିବାକୁ ଚେଷ୍ଟା କର, ବେଳେବେଳେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ମୋତେ ଫେରିବାରେ ବିଳମ୍ବ ହଉଛି। ଆଉ ତମେ ତ ଜାଣିଛ କଲସେଣ୍ଟରରେ ଦଶ ଘଣ୍ଟିଆ ଖଟଣି।

ଏଥର ସୁଲୋଚନାଙ୍କ ଉତ୍ତରରେ ପ୍ରଦୀପ ସାମାନ୍ୟ ପଶ୍ଚାତାପ କଲେ । କିନ୍ତୁ କାହିଁକି କେଜାଣି ସନ୍ଦେହଟା ପୁଣି ମନକୁ ଆନ୍ଦୋଳିତ କରୁଥିଲା ପ୍ରଦୀପଙ୍କୁ । ଏମିତି ଧୀରେ ଧୀରେ ଦୁହିଁଙ୍କ ଭିତରେ



ଦୂରତ୍ୱ ବଢିବାକୁ ଲାଗିଲା।

ସେଦିନ ସୁଲୋଚନାଙ୍କର ଅଫିସରୁ ଫେରିବାରେ ଅନେକ ବିଳମ୍ବ ହୋଇଛି । ରାତି ଆସି ନଅଟା' ହେଲାଣି, ସେପଟୁ ଫୋନ କି ମେସେଜ ନାହିଁ । ଏଥର ପ୍ରଦୀପଙ୍କ ମନରେ ଚିନ୍ତା ବଢିବାକୁ ଲାଗିଲା। ଆଜିପର୍ଯ୍ୟନ୍ତ କେବେ ସୁଲୋଚନାଙ୍କର ଏତେ ଲେଟ ହୋଇନଥିଲା। ଏଥର ନିଜ ଅକ୍ଷମତାକୁ ଦୋଷ ଦେବା ବ୍ୟତୀତ ପ୍ରଦୀପ ଆଉକିଛି କରିପାରନ୍ତିନି । ଏହି ଅକ୍ଷମତା ହିଁ ମଣିଷ ଭିତରେ ହୀନମନ୍ୟତାକୁ ଜନ୍ମ ଦିଏ, ହୀନମନ୍ୟତାରୁ ପୁଣି ଅସୁରକ୍ଷା ଭାବ ଓ ଶେଷରେ ସନ୍ଦେହ। ଯେତେବେଳେ ସନ୍ଦେହର ପରିମାଣ ଅଧିକ ହୋଇଯାଏ, ସେତେବେଳେ ମଣିଷ ନିଜର ସମସ୍ତ ହିତାହିତ ଜ୍ଞାନକୁ ଭୁଲିବାକୁ ଲାଗେ। ଏମିତି ଅପେକ୍ଷା କରୁ କରୁ ପ୍ରଦୀପଙ୍କ ଆଖି ଲାଗି ଯାଇଛି। ସେପଟୁ ଫୋନଟା ଜୋରରେ ବାଜି ଉଠିଲା । ପ୍ରଦୀପ ହଠାତ ନିଦରୁ ଉଠିପଡ଼ି ଦେଖିଲେ ସୁଲୋଚନା ର କଲ।

- ହେଲୋ ! ତୁମେ କେଉଁଠି ଅଛ ?

ରାତି ଆସି ନଅଟା ହେଲାଣି, ତୁମର ମନେ ଅଛି ତ ତୁମର ଗୋଟେ ଘର ଅଛି ବୋଲି !

- ଆଜି ମୋର ଗୋଟେ ଇମ୍ପୋଟାଣ୍ଟ ମିଟିଙ୍ଗ ଥିଲା ତ ସେଥି ପାଇଁ ମୋବାଇଲକୁ ସୁଇଚଅଫ କରିଦେଇଥିଲି, ମୁଁ ଏଇ କିଛି ସମୟ ପରେ ଘରେ ପହଁଚୁଛି ! ତମେ ବ୍ୟସ୍ତ ହୁଅନି ।

- ହଁ ମୁଁ ବେରୋଜଗାର, ଅଯୋଗ୍ୟ, ଅକ୍ଷମ, ଘରେ ବସିଛି । ଏତକ କହି ପ୍ରଦୀପ ଫୋନ କାଟିଦେଲେ। ସୁଲୋଚନାଙ୍କୁ ହରାଇଦେବାର ଭୟ ସବୁବେଳେ ପ୍ରଦୀପଙ୍କୁ ଘାରିଯାଉଥିଲା।

ଏପଟେ ସୁଲୋଚନା ଭାବୁଥାଏ, କାହିଁକି ଭଗବାନ ନାରୀ ଓ ପୁରୁଷଙ୍କର ସହିବାର ଶକ୍ତିକୁ ସମାନ କଲେନି । ପ୍ରଦୀପ ବି ପୂର୍ବରୁ ଏମିତି ଲେଟ ନାଇଟରେ ଘରକୁ ଫେରନ୍ତି, କିନ୍ତୁ ସେ ତ କେବେ ପ୍ରଶ୍ନ କରିନି ତାଙ୍କୁ । କିନ୍ତୁ ଆଜି ତା ପ୍ରତି ଏତେ ସନ୍ଦେହ କଣ ପାଇଁ ? ଯୁଗେ ଯୁଗେ ନାରୀ ହିଁ କାହିଁକି ସର୍ବଦା ସହିଥାଏ। ଏମିତି ଭାବୁ ଭାବୁ ସେ କେତେବେଳେ ଯେ ସେ ଘରେ ପହଂଚି ଯାଇଁଛନ୍ତି ସେ ନିଜେ ବି ଜାଣିନାହାଁନ୍ତି । ଘରେ ପଶି ସେ ଦେଖନ୍ତି ତ ସମସ୍ତଙ୍କ ବ୍ୟବହାର ରେ ଏକ ବିରାଟ ପରିବର୍ତ୍ତନ । ସେ ଦିନ କେହି ବି ସୁଲୋଚନାଙ୍କ ସହ ଭଲ ରେ କଥା ହେଲେନି। ଶାଶୁ ରାଗରେ ଶୁଣେଇ ଦେଇଗଲେ :-

ଆଜିଠୁ ତୋର ଆମ କଥା ବୁଝିବା ଦରକାର ନାହିଁ । ତୋରି ପାଇଁ ଆମକୁ ବାର ଆଡୁ ବାର କଥା ଶୁଣିବାକୁ ପଡୁଛି, ଆଉ ଖାସ ତୋରି ପାଇଁ ମୋ ପୁଅ ଏତେ କଷ୍ଟ ପାଉଛି ।

ଅବଶ୍ୟ ଶାଶୁଙ୍କ ମୁହଁରୁ ଏପରି କଥା ସୁଲୋଚନା ପାଇଁ କିଛି ନୁଆ ନଥିଲା। ଆଗରୁ ମଧ୍ୟ ସେ ବହୁ କଥା ଶୁଣିସାରିଥିଲେ। ସେପଟୁ ପ୍ରଦୀପ ଜୋର ରେ ପାଟି କରି କହିଲେ :-

- ବଉ ଠିକ କହୁଛି, ତମର ଆଉ ଆମ କଥା ବୁଝିବା ଦରକାର ନାହିଁ । ଆଉ ହଁ, ସାଇପଡିଶା ଲୋକ ବି କିଛି ଭୁଲ କହୁନାହାନ୍ତି ! କିଏ ଜାଣେ ତୁମେ ଅଫିସ ଯିବା ବାହାନା ରେ ଆଉ କିଛି କରୁନଥିବ...।

ନିଶ୍ଚିତ ତମର ଆଉ କଉ ପୁରୁଷ ବନ୍ଧୁ ସହ ସମ୍ପର୍କ ଥିବ। କାରଣ ଏ ଭିନ୍ନକ୍ଷମ ସ୍ୱାମୀ ଆଜି ତମ ପାଇଁ ବୋଝ ପାଲଟି ଯାଇଛି ନା !!

ପ୍ରଦୀପଙ୍କ ମୁହଁରୁ ଏପରି କଥା ସୁଲୋଚନା କେବେବି ଆଶା କରି ନ ଥିଲେ। ସବୁ ନାରୀର ବି ଗୋଟେ ସହିବାର ସୀମା ଥାଏ କିନ୍ତୁ ତାର ଚରିତ୍ର ଉପରେ ଯେତେବେଳେ ଆଞ୍ଚ ଆସେ ସେ କେବେ ବି ଚୁପ ହୋଇ ବସେ ନାହିଁ । କିନ୍ତୁ ସୁଲୋଚନା ସବୁ ଶୁଣି ବି ସେଦିନ ଚୁପ ଥିଲେ କେବଳ ଅଭିମାନରେ। କିନ୍ତୁ କେବେ ସେ ପ୍ରଦୀପଙ୍କ ଉପରେ ନିଜର ରାଗ ପ୍ରକାଶ କରିନାହାଁନ୍ତି କାରଣ ସେ ଜାଣିଥିଲେ ରାଗିବା ବଦଳ ରେ କାନ୍ଦିବା ଭଲ କାହିଁକି ନା, ରାଗ ଅନ୍ୟକୁ କଷ୍ଟ ଦିଏ କିନ୍ତୁ ଲୁହ ଚୁପ ଚାପ ଆଖିରୁ ବହି ହୃଦୟକୁ ସ୍ୱଚ୍ଛ କରେ.....।

ଏମିତିରେ ଛଅ ମାସ ବିତିଯାଇ ଥାଏ। ସବୁ ନିର୍ଯାତନା ପରେ ମଧ୍ୟ ସୁଲୋଚନା ଆଶା ଛାଡି ନଥିଲେ। ନିଜର କର୍ତ୍ତବ୍ୟରେ ସେ କେବେବି ଅବହେଳା କରିନାହାନ୍ତି । ପ୍ରଦୀପ ମଧ୍ୟ ଧୀରେ ଧୀରେ ଭଲ ହେବାକୁ ଲାଗିଲେଣି।

ସେଦିନ ରବିବାର ଥାଏ, ହଠାତ ପ୍ରଦୀପ ସକାଳୁ ଉଠି ଡାକି ଉଠିଲେ :-

- ସୁଲୋଚନା !

ସୁଲୋଚନା !

ତୁମେ କେଉଁଠି ଅଛ ଜଲଦି ଆସ.....। ଦେଖ ମୁଁ ଆଜି ମୋ ଗୋଡ ରେ ଚାଲି ପାରୁଛି।

ସେଦିନ ପ୍ରଦୀପ ସୁଲୋଚନାଙ୍କୁ ବହୁ ଖୋଜିଲେ କିନ୍ତୁ ପାଇନଥିଲେ। ଫୋନ କଲେ ମଧ୍ୟ ସେପଟୁ କୌଣସି ଉତ୍ତର ମିଳିନଥିଲା । ପ୍ରଦୀପ ଭାବିଲେ ବୋଧେ ସୁଲୋଚନା କୌଣସି କାମରେ ବାହାରକୁ ଯାଇଥିବେ, ସନ୍ଧ୍ୟା ସୁଦ୍ଧା ସେ ଫେରିଲେ ଏ ଖୁସି ଖବରଟି ତାଙ୍କୁ ଜଣାଇବେ କିନ୍ତୁ ସୁଲୋଚନା ସେ ଦିନ ଫେରିନଥିଲେ। ଏଥର ପ୍ରଦୀପ ତାଙ୍କ ଭୁଲକୁ ମର୍ମେ ମର୍ମେ ବୁଝିପାରୁଥିଲେ।

.... ତା ପର ଦିନ ସୁଲୋଚନା କଲ କରି କହିଲେ :-

- ବଉଙ୍କ ପାଖରୁ ତୁମର ଭଲ ହେବା କଥା ଶୁଣି ମୁଁ ଆଜି ବହୁତ ଖୁସି । ଏଥର ତମେ ନିଜ ସମସ୍ତ ଦାୟିତ୍ୱ ଉଠାଇ ପାରିବ, ମୁଁ ଆଉ ତମର କୌଣସି କାମରେ ଆସିବିନି ।

ମୋତେ ଆଉ ଖୋଜିବନି ...।

-ତମ ବିନା ମୁଁ ବଂଚିପାରିବିନି ସୁଲୋଚନା। ମାନୁଛି ମୁଁ ଭୁଲ କରିଛି କିନ୍ତୁ ଭୁଲ ତ ଜୀବନର ଗୋଟେ ପୃଷ୍ଠା ଅଟେ ଆଉ ସମ୍ପର୍କ ଗୋଟେ ବହି। ଯଦି ଦରକାର ପଡେ ତାହେଲେ ଭୁଲ ପୃଷ୍ଠା ଟିକୁ ଚିରି ଦିଅ କିନ୍ତୁ ଗୋଟେ ପୃଷ୍ଠା ପାଇଁ ସମ୍ପୂର୍ଣ୍ଣ ବହି ଚିରିବା କିଛି ଦରକାର ନାହିଁ । ପ୍ଲିଜ, ମୋତେ କ୍ଷମା କରି ଦିଅ ...।

- ତମେ ବହୁତ ଡେରି କରିଦେଲ ପ୍ରଦୀପ.....

ଏତକ କହି ସୁଲୋଚନା ଫୋନ ଟିକୁ କାଟିଦେଲେ। ଏହାଥିଲା ପ୍ରଦୀପ ଓ ସୁଲୋଚନାଙ୍କ ଭିତରେ ଶେଷ ବାର୍ତ୍ତାଳାପ। ତାପରଠୁ କେବେ କି ପ୍ରଦୀପର କଲ ରିସିଭ କରିନି ସୁଲୋଚନା। ତା ପରେ ବହୁତ ଖୋଜିଲେ ପ୍ରଦୀପ ସୁଲୋଚନାଙ୍କୁ କିନ୍ତୁ ତାଙ୍କର କୌଣସି ଖବର ମିଳିଲା ନାହିଁ । ତଥାପି ପ୍ରଦୀପଙ୍କ ମନ ରେ ବିଶ୍ୱାସ ସୁଲୋଚନା ନିଶ୍ଚିତ ଦିନେ ନା ଦିନେ ଫେରିବେ...।

(୩)

ଏମିତି ପ୍ରତୀକ୍ଷା ରେ ଦୁଇ ବର୍ଷ ବିତିଯାଇଛି । ପ୍ରଦୀପ ଆଜିବି ସୁଲୋଚନା ର ସେଇ ଶେଷ ଲିଖିତ ଡ଼ାଇରୀ ଟିକୁ ଧରି ତାଙ୍କର ସେଇ ପୁରୁଣା ଦିନ ଗୁଡିକୁ ମାନେ ପକାଉଥାନ୍ତି...। ଆଜି ଏତେ ଦିନ ପରେ ତାଙ୍କୁ କାହିଁ କେଜାଣି ମାଗାଜିନ ପଢିବାକୁ ଇଚ୍ଛା ହେଲା.... ସେ ଟେବୁଲ ଉପରେ ଥିଆ ସାପ୍ତାହିକ ମାଗାଜିନ ଟିକୁ ଆଣି ପଢିବାକୁ ଲାଗିଲେ.......

ଗଳ୍ପ ଟିର ଶୀର୍ଷକ ଥିଲା ଅଭିମାନ

ସେଥିରେ ଲେଖା ଥିଲା

.........ପ୍ରେମ ପାଇଁ ତ ଅନେକ ଇତିହାସରେ ଯୁଦ୍ଧ ହୋଇଛି । ପୁଣି ଏହି ଯୁଦ୍ଧ ଭୂଇଁରେ ଭଲ ପାଇବାର ରକ୍ତ ଗୋଲାପ ମଧ୍ୟ ଫୁଟିଛି । ପ୍ରେମକୁ ନେଇ ପୃଥିବୀ ରେ ସହ ସହ କବିତା ଲେଖା ଯିବା ପରେ ମଧ୍ୟ ଏବେ ବି ପ୍ରେମ କବିତା ଲେଖା ଚାଲିଛି । କାରଣ ହେଉଛି, ଦୁନିଆଁର ସବୁ ପ୍ରେମିକ/ ପ୍ରେମିକା ନିଜକୁ ସବୁଠୁ ବଡ଼ ପ୍ରେମିକ ପ୍ରେମିକାର ଆଖ୍ୟା ଦେଇଥାନ୍ତି ଓ ନିଜ କାହାଣୀକୁ ସବୁଠୁ ବଡ ପ୍ରେମ କାହାଣୀ ମାନିଥାନ୍ତି । ମୁଁ ବି ମୋ ପ୍ରେମ କାହାଣୀକୁ ସବୁଠୁ ବଡ଼ ବୋଲି ମାନେ, ଯଦିଓ ସମୟ ଆମକୁ ଅଧିକ ସମୟ ପାଖରେ ବିତେଇବାର ଅନୁମତି ଦେଇନି। ମତେ କ୍ଷମା କରିଦେବ ପ୍ରଦୀପ ସେ ଦିନ ତୁମକୁ ମୁଁ କିଛି ନ ଜଣାଇ ଘର ଛାଡି ଚାଲି ଆସିଥିଲି । କାରଣ ମୁଁ କ୍ୟାନ୍ସର ରୋଗ ରେ ପୀଡିତ ଥିଲି । ମୁଁ ଚାହିଁ ଥିଲେ ଏ କଥା ତୁମକୁ ଜଣେଇ ପାରିଥାନ୍ତି କିନ୍ତୁ ତମକୁ କଷ୍ଟ ପାଉଥିବାର ମୁଁ ଦେଖିପାରିବିନି । ଜଣକୁ ହରେଇ ଦେବାର ଦୁଃଖ କେତେଯେ କଷ୍ଟ ତାହା ମୁଁ ବଞ୍ଚିଥାଉ ଥାଉ ଅଙ୍ଗେ ଲିଭେଇଛି। ମୁଁ ଚାହେଁନି ମୋ ଭଳି ତମେ ବି କଷ୍ଟ ପାଅ.....। ମୋର ଆଉ ବଂଚିବା ସମ୍ଭବ ନୁହେଁ........।

ଖୋଜିବନି କେବେ ତୁମେ ମୋତେ

ସବୁଦିଗେ ଥିବି ମୁଁ ପବନର ସାଥେ ସାଥେ........

( ଇତି )

ତମର ପ୍ରିୟତମା

ସୁଲୋଚନା


+ ସୋର, ବାଲେଶ୍ୱର

ମୋ: ୭୮୭୩୧୮୯୬୯୫


ସୁନନ୍ଦା ମହାନ୍ତି



## ସାଙ୍ଗ ବଦଳେଇ ପାରେ ଅନେକ କିଛି

ଉଚ୍ଚ ବାଳିକା ବିଦ୍ୟାଳୟରେ ଇତି ନବମ ଶ୍ରେଣୀରେ ନାମ ଲେଖେଇଲା ବେଳକୁ କିଛି କିଛି ପାଠ ପଢ଼ା ଆରମ୍ଭ ହୋଇସାରିଥିଲା କିନ୍ତୁ ସେ ସବୁ ବିଗତ ଓ ଆଗତ ପାଠ ବୁଝି ସାର ଓ ଗୁରୁମାମାନଙ୍କ ପ୍ରଶ୍ନର ଉତ୍ତର ଦେଇପାରୁଥିଲା। ତଥାପି ତାର କେହି ସାଙ୍ଗ ହେଉନଥିଲେ। କିଏ ନିଜ ଜାତିକୁ ନେଇ ଗର୍ବ କରୁଥିଲେ ତ କିଏ ନିଜ ଶରୀରର ରଙ୍ଗ ଓ ରୂପକୁ ନେଇ ତ କିଏ ଭଲ ପଢୁଛନ୍ତି ବୋଲି ନିଜକୁ ଶ୍ରେଷ୍ଠ ବୋଲି ବିବେଚନା କରୁଥିଲେ। ପୁଣି କୋଉମାନେ ଭଲ ଚିତ୍ର ଆଙ୍କନ୍ତି ତ କେଉଁମାନେ ଭଲ ଗୀତ ଗାଆନ୍ତି ପୁଣି କୋଉମାନେ ଭଲ ନାଚନ୍ତି ତ କୋଉମାନେ ଭଲ ଭାଷଣ ଦିଅନ୍ତି। ସେହି ସବୁ ଏକା ପ୍ରତିଭା ଥିବା ଝିଅମାନେ ଯେମିତି ଗୋଟେ ଗୋଟେ ଦଳ ଗଢି କ୍ଲାସ ରେ ପାଖାପାଖି ବସନ୍ତି ତେଣୁ ନୂଆ ହୋଇ ଆସିଥିବା ଇତିକୁ କେହି ପାଖରେ ବସାନ୍ତି ନାହିଁ। ଇତି ତେଣୁ ସବୁଠୁ ଲାଷ୍ଟ ବେଞ୍ଚ ରେ ଏକୁଟିଆ ଗୋଟେ କଣକୁ ଦଳଛଡା ହୋଇ ବସେ। ଦେଖାଗଲା ସବୁ ଝିଅ ମଧ୍ୟାର୍ଣ୍ଣ ଭୋଜନ ଖାଉନାହାନ୍ତି ବରଂ ଘରୁ ଆଣିଥିବା ଖାଦ୍ୟ ଖାଉଛନ୍ତି। ଇତି ମଧ୍ୟ ଘରୁ ଟିଫିନ ଆଣିଥାଏ କିନ୍ତୁ ସମସ୍ତଙ୍କ ସଙ୍ଗେ ମିଶି ମଧ୍ୟାର୍ଣ୍ଣ ଭୋଜନ କରେ ଓ ନିଜ ଟିଫିନ ରେ ଆଣିଥିବା କୋରା ଓ ଲଡୁକୁ ସମସ୍ତଙ୍କୁ ବାଣ୍ଟି ଦିଏ। ତଥାପି ତାକୁ କେହି ପାଖରେ ବସାନ୍ତି ନାହିଁ।

ସ୍କୁଲର ସୁରଭି କାର୍ଯ୍ୟକ୍ରମ ପାଇଁ ଇତି ସବୁଥିରେ ଭାଗ ନେବାକୁ ନିଜ ନାମ ଦେଇଥିଲା ତ ଅନ୍ୟ କ୍ଲାସମେଟ ଝିଅମାନେ ତାକୁ ଉପହାସ କରୁଥାନ୍ତି। ସେ କିନ୍ତୁ ନିଜେ ଲେଖି ନିଜ ଦେଶାତ୍ମକ ଗୀତ ଗାଇ ଫାଷ୍ଟ ହେବା ଭଳି ଡ୍ରଇଂ, ଡ୍ରାମା, ତର୍କ, ଚିତ୍ର ପେଣ୍ଟିଙ୍ଗ ଇତ୍ୟାଦି ଯୋଉ ଯୋଉ ଇଭେଣ୍ଟରେ ନାମ ଦେଇଥିଲା ସେଥିରେ କୃତକାର୍ଯ୍ୟ ହୋଇ ଫାଷ୍ଟ ହେବା ସଙ୍ଗେ ଭଲ ନମ୍ବର ରଖି ଏଥର କ୍ଲାସର ଫାଷ୍ଟ ପିଲାକୁ ଟପି ନିଜ ପରିଶ୍ରମ ବଳରେ ଅଧିକା ନମ୍ବର ରଖି ଶୀର୍ଷ ରେ ଅର୍ଥାତ ଫାଷ୍ଟ ହୋଇଥିଲା। ଏସବୁ ପ୍ରତିଭା ଥିବା ଇତି ବର୍ତ୍ତମାନ ସ୍କୁଲର ବାର୍ଷିକ ଉତ୍ସବ ରେ ପୁରସ୍କୃତ ହେବା ସହ ତା ବକ୍ତବ୍ୟ ରଖିବାକୁ କୁହାଯିବାରୁ କହିଥିଲା କି ତାର ଏସବୁ କୃତିତ୍ୱ ପାଇଁ ତା ନିଜ କ୍ଲାସର ଝିଅମାନେ ତାକୁ ପରୋକ୍ଷ ଓ ପ୍ରତ୍ୟେକ୍ଷ ପ୍ରେରଣା ଯୋଗେଇଛନ୍ତି। ତାକୁ ଏକୁଟିଆ ବସେଇ ତା ଭିତରେ ଥିବା ପ୍ରତିଭାକୁ ବିକଶିତ କରିବାକୁ ଖୋରାକ ଦେବା ସହ ଦଳଛଡା ହେବା ଦ୍ୱାରା ତା ଭିତରେ କିଛି ସକାରାତ୍ମକ ଭାବନାର ବିକଶିତ ହୁଏ ଯେମିତିକି ଅବସର ସମୟରେ ପ୍ରକୃତି ଦର୍ଶନ କରି ଗୀତ ଲେଖିବାର ସୁଯୋଗ ପାଏ, ସହଯୋଗୀ ବହି ଓ ଯୁଗପୁରୁଷମାନଙ୍କ ଆତ୍ମଜୀବନୀ ପଢି କହିବା, ଲେଖିବା ସହ ଚିତ୍ର ଆଙ୍କିବାର ପ୍ରେରଣା ମିଳେ। ଇତି ପୁଣି ଥରେ ତା ଶ୍ରେୟ ପାଇଁ ତା କ୍ଲାସର ସବୁଝିଅଙ୍କୁ ଧନ୍ୟବାଦ ଦେଇ ତଳକୁ ଓଲ୍ହାଇବା ପରେ ଦେଖିଥିଲା ତା କ୍ଲାସ ର ସବୁଝିଅ ହାତରେ ଫୁଲତୋଡ଼ା ସହ ଭିନ୍ନ ଭିନ୍ନ ଉପହାର ନେଇ ଉପସ୍ଥିତ ଥିଲେ । ସେମାନେ ଏଣିକି ନିଜ ଭୁଲ ବୁଝି ଇତିକୁ ବେଷ୍ଟ ଫ୍ରେଣ୍ଡ କରିନେଇଥିଲେ।

ସେଦିନ ଇଂରାଜୀ ଶିକ୍ଷୟିତ୍ରୀ ପିଲାଙ୍କୁ ପଚାରିଲେ କି ତୁମ ଭିତରୁ କିଏ ସବୁ ଚିଠି ଲେଖି ଜାଣିଛ ଓ କାହା ପାଖକୁ ଲେଖିଛ କହିପାରିବ ଝିଅମାନେ ? ଏକଥା ପଚାରିବାରୁ କ୍ଲାସରେ ସବୁ ଝିଅ ନିରୁତ୍ତର ରହିଥିଲା ବେଳେ ଇତି କହିଥିଲା ଏବେ ଟେଲିଫୋନ ଅଧିକ ବ୍ୟବହାର ଯୋଗୁଁ ଚିଠି ଦେବା ନେବା କମିଯାଇଛି ସତ କିନ୍ତୁ ଆମେ ଇଂରାଜୀ, ଓଡ଼ିଆ, ହିନ୍ଦୀ ଓ ସଂସ୍କୃତ ଭଳି ଭାଷା ମାନ୍ୟତା ପାଇଥିବା ଓ ସ୍କୁଲରେ ପଢା ଯାଉଥିବା ଭାଷାରେ ସାଙ୍ଗ ନିକଟକୁ ପତ୍ର, ବାପାଙ୍କ ନିକଟକୁ ପତ୍ର, ମାଆଙ୍କ ନିକଟକୁ ପତ୍ର ଲେଖି ଚିଠି କେମିତି ଲେଖାଯାଏ ଜାଣିଛୁ ଗୁରୁମା। ଇତିର ଉତ୍ତର ଶୁଣି ଖୁସି ହୋଇ ଗୁରୁମା କହିଲେ ଖୁବ ଭଲ କଥା କହିଛୁ ଝିଅ ତେବେ ଆମେ ଖାଲି ସାଙ୍ଗ, ମାଆ ଓ ବାପାଙ୍କ ଛଡା ଆଉ କାହାକୁ ଲେଖି ପାରିବା ? ଗୁରୁମା ଆମେ କେବଳ ଚିହ୍ନା ଜଣା ବ୍ୟକ୍ତି ବିଶେଷଙ୍କ ପାଖକୁ ଲେଖୁଥିଲେ ମଧ୍ୟ ପିଲାମନରେ ବେଳେ ବେଳେ ଈଶ୍ୱରଙ୍କ ପାଖକୁ ଓ ଆମଠାରୁ ବିଦାୟ ନେଇ ପିତୃପୁରୁଷଙ୍କ ପାଖକୁ ଚିଠି ଲେଖିବାକୁ ଇଚ୍ଛା କରିଥାଉ। ଇତିର ଏହି ଉତ୍ତର ଗୁରୁମା 'ଏ ଲେଟର ଟୁ ଗଡ଼ 'ବିଷୟ ପାଇଁ ଉପକ୍ରମଣିକା ପାଇ ସାରିଥିଲେ ମଧ୍ୟ କିଏ କେବେ କେତେବେଳେ ନିଜ ପିତୃପୁରୁଷଙ୍କ ପାଖକୁ ଚିଠି ଲେଖିଥିଲା କହିପାରିବୁ ବୋଲି ପଚାରି ଥିଲେ ଇତିକୁ ତ ସେ କହିଥିଲା ହଁ ଗୁରୁମା ମୋ ଛୋଟ ଭାଇ ଗୁଡ୍ଡୁ ଏମିତି ଏକ ଚିଠି ମୋ ଜେଜେଙ୍କ ପାଖକୁ ଲେଖିଥିଲା। ଗୁରୁମା କହିବାକୁ କହିବାରୁ ଓ ସହ ସାଥି ଶୁଣିବାକୁ ଆଗ୍ରହ ପ୍ରକାଶ କରିଥିବାରୁ ଇତି ଗଳ୍ପ ଆକାରରେ ପ୍ରକାଶ କରି କହିଥିଲା ତା ସାନ ଭାଇ ଗୁଡ୍ଡୁ ବିଷୟରେ ଚିଠି ଲେଖିବା କଥା।

ଅନେକ ସମୟରେ ଅନେକ ପ୍ରଶ୍ନ ପଚାରୁଥିବା ଗୁଡ୍ଡୁ ସେଦିନ ଆକାଶକୁ ଚାହିଁ ଠିଆ ହୋଇଥାଏ। ମୁହଁ କାହିଁ ସୁଖେଇଛୁ ପୁଅ ବୋଲି ତା ମାଆ ପଚାରିବାରୁ ଗୁଡ୍ଡୁ କହିଥିଲା ଜେଜେ ଆଉ କାହିଁକି ଫେରୁନାହାନ୍ତି ମାଆ ? ସେ ଗଲା ପରଠୁ ଜେଜେମାଆ ଆଉ ଗପ କହୁନିକି ଗୀତ ବୋଲି ଶୁଆଇ ଦେଉନି । ମୁଣ୍ଡ କୁଣ୍ଡେଇ ସିନ୍ଦୁର କି ଅଳତା ପିନ୍ଧୁନି। ମତେ ମଧ୍ୟ ଆଉ କେହି ନାଉ କରିବାକୁ ନାହାଁନ୍ତି। ତୁମେ ଜାଣ ମାଆ ! ଜେଜେ ମତେ ପ୍ରତିଦିନ କିଛି ଖୁଚୁରା ପଇସା ଦିଅନ୍ତି ଓ ସେହି ପଇସାରେ କିଛି ଭଲ କାମ କରିବାକୁ କହନ୍ତି। ସେ ଜାଣିଥିଲେ ତୁମେ ମତେ ଖୁବ ଭଲ ଭଲ ଟିଫିନ କରି ଦିଅ। ବାପା ମଧ୍ୟ ମୋ ପାଇଁ ବହି, ଖାତା, ଭଳି ଭଳି କଲମ, ପେନସିଲ ରବର ସବୁ ଆଣିଦେଇଥାନ୍ତି। ମତେ ଜେଜେ ଖୁଚୁରା ପଇସା ଦେଲେ ମୁଁ ନେବାକୁ ମନା କରେ ତ ସେ କହନ୍ତି ରଖିଥା ସେ ପଇସାରେ କିଛି ଗୋଟେ ଭଲ କାମ କରିବୁ। ମାଆ କହିଲେ ଦୋଳ ପୂର୍ଣ୍ଣମୀରେ ହର୍ବାଲ ରଙ୍ଗ କିଣି ସବୁ ସାଙ୍ଗ ମାନଙ୍କ ସଙ୍ଗେ ଖେଳିବୁ। କେମିକାଲ ମିଶା ରଙ୍ଗ ନଖେଳି ହର୍ବାଲ ରଙ୍ଗ କିଣି ଭାଇଚାରାର ପ୍ରତୀକ ରଙ୍ଗ ଖେଳ ହୋଲି ଖେଳିଲେ ତାହା ନିଶ୍ଚୟ ଜେଜେଙ୍କୁ ଖୁସି ଦେବ। ଗୁଡ୍ଡୁ ପୁଣି ପଚାରୁଥିଲା ଜେଜେ ତ ଆସୁନାହାନ୍ତି ଜାଣିବେ କେମିତି ମାଆ ? ମାଆ କହିଲେ ଜେଜେ ଏବେ ଆମର ପିତୃପୁରୁଷ ହୋଇ ସ୍ୱର୍ଗକୁ ଗଲେ ତ ଆପେ ଆପେ ସବୁ କଥା ଜାଣିପାରିବେ।

ମାଆ ତ କହିଦେଲେ। ଗୁଡ୍ଡୁର ମନ କିନ୍ତୁ ବୁଝିଲାନି। ହର୍ବାଲ ରଙ୍ଗ କିଣି ଖେଳିବା ଉଚିତ। ସେଇଟା କିନ୍ତୁ ଏମିତି ଗୋଟେ ଖୁବ ଭଲ କାମ ବୋଲି ଜେଜେ ସ୍ୱର୍ଗରେ ଥାଇ ଜାଣିବେ କହୁଥିବା ମାଆଙ୍କ କଥା ମଧ୍ୟ ଗୁଡ୍ଡୁ ମନକୁ ପାଉଥିଲେ ମଧ୍ୟ ସନ୍ତୁଷ୍ଟ ହେଉନଥିଲା ମନ। ଗୁଡ୍ଡୁ ତେଣୁ ଭାବି ଚିନ୍ତି ହେଉଥିଲା କଣ ଭଲ କାମ କରିବ ଓ ତାହା ଜେଜେ କିପରି ଜାଣିବେ ! ଗୁଡ୍ଡୁ ଦେଖିଥିଲା ତା ସାଙ୍ଗ ନରି, ଯିଏ ଖୁବ ଭଲ ପଢେ ସେ ବହି ଓ ଖାତା ନଥିବାରୁ ସବୁଦିନ ମାଡ଼ ଖାଏ। ମାଡ଼ ଯଦିଓ ସେମିତି କିଛି ନୁହଁ କିନ୍ତୁ ଗାଳି ଖାଇବାଟା ମଧ୍ୟ ଗୁଡ୍ଡୁକୁ ବାଧେ। ସେଦିନ ଗୁଡ୍ଡୁ ଠିଆ ହୋଇ ଯେବେ ନରିକୁ ଗାଳି ନ କରିବାକୁ ଗୁରୁଜୀଙ୍କୁ ଅନୁରୋଧ କରି ଅନୁନୟ କଲା ଓ କହିଲା କି ନରି ର ବାପା ମଦନ ମଉସା ଜଣେ ଦିନ ମଜୁରିଆ ଲୋକ । ଘରେ ନରିର ଜେଜେବାପା ଙ୍କର ଖୁବ କାଶ। ସେଥିରେ ଛଅ ପ୍ରାଣୀ କୁଟୁମ୍ବ ତାଙ୍କର। ତ ମଉସା ଅସୁବିଧାରେ ଥାଇ ନରି ପାଇଁ ବହି, ଖାତା, ପେନ, ପେନସିଲ, କମ୍ପାସ ଆଦି କିଣିପାରିନାହାଁନ୍ତି । ଆଜି ନହେଲେ କାଲି କିଣିଦେବେ। ତାକୁ ଗାଳି ଦିଅନ୍ତୁ ନାହିଁ। ଗୁରୁଜୀ ଏଥର ଗୁଡ୍ଡୁକୁ କହିଲେ ଏତେ ସବୁ କଥା ଯେବେ ବୁଝିପାରୁଛୁ ତେବେ ତୁ ଟିକେ ତାକୁ ସାହାଯ୍ୟ ସହଯୋଗ କଲେ ହୁଅନ୍ତାନି ! ଶିକ୍ଷକଙ୍କ କଥାରେ ଗୁଡ୍ଡୁ ସେଦିନ ତା ଜେଜେ ଦେଇଥିବା ଖୁଚୁରା ପଇସା ଭର୍ତ୍ତି ସରାଗାତ ଭାଙ୍ଗି ସତକୁ ସତ ସାଙ୍ଗ ନରି ପାଇଁ ଖାତା, ବହି, ପେନ, ପେନସିଲ ଓ ରବର ତଥା କମ୍ପାସ କିଣିଥିଲା। ସାର ଏସବୁ ଦେଖି ଗୁଡ୍ଡୁକୁ ତୁ ଖୁବ ଭଲ କାମ କରିଛୁ କହି ପ୍ରଶଂସା କରିଥିଲେ। ଜେଜେ ଦେଇଥିବା ପକେଟ ମନି ସରାଗାତ ରେ ସଞ୍ଚୟ କରି ତାକୁ ଭଲ କାମରେ ଲଗାଇ ତୁ ଏକ ଉଦାହରଣ ସାଜିଛୁ କହି ଖୁବ ସୁନାପିଲା ବୋଲି ମଧ୍ୟ କହି ଗୁଡ୍ଡୁକୁ ସାବାସୀ ଦେଇଥିଲେ ଓ ନରି ମଧ୍ୟ ଆଉ ଗାଳି କି ମାଡ଼ ଖାଉନଥିଲା।

ଏବେ ଗୁଡ୍ଡୁ ମନରେ ଆସିଥିଲା କି ସେ ନିଶ୍ଚୟ ଗୋଟେ ଭଲ କାମ କରିଛି। ତାର ଏସବୁ ଭଲ କାମ ବିଷୟରେ ଜେଜେ ଜାଣିବା ନିହାତି ଜରୁରୀ। ପଇସା ତ ସେ ସବୁଦିନ ଗୁଡ୍ଡୁକୁ ଦେଇ ତୋର ଯଦି ଆବଶ୍ୟକ ନାହିଁ ତେବେ କିଛି ଗୋଟେ ଭଲ କାମରେ ଲଗେଇବାକୁ ଜେଜେ ହିଁ ତାକୁ କହିଥିଲେ ନା ! ଗୁଡ୍ଡୁ ବଳକା ପଇସାରେ ପୋଷ୍ଟ ଅଫିସରୁ ପୋଷ୍ଟ କାର୍ଡ କିଣି ଜେଜେଙ୍କ ପାଖକୁ ସବୁକଥା ଲେଖି ଠିକଣାରେ ଜେଜେଙ୍କ ନାମ, ପିତୃପୁରୁଷ, ସ୍ୱର୍ଗପୁର ଭାୟା ସ୍ୱର୍ଗଦ୍ୱାର ଲେଖି ପୋଷ୍ଟ ଅଫିସରେ ଟଙ୍ଗା ହୋଇଥିବା ଲେଟର ବକ୍ସରେ ପକାଇ ଦେଲା। ସେତେ ବେଳକୁ ପରୀକ୍ଷା ସରିଯାଇଥାଏ। ଡୁଗୁର ବାପା ସେହି ଚିଠିଟି ସହ ତା ପ୍ରୋଗ୍ରେସ ରିପୋର୍ଟ ସହ ସେଦିନ ଘରେ ପହଁଞ୍ଚି ଗୁଡ୍ଡୁକୁ ଖୁବ ଆଦର କଲେ ଓ ସେ ନରି ପ୍ରତି କରିଥିବା କାମ ଜାଣିପାରି ଜେଜେ ତାହାର ସ୍ୱର୍ଗରେ ଥାଇ ତାକୁ ଆଶୀର୍ବାଦ କରିଥିବାରୁ ସେ ଏଥର ପରୀକ୍ଷାରେ ନରି ସହ ସମାନ ନମ୍ବର ରଖି ଉଭୟ କ୍ଲାସରେ ଫାଷ୍ଟ ହୋଇଥିବା କହି ପ୍ରୋଗ୍ରେସ ରିପୋର୍ଟ ଦେଇଥିଲେ। ବାପା ପୁଣି କହିଥିଲେ ପୋଷ୍ଟ ମାଷ୍ଟର ବାବୁ ଏ ଚିଠି ଫେରାଇ ଦେଲେ। ସେ କହିଲେ ସେ ନିଜେ ସବୁକଥା ଜେଜେଙ୍କୁ ଜଣେଇ ଦେଇଛନ୍ତି। ଡୁଗୁ କ୍ଲାସରେ ନରି ସହ ସମାନ ନମ୍ବର ରଖି ଫାଷ୍ଟ ହୋଇଥିବାରୁ ଯେତିକି ଖୁସି ଥିଲା ପୋଷ୍ଟ ମାଷ୍ଟର ତା ଚିଠିଟିକୁ ଜେଜେଙ୍କ ପାଖକୁ ନପଠାଇ ଫେରେଇ ଦେଇଥିବାରୁ ସେତିକି ଦୁଃଖ କଲା। ସେତିକିବେଳେ ଜେଜେମାଆ କହିଥିଲେ ମତେ ଚିଠିଟି ଦେ ଧନ, ମୁଁ ପୋଷ୍ଟ କରିଦେବି। ଜେଜେମାଆ ସେଦିନ ଅପେକ୍ଷାକୃତ ଭଲ ଦେଖାଯାଉଥିଲେ। ତା ମାଆ ତେଲ ଲଗେଇ ଜେଜେମାଆଙ୍କ ଜୁଡ଼ା ବାନ୍ଧି ଦେଇଥିଲେ ତ ଗୁଡ୍ଡୁ ଚିଠିଟିକୁ ଜେଜେମାଆଙ୍କ ହାତରେ ଦେଇ ଖୁବ ଖୁସି ଥିଲା କାରଣ ସେ ଜାଣେ ଜେଜେମାଆ ନିଶ୍ଚୟ ତା ଚିଠି ପୁଣି ପୋଷ୍ଟ କରିଦେବେ ଜେଜେଙ୍କ ପାଖକୁ। ଏଣିକି ଜେଜେମାଆ କୋଳରେ ଶୋଇ ସେ କହୁଥିଲା ସେଇ ଗୀତଟି ଗାଅ ନା ଜେଜେମାଆ, ଚିଠି ମୋର ଟିକି ଚଢ଼େଇ। ଜେଜେମାଆ ସେ ଗୀତଟି ଗାଉ ଗାଉ କାନ୍ଦୁଥିଲେ କାହିଁକି ବୁଝିବା ଆଗରୁ ଗୁଡ୍ଡୁ ଆଖିକୁ ନିଦ ଆସିଯାଇଥିଲା। ପାଖରେ ଥିଲା ତା ବଡ଼ ଭଉଣୀ ଇତି। ଏସବୁ ଶୁଣିବା ପରେ ସାଙ୍ଗ ସବୁ ତାକୁ କୁଣ୍ଢେଇ ପକେଇ ନିଜ ପାଖେ ବସେଇବାକୁ ତାକୁ ଅନୁରୋଧ କରୁଥିଲେ ଗୁରୁମା ଇତିକୁ ଖୁବ ଆଦର କରି ଧନ୍ୟବାଦ ଦେବା ସହ ଆରମ୍ଭ କରିଥିଲେ ବିଷୟ ବସ୍ତୁ, 'ଏ ଲେଟର ଟୁ ଗଡ଼'। ଇତି ଏବେ ଆଉ ଦଳଛଡା ନଥିଲା ବରଂ ସମସ୍ତେ ତାକୁ ଭଲପାଉଥିଲେ।


+ ସାକ୍ଷୀଗୋପାଳ , ପୁରୀ

ମୋ: ୯୦୪୦୯୭୭୩୨୭




# ଆଇନ ସଚେତନତା ଶିବିର

ଜୟପୁର,୨୦/୦୯ (ନି.ପ୍ର): ଏ.ସି. ଡି. ଆକ୍ରମଣ ଏବଂ ପକ୍ସୋ ଆଇନ ବିଷୟ ରେ ସଚେତନତା ଶିବିର ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ, ଜୟପୁର ଆନୁକୂଲ୍ୟରେ ଆଜି ପି. ଏମ୍ ଶ୍ରୀ ହାଇସ୍କୁଲ ଗଡ଼ପଦର ଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବିଚାରପତି ପ୍ରଦ୍ୟୋମୟୀ ସୁଜତା ଯୋଗଦେଇଥିଲେ। ଏବଂ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା କମିଟି କୋରାପୁଟ, ଅଧକ୍ଷ୍ୟଓ ଡ. ବି ଗାୟତ୍ରୀ ଦେବୀ, ସଦର ଥାନା ଜୟପୁର ଆଇ. ଆଇ. ସି, ଶ୍ରୀଗଙ୍ଗା ଯୋଗଦେଇଥିଲେ। ତାସହିତ ଗଡପଦର ହାଇସ୍କୁଲ ପ୍ରଧାନ ଶିକ୍ଷକ ଦୀଲ୍ଲିପ କୁମାର ପଣ୍ଡା ଶିବିରରେ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଏ. ସି.ଡି ଆକ୍ରମଣ ଓ ତାର ପ୍ରତିକାର, ଦଣ୍ଡବିଧାନ ଏବଂ ପକ୍ସୋ ଆଇନ ଅନୁଶାରେ ଦୋଷି କୁ ଦଣ୍ତ ଦିଆଯାଇଥାଏ। ଏସିଡ୍ ଆକ୍ରମଣ ପୀଡିତାଙ୍କୁ ମାଗଣା ଚିକିତ୍ସା ପ୍ରଦାନ ଏବଂ ଏସିଡ୍ ଆକ୍ରମଣ ପୀଡିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ। ତେଣୁ ରାଜ୍ୟଗୁଡ଼ିକୁ ଏସିଡ୍ ଆକ୍ରମଣ ମାମଲାର ତଦନ୍ତ, ବିଚାରକୁ ତ୍ୱରାନ୍ୱିତ କରିବା ଏବଂ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଣିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ପଡିବ। ଯେଉଁ ରାଜ୍ୟ/ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ଭିସିଏସ ଗଠନ କରିଛନ୍ତି କିମ୍ବା ଗଠନ କରିବା ପ୍ରକ୍ରିୟାରେ ଅଛନ୍ତି, ସେମାନଙ୍କୁ ମଧ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ପଡିବ ଯେଉଁଠାରେ ଏସିଡ୍ ଆକ୍ରମଣ ପୀଡିତାଙ୍କୁ ପରବର୍ତ୍ତୀ ଯତ୍ନ ଏବଂ ପୁନର୍ବାସ ଖର୍ଚ୍ଚ ଭାବରେ ସମ୍ପୃକ୍ତ ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଂଚଳ ଦ୍ୱାରା ଅତି କମରେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ। ଏଥିରୁ ଏପରି ଘଟଣା ଘଟିବାର ୧୫ ଦିନ ମଧ୍ୟରେ (କିମ୍ବା ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଂଚଳର ନଜରକୁ ଅଣାଯିବା) ପୀଡିତାଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ଯାହା ଦ୍ୱାରା ତୁରନ୍ତ ଚିକିତ୍ସା ଏବଂ ଏହି ସମ୍ବନ୍ଧୀୟ ଖର୍ଚ୍ଚ ସହଜ ହୋଇପାରିବ। ବାକି ୨ ଲକ୍ଷ ଟଙ୍କା ଯଥାସମ୍ଭବ ଶୀଘ୍ର ଏବଂ ତା'ପରେ ଦୁଇ ମାସ ମଧ୍ୟରେ ସକାରାତ୍ମକ ଭାବରେ ପ୍ରଦାନ କରାଯିବା ଉଚିତ ଏବଂ ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ ହେଉଛି ୨୦୧୨ ମସିହାର ଏକ ଭାରତୀୟ ଆଇନ ଯାହା ସମସ୍ତ ପ୍ରକାରର ଯୌନ ନିର୍ଯ୍ୟାତନା, ଯୌନ ଉତ୍ପୀଡ଼ନ ଏବଂ ପର୍ଣ୍ଣୋଗ୍ରାଫିରୁ ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ଡିଜାଇନ୍ କରାଯାଇଛି। ଏହି ଆଇନ ଶିଶୁ-ଅନୁକୂଳ ବିଚାର ପ୍ରକ୍ରିୟା ପ୍ରଦାନ କରେ, ଶୀଘ୍ର ବିଚାର ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରେ ଏବଂ ଦଣ୍ଡ, ପୀଡିତ ସହାୟତା (ଚିକିତ୍ସା ଯତ୍ନ, ପୁନର୍ବାସନ ଏବଂ କ୍ଷତିପୂରଣ ସମେତ) ଏବଂ ଅପରାଧର ବାଧ୍ୟତାମୂଳକ ରିପୋର୍ଟିଂ ପାଇଁ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରେ। ଏହା ୧୮ ବର୍ଷରୁ କମ୍ ବୟସର ଯେକୌଣସି ବ୍ୟକ୍ତିଙ୍କୁ ଶିଶୁ ଭାବରେ ପରିଭାଷିତ କରେ ଏବଂ ଶିଶୁ ଯୌନ ନିର୍ଯ୍ୟାତନା ମାମଲା ପାଇଁ ବ୍ୟାପକ ସୁରକ୍ଷା ଏବଂ ଏକ ସମ୍ବେଦନଶୀଳ ନ୍ୟାୟିକ ପ୍ରକ୍ରିୟା ପ୍ରଦାନ କରିବା ଲକ୍ଷ୍ୟ ରଖିଛି।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

ଚମ୍ପୁଆ,୨୦/୦୯ (ନି.ପ୍ର): ହାତୀ ଦେଖିବାର ଜିଦ୍ ଏବଂ ଅସାବଧାନତା ଯୋଗୁଁ ପୁଣି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବର୍ଦ୍ଧନା ରିଜର୍ଭ ଫରେଷ୍ଟର ବଳପଦା ଜଙ୍ଗଲ କ୍ରସର ନିକଟରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗୁରୁତର ଯୁବକ ଜଣକ ଅସନପାଟ ଗ୍ରାମର ଜିତୁ ନାଏକ(୩୨) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ଏହି ଅଂଚଳରେ ଏକ ୩୨ଟିକିଆ ହାତୀ ପଲ ଡେରା ପକାଇଛନ୍ତି। ହାତୀଙ୍କ ଉପସ୍ଥିତି ଯୋଗୁଁ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ରହିଥିବାବେଳେ, ଅନ୍ୟପଟେ କିଛି ଅମାନିଆ ଯୁବକ ଦୈନିକ ହାତୀ ଦେଖିବା ଏବଂ ମୋବାଇଲ୍‌ରେ ଫଟୋ-ଭିଡିଓ ଉତ୍ତୋଳନ କରିବା ପାଇଁ ଜଙ୍ଗଲ ମୁହାଁ ହେଉଛନ୍ତି। ଜିତୁ ମଧ୍ୟ ସମାନ ଭାବେ ହାତୀ ଦେଖିବାକୁ ଜଙ୍ଗଲ ଭିତରକୁ ଯାଇଥିବା ବେଳେ ହଠାତ୍ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଆକ୍ରମଣ କରି ଜିତୁକୁ ଶୁଣ୍ଢରେ ଧରି କଚାଡ଼ି ଦେବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଘଟଣାସ୍ଥଳରୁ ବନବିଭାଗ କର୍ମଚାରୀମାନେ ଉଦ୍ଧାରକରୀ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ଅବସ୍ଥା ସଂକଟାପର୍ଣ୍ଣ ଥିବାରୁ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ବନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯିବା ସହ ହାତୀ ପଲଙ୍କ ନିକଟକୁ ନଯିବା ପାଇଁ ବାରମ୍ବାର ବାରଣ କରାଯାଉଛି। ତଥାପି ଯୁବପିଢ଼ି ନିଜ ଜୀବନକୁ ବାଜି ଲଗାଇ ଜଙ୍ଗଲ ଭିତରକୁ ପ୍ରବେଶ କରୁଥିବାରୁ ଏଭଳି ଅଘଟଣ ବାରମ୍ବାର ଘଟୁଛି। ଏହି ଜିଦ୍‌ଖୋର ମନୋଭାବ ଯୋଗୁଁ ବନ ବିଭାଗର ସମସ୍ତ ପ୍ରୟାସ ଏବେ ବିଫଳ ସାବ୍ୟସ୍ତ ହେଉଥିବା ଦେଖିବାକୁ ମିଳିଛି।

# ବିଜେପିର ସାଙ୍ଗଠନିକ ବୈଠକ

ନୂଆପଡ଼ା,୨୦/୦୯ (ନି.ପ୍ର): ଭାରତୀୟ ଜନତା ପାର୍ଟି ନୂଆପଡ଼ା ଜିଲ୍ଲା ପ୍ରଭାରୀ ଆର୍ତତ୍ରାଣ ମହାପାତ୍ରଙ୍କ ମାର୍ଗଦର୍ଶନ ଏବଂ ଜିଲ୍ଲା ସଭାପତି କମଳେଶ ଦୀକ୍ଷିତଙ୍କ ସଭାପତିତ୍ୱରେ ଶନିବାର ଖଡ଼ିଆଳ ବିଧାନସଭା କ୍ଷେତ୍ରର ଦୁଇଟି ସ୍ଥାନରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି।

ବୋଡ଼େନ ବ୍ଲକ୍ ଅନ୍ତର୍ଗତ ପାତାଳଗଙ୍ଗା ଠାରେ ସିନାପାଲିର ୩ଟି ଓ ବୋଡ଼େନର ୨ଟି ମଣ୍ଡଳକୁ ନେଇ ବୈଠକ ହୋଇଥିବା ବେଳେ, ଖଡ଼ିଆଳ ମୁକ୍ତାପୁର ସ୍ଥିତ ଖଡ଼ିଆଳ-ପାଟଣା କ୍ଷତ୍ରୀୟ ସମାଜ ଭବନରେ ଖଡ଼ିଆଳର ୪ଟି ମଣ୍ଡଳକୁ ନେଇ ଅନ୍ୟ ଏକ ବୈଠକ ହୋଇଥିଲା। ଦୁଇଟି ବୈଠକରେ ମୋଟ ୯ଟି ମଣ୍ଡଳର ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା।

ବୈଠକରେ ଦଳର 'ସେବା ସଂକଳ୍ପ ଅଭିଯାନ'କୁ ବୁଥସ୍ତର ପର୍ଯ୍ୟନ୍ତ ପହଂଚାଇବା ଏବଂ ଅଧିକରୁ ଅଧିକ ଜନସାଧାରଣଙ୍କୁ ଏହା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ସେବା, ସୁଶାସନ ଓ ଜନକଲ୍ୟାଣମୂଳକ ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଏବଂ 'ବିକଶିତ ଭାରତ' ସଂକଳ୍ପକୁ ଜନସହଭାଗିତା ମାଧ୍ୟମରେ ଆଗେଇ ନେବା ନେଇ ଆଲୋଚନା ହୋଇଥିଲା। ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ସାଙ୍ଗଠନିକ ପ୍ରସ୍ତୁତି, ମଣ୍ଡଳସ୍ତରରେ ସଂଗଠନକୁ ସୁଦୃଢ଼ କରିବା, ବୁଥସ୍ତରରେ କାର୍ଯ୍ୟକର୍ତ୍ତାଙ୍କ ସକ୍ରିୟ ଭୂମିକା ଏବଂ ଦଳୀୟ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବା ନେଇ ମତବିନିମୟ ହୋଇଥିଲା। ବୈଠକରେ ଜିଲା ସାଧାରଣ ସମ୍ପାଦକ ଅଜିତ କିଶୋର ଚଲାନ ମଂଚ ପରିଚାଳନା କରିଥିଲେ। ଜିଲା ଉପସଭାପତି ଦେବଦେବ ପ୍ରସାଦ ସିଂଦେଓ, ରତ୍ନାନନ୍ଦ ମନହିରା, ଅବନି ଯୋଶୀ, ଜିଲା ସମ୍ପାଦକ ପ୍ରିୟରଞ୍ଜନ ମେହେର, ସଙ୍ଗୀତା ମାଝୀ, ପୂର୍ବତନ ଜିଲା ସଭାପତି ସୁବ୍ରତ ଠାକୁର, ଶିବପ୍ରସାଦ ମୁଣ୍ଡ, ଅତିନ୍ଦ୍ରଜିତ ସିଂହ ଏବଂ ଜିଲା ଚିକିତ୍ସା ପ୍ରକୋଷ୍ଠ ସଂଯୋଜକ ଡା. ସିଦ୍ଧାର୍ଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୯ଟି ମଣ୍ଡଳର ସଭାପତି ନୀଳାମ୍ବର ମେହେର, ପୁସ୍ତମ ମଶ୍ରା, କୃତିବାସ ତେଜି, କୁମ୍ଭ ବାଗ, ଜୟରାମ କୈବର୍ତ୍ତ, ସୁଶାନ୍ତ ବିଶି, ଯୁଧିଷ୍ଠିର ହଂସ ଓ ରତ୍ନାକର ହଂସଙ୍କ ସମେତ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବାଳକୃଷ୍ଣ ସବର, ମଣ୍ଡଳସ୍ତରୀୟ ପଦାଧିକାରୀ ଓ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ବୈଠକରେ ତୃଣମୂଳସ୍ତରରେ ସଂଗଠନକୁ ଅଧିକ ସକ୍ରିୟ କରିବା, କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ଜନସମ୍ପର୍କ ଓ ସେବାମୂଳକ କାର୍ଯ୍ୟକୁ ବ୍ୟାପକ କରିବା ନେଇ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା।

# ଡି.ପି.ଆଇ.ଆଇ.ଟି. ଦ୍ୱାରା ତେଜସ କର୍ମଶାଳା ସଫଳତାର ସହ ଆୟୋଜିତ

ମାଲକାନଗିରି,୨୦/୦୯ (ନି.ପ୍ର): ଭାରତ ସରକାରଙ୍କ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡି.ପି.ଆଇ.ଆଇ.ଟି.) ସୌଜନ୍ୟରୁ ମାଲକାନଗିରି ସ୍ଥିତ ସରକାରୀ ଆଇ.ଟି.ଆଇ. ଅଡିଟୋରିୟମ ଠାରେ ତେଜସ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଦେଶର ୧୩୨ଟି ଜିଲ୍ଲାରେ ଅଣ-ମେଟ୍ରୋ ଓ ଟାୟାର-୨/୩ ଅଂଚଳଗୁଡ଼ିକରେ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳ ସ୍ତରରେ ନବସୃଜନକୁ ସଶକ୍ତ କରିବା ଲକ୍ଷ୍ୟରେ ଏହି ଆଂଚଳିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଓଡ଼ିଶା, ଜି.ଆଇ.ଇ.ଟି. ବିଶ୍ୱବିଦ୍ୟାଳୟ, ସରକାରୀ ଆଇ.ଟି.ଆଇ. ମାଲକାନଗିରି, ଏ.ସି.ଆଇ.ସି. ଜି.ଆଇ.ଇ.ଟି.ୟୁ. ଏବଂ ପ୍ରମୁଖ ସ୍ଥାନୀୟ ଇକୋସିଷ୍ଟମ୍ ମିଳିତ ଭାବେ ସହଯୋଗ କରିଥିଲେ।

ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଏହି କର୍ମଶାଳାର ଉଦ୍ଘାଟନ କରିଥିଲେ। ଏହାସହ ଜି.ଆଇ.ଇ.ଟି. ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡଃ. ଚନ୍ଦ୍ର ଧ୍ୱଜ ପଣ୍ଡା, ଆଇ.ଟି.ଆଇ. ମାଲକାନଗିରିର ଅଧକ୍ଷ ସୁବାସ ଚନ୍ଦ୍ର ପରିଡ଼ା ଏବଂ ଏ.ସି.ଆଇ.ସି. ଜି.ଆଇ.ଇ.ଟି.ୟୁ. ର ସି.ଇ.ଓ. ରବୀନ୍ଦ୍ର ଯାଦବ ମଧ୍ୟ ଏହି ଅଧିବେଶନରେ ଉପସ୍ଥିତ ଥିଲେ। ଷ୍ଟାର୍ଟଅପ୍ ଇଣ୍ଡିଆର ସହଯୋଗୀ ସୀମା ଚରଣ ଡି.ପି.ଆଇ.ଆଇ.ଟି. ସ୍ୱୀକୃତି ଓ କେନ୍ଦ୍ରୀୟ ଯୋଜନା ବିଷୟରେ ବୁଝାଇଥିବା ବେଳେ ଷ୍ଟାର୍ଟଅପ୍ ଓଡ଼ିଶାର ମିଶନ୍ ଆସୋସିଏଟ୍ ଡଃ. ରଶ୍ମି ରଞ୍ଜନ ବେହେରା ଓଡ଼ିଶା ଷ୍ଟାର୍ଟଅପ୍ ନୀତି ୨୦୧୬ ଏବଂ ରାଜ୍ୟ ସ୍ତରୀୟ ପ୍ରୋତ୍ସାହନ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ଆଇଡିଆରୁ ଉଦ୍ୟୋଗ ପର୍ଯ୍ୟନ୍ତ ଯାତ୍ରା ଏବଂ ଇନ୍‌କ୍ୟୁବେଟରର ଭୂମିକା ସମ୍ପର୍କରେ ଗ୍ରହଣଯୋଗ୍ୟ ଆଲୋଚନା ହୋଇଥିଲା। ଏସ.ଟି.ପି.ଆଇ. ର ନିବେଦିତ ଦେ ଆଂଚଳିକ ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍ ସହାୟତା ବିଷୟରେ ଜଣାଇଥିଲେ। ଏହା ସହିତ ଏଚ.ସି.ଏଲ. ଟେକ୍ ର ଏ.ଆଇ. ଟ୍ରାନ୍ସଫର୍ମେସନ୍ ମ୍ୟାନେଜର ଶିବ ସୁବ୍ରମଣ୍ୟମ୍ ଆଗାମୀ ଦିନରେ ସୋଭରେନ୍ ଏ.ଆଇ.ର ଆବଶ୍ୟକତା ଓ ଆଂଚଳିକ ପ୍ରଭାବ ଉପରେ ଏକ ବୈଷୟିକ ଉପସ୍ଥାପନା ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମର ଶେଷରେ ମାଲକାନଗିରି ଜିଲ୍ଲା ଶିଳ୍ପ କେନ୍ଦ୍ରର ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳା ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ@୨୦୪୭ ର ସ୍ୱପ୍ନକୁ ସାକାର କରିବା ସହ ଗ୍ରାମାଂଚଳ ଓ ଛୋଟ ସହରଗୁଡ଼ିକରେ ନୂତନ ଉଦ୍ୟୋଗ ସୃଷ୍ଟି କରିବାରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଗାନ୍ଧୀ କ୍ୱିଜ୍ ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୨୦/୦୯ (ନି.ପ୍ର): ଗାନ୍ଧୀ ଆଦର୍ଶ ଓ ବିଚାରଧାରା ସହିତ ଉତର ପିଢିଙ୍କୁ ପରିଚିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ୯ ଗୋଟି ବ୍ଲକ ଓ ୨ ଟି ସହରାଚଂଳରେ ୫ଟି ଲେଖାଏଁ କରି ମୋଟ ୫୫ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୨୨୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗାନ୍ଧୀ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିଜୀଙ୍କ ହତ୍ୟା ପରେ ଦେଶର ବିଶିଷ୍ଟ ଗାନ୍ଧୀବାଦୀ ନେତାମାନଙ୍କ ଦ୍ୱାରା ଗାନ୍ଧୀ ବିଚାରକୁ ସମଗ୍ର ବିଶ୍ୱରେ ପ୍ରଚାର ପ୍ରସାର କରିବା ନିମନ୍ତେ ଗଠନ କରାଯାଇଥିବା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓଡିଶା ଶାଖା ପକ୍ଷରୁ ସମଗ୍ର ରାଜ୍ୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହେଉଥିବା ଏହି ଲିଖିତ ପ୍ରତିଯୋଗିତା ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହା ସଂଗଠିତ କରାଯାଇଥିଲା। ଗୋଟିଏ ଦିନରେ ଓ ଏକ ସମୟରେ ହୋଇଥିବା ଏହି ପ୍ରତିଯୋଗିତାକୁ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଚଂଳରେ ଅଧ୍ୟାପକ ଅଜୟ ସାମଲ, ରବୀନ୍ଦ୍ର ପ୍ରସାଦ ଜେନା, ଅବଧୂତ ରାଉତ, ଅବନ୍ତୀ ବେହେରା, ଭାଗୀରଥି ଜେନା, ନରୋତମ ପାର୍ଥସାରଥୀ, ଅଭିମନ୍ୟୁ ରାଉତ, ଗୋପୀନାଥ ଦାଶ, ମନୋରଞ୍ଜନ ତ୍ରିପାଠୀ, ମହେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ମହାପାତ୍ର, ସରୋଜକାନ୍ତ ନାୟକ, ବିଷ୍ଣୁପ୍ରିୟା ସାମଲ, ଅଭୟ କୁମାର ସ୍ୱାଇଁ, ଦେବାଶିଷ ପ୍ରଧାନ ପ୍ରମୁଖ ସଂଗଠନର କର୍ମକର୍ତାମାନେ ପରିଚାଳନା କରିଥିଲେ।

ପ୍ରତି ବିଦ୍ୟାଳୟରେ ପ୍ରଥମ ତିନିଟି ସ୍ଥାନ ହାସଲ କରିଥିବା ଜିଲ୍ଲାର ପ୍ରାୟ ୧୬୫ ଜଣ କୃତି ଛାତ୍ରଛାତ୍ରୀଙ୍କୁ ଆସନ୍ତା ଗାନ୍ଧୀ ଜୟନ୍ତୀ ଅବସରରେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଗାନ୍ଧୀ ଭବନ ସଭାଗୃହରେ ହେବାକୁ ଥିବା ଗାନ୍ଧୀ ଜୟନ୍ତୀ ଉତ୍ସବ ଅବସରରେ ପୁରସ୍କୃତ କରାଯିବ ବୋଲି ସଂଗଠନର ଜିଲ୍ଲା ସଭାପତି ପ୍ରାଧାପକ ନନ୍ଦକିଶୋର ପରିଡା ଓ ସମ୍ପାଦକ ଆଦିକନ୍ଦ ରାଉଳ ଜଣାଇଛନ୍ତି।

## ଚୋରି ମାମଲାରେ ଦୁଇ ଗିରଫ: ୫ ଚୋରା ବାଇକ ଉଦ୍ଧାର

ଜୟପୁର,୨୦/୦୯ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଂଚଳରୁ ଦୀର୍ଘଦିନ ଧରି ଚୋରି ଓ ଡକାୟତି ବୃଦ୍ଧି ପାଉଥିବା ବେଳେ ଆଜି ବୋରିଗୁମ୍ମା ପୋଲିସ ପକ୍ଷରୁ ଏକ ବାଇକ ଲୁଟେରା ଗ୍ୟାଙ୍ଗ କୁ କାବୁ କରାଯାଇଛି, ଗ୍ୟାଙ୍ଗ ର ଦୁଇ ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି ପୋଲିସ । ସମାନଙ୍କ ଠାରୁ ଚୋରି ହୋଇଥିବା ୫ ଗୋଟି ବାଇକ କୁ ଉଦ୍ଧାର କରିଛି ପୋଲିସ, ବାଇକ ଲୁଟେରା ଗ୍ୟାଙ୍ଗର ଦୁଇଜଣ ବୋରିଗୁମ୍ମା ଥାନା କୋଣାଗାଁ ର ଯୁଗଲ ହରିଜନ ଏବଂ କୋଟପାଡ଼ ଥାନା ଡାଙ୍ଗରୀଗୁଡାର ଚନ୍ଦ୍ର ହରିଜନକୁ ଗିରଫ କରାଯାଇଛି, ୨୯/୭/୨୬ ବୋରିଗୁମ୍ମା ଏବଂ ୧୩/୯/୨୬ କଣା ଗାଁ ରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା ଅଭିଯୋଗ ଆଧାର ତଦନ୍ତ ଆରମ୍ଭ କରିଥିଲା ପୋଲିସ ।

**AFFIDAVIT**

By virtue of an affidavit before the executive Magistrate cum Tahasildar Tihidi , I Kamalakanta Behera, S/o- Bhaja Hari Behera resident of Vill- Kandaragadia, Po- Kandaragadia, Ps- Pirahat, Dist- Bhadrak, state- Odisha, Pin- 756129 declare that I, wholly renounce, relinquish and abandon the use of my daughter former name Trupti Behera and in place thereof assume from the date hereof the name of Truptimayee Behera. I will be known as Truptimayee Behera for all purposes.

Truptimayee Behera

# ବୈଠକ ପରେ ବୈଠକ: ଉନ୍ନୟନ କାର୍ଯ୍ୟ ଠପ୍

କେନ୍ଦ୍ରାପଡ଼ା,୨୦/୦୯ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳରେ କାର୍ଯ୍ୟ କରୁଥିବା ଠିକାଦାରମାନେ ବେପରୁଆ ଭାବେ କାର୍ଯ୍ୟ କରୁଛନ୍ତି। କେଉଁ ସ୍ଥାନରେ ଅଧା କାମ କରି ଆଉ କାମ ଆଗଉ ନାହାଁନ୍ତି ତ କେଉଁଠାରେ କାମ ନକରି ଫଲସ ବିଲ କରୁଛନ୍ତି। ଠିକାଦାରମାନଙ୍କ ଜବତ କରିବା ପାଇଁ ଅପାରଗ ଅଫିସରମାନେ କାର୍ଯ୍ୟ କରୁଛନ୍ତି। ଯାହା ଫଳରେ ଠିକାଦାରମାନେ ଭୟ କରୁନାହାଁନ୍ତି। ବୈଠକ ପରେ ବୈଠକ ବସୁଛି। ହେଲେ ଉନ୍ନୟନ କାର୍ଯ୍ୟ ଚୁଲିକୁ ଯାଉଛି। କାରଣ ବୈଠକରେ ଯାହା ନିଷ୍ପତି ହେଉଛି ତାହା କାର୍ଯ୍ୟକାରୀ ହେଉନାହିଁ। କାରଣ କେତେକ ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ପାଇଁ ପୌର ପରିଷଦରେ ପ୍ରସ୍ତାବ ପାରିତ ହେଲେ ମଧ୍ୟ ଠିକା ସଂସ୍ଥାଗୁଡ଼ିକ ବିରୋଧରେ ଇଓ(ଏକ୍‌ଜିକ୍ୟୁଟିଭ ଅଫିସର) କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ଓଲଟା ସେମାନଙ୍କୁ ସୁରକ୍ଷା ଦେଉଛନ୍ତି। ଅବସ୍ଥା ଏପରି ହେଲାଣି ରୋକିବାକୁ କେହି ନାହାଁନ୍ତି। ସାଂସଦ କି ବିଧାୟକ କେହି ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି। ଶେଷରେ ପୌରାଂଚଳର ବିକାଶ କାହିଁକି ହେଉନାହିଁ ପ୍ରଶ୍ନ ଉଠିଲେ ପୌରାଧକ୍ଷାଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ହେଲେ ପୌରାଧକ୍ଷା ଯାହା ଚାହୁଁଛନ୍ତି ତାହାକୁ ଇଓ କାର୍ଯ୍ୟକାରୀ କରାଇ ଦେଉ ନାହାଁନ୍ତି। ବିଭିନ୍ନ ୱାର୍ଡ଼ରେ ୫ କୋଟିରୁ ଅଧିକ ଟଙ୍କାର ଟେଣ୍ଡର ପାରିତ ହୋଇଛି। ଏହି ଟଙ୍କାରେ ବିଭିନ୍ନ ୱାର୍ଡ଼ରେ ରାସ୍ତା କାମ ହେବ। ହେଲେ ଠିକାଦାରମାନେ ଟେଣ୍ଡର ନେଇ କାମ କରୁନାହାଁନ୍ତି। ସେମାନଙ୍କୁ ତାଗିଦ କରିବା ପାଇଁ ଯଉଁ ଯନ୍ତ୍ରୀ ଓ ଅଧିକାରୀ ରହୁଛନ୍ତି ସେମାନେ ଠିକାଦାରମାନଙ୍କ ସହ ହାତ ମିଳାଇ ଦେଇଛନ୍ତି। ତେଣୁ ପୌରାଂଚଳରେ ନିମ୍ନମାନର କାର୍ଯ୍ୟ ହେଉଛି। ଏହାସହ କାମ ନକରି ମଧ୍ୟ ଠିକାଦାରମାନେ ଅଧିକାରୀମାନଙ୍କୁ ଧରାଧରି କରି ବିଲ୍ ନେଇ ଯାଉଛନ୍ତି। ଏହାଦ୍ୱାରା ଲୋକଙ୍କ ଟିକସ ଅର୍ଥ ବରବାଦ ହେଉଛି। ତେଣୁ ପୌର କାର୍ଯ୍ୟ ନିର୍ବାହୀ ଏ ଦିଗରେ କାହିଁକି ନରମ ମନୋଭାବ ପୋଷଣ କରୁଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି। ଠିକାଦାରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୌର ପରିଷଦରେ ଅନେକ ଥର ଆଲୋଚନା ହେଉଛି। ହେଲେ ଏହାକୁ ଅଧିକାରୀମାନେ କାର୍ଯ୍ୟକାରୀ କରୁନାହାଁନ୍ତି। ଠିକାଦାରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କ୍ଷମତା ଅଧିକାରୀମାନଙ୍କ ହାତରେ ରହିଛି। କିନ୍ତୁ ଅଧିକାରୀମାନେ ଏ କ୍ଷେତ୍ରରେ ଠିକାଦାରମାନଙ୍କ ବିରୋଧରେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ଅଧିକାରୀମାନେ ନିଜର ଫାଇଦା ହାସଲ କରି ଓଲଟା କେଉଁ ପୌରସଭ୍ୟ ଠିକାଦାରମାନଙ୍କ ବିରୋଧରେ ଅଭିଯୋଗ ଆଣୁଛନ୍ତି ତାହା କହି ଦେଉଛନ୍ତି। ଫଳରେ ପୌର ସଭ୍ୟମାନେ ଠିକାଦାରମାନଙ୍କ ଟାର୍ଗେଟରେ ରହୁଛନ୍ତି। ଏହା ଜାଣିବା କେତେକ ପୌର ପରିଷଦ ବାଧ ହେଉଛନ୍ତି ଠିକାଦାରମାନଙ୍କ ବିରୋଧରେ ପୌର ପରିଷଦ ବୈଠକରେ କୌଣସି ଅଭିଯୋଗ ନକରିବା ପାଇଁ। ଠିକାଦାରମାନେ କାମ କରୁନଥିବାରୁ ଏବେ ପୌରାଂଚଳରେ ବିଭିନ୍ନ ରାସ୍ତା ଭାଙ୍ଗିରୁଜି ଗଲାଣି। ଏଥିପାଇଁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ପ୍ରତିଦିନ ସକାଳୁ ବରିଷ୍ଠ ନାଗରିକମାନେ ନିଜ ସ୍ୱାସ୍ଥ୍ୟକୁ ସଠିକ ରଖିବା ପାଇଁ ଚଲାବୁଲା କରୁଥିବାବେଳେ ଖାଲରେ ପଡ଼ି ଗୋଡ଼, ହାତ, ଅଂଟା ଭାଙ୍ଗୁଛି। ସେହିପରି ଦିନବେଳା ସ୍କୁଲ, କଲେଜ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନକୁ ଯିବା ସମୟରେ ଦୁର୍ଘଟଣାର ଶିକାର ହୋଇ ଆହତ ହେଉଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଠକେଇ ଭଳି ଅଭିଯୋଗରେ ନକଲି ମୋଟର ଯାନ ନିରୀକ୍ଷକ ଗିରଫ

କନ୍ଧମାଳ,୨୦/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ସାରଙ୍ଗଡ଼ା, ନିଜକୁ ଆର୍‌ଟିଓ ବିଭାଗର ମୋଟର ଯାନ ନିରୀକ୍ଷକ(ଏମ୍‌ଭିଆଇ) ଭାବେ ପରିଚୟ ଦେଇ ଲୋକଙ୍କୁ ଠକିବା ଅଭିଯୋଗରେ ଜଣେ ଯୁବକଙ୍କୁ ସାରଙ୍ଗଡ଼ା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ନକଲି ୟୁନିଫର୍ମ ପିନ୍ଧି ଗାଡ଼ି ଯାଂଚ କରିବା ସହ ବିବାହ ପ୍ରତିଶ୍ରୁତି ଦେଇ ଏକାଧିକ ମହିଳାଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ଭାବେ ଶୋଷଣ କରୁଥିବା ପୁଲିସ କହିଛି। ଏହି ସଂକ୍ରାନ୍ତରେ ସାରଙ୍ଗଡ଼ା ଥାନାରେ ଏକ ମାମଲା ୧୩୨/ ୧୭.୦୯.୨୦୨୬ ରୁଜ୍ଜୁକରି ମାମଲାର ଅଭିଯୁକ୍ତ ଧର୍ମେନ୍ଦ୍ର କୁମାର ବେହେରା(୩୦), ପିତା- ସୋମନାଥ ବେହେରା, ଗ୍ରାମ- ଚକାପଦା, ଟୋଟାସାହି, ଥାନା- ଚକାପଦା, ଜିଲ୍ଲା- କନ୍ଧମାଳ। ସେ ନିଖିଲ କୁମାର ପଟ୍ଟନାୟକ ନାମରେ ମଧ୍ୟ ପରିଚୟ ଦେଉଥିବା ପୁଲିସ ପ୍ରେସ୍ ନୋଟ୍‌ରେ ଉଲ୍ଲେଖ ରହିଛି। ପୁଲିସର ସୂଚନା ଅନୁସାରେ, ଅଭିଯୁକ୍ତ ଜଣକ ପ୍ରାୟ ଏକବର୍ଷ ପୂର୍ବେ ବିବାହ ପ୍ରସ୍ତାବ ମାଧ୍ୟମରେ ଅଭିଯୋଗକାରୀଙ୍କ ସହ ପରିଚିତ ହୋଇଥିଲେ। ନିଜକୁ ଆର୍‌ଟିଓ ବିଭାଗର ଏମ୍‌ଭିଆଇ ଭାବେ ପରିଚୟ ଦେଇ ସେ ଅଭିଯୋଗକାରୀ ଓ ତାଙ୍କ ପରିବାରର ବିଶ୍ୱାସ ହାସଲ କରିଥିଲେ। ବରିଷ୍ଠ ସରକାରୀ ଅଧିକାରୀଙ୍କ ସହ ପ୍ରଭାବ ଥିବା ଏବଂ ନିୟମିତ ସରକାରୀ ଚାକିରି କରାଇଦେବାକୁ କହି ସେ ଟଙ୍କା ଯୋଗାଡ଼ କରିବାକୁ ଅଭିଯୋଗକାରୀଙ୍କୁ ପ୍ରବର୍ତାଇଥିବା ଅଭିଯୋଗ ହୋଇଛି।

ଏହି ଆଶ୍ୱାସନରେ ବିଶ୍ୱାସ କରି ଅଭିଯୋଗକାରୀ ୭ ଲକ୍ଷ ୧୮ ହଜାର ୮୫୧ ଟଙ୍କା ବିଭିନ୍ନ କିସ୍ତିରେ, ଗତ ୨୬.୦୯.୨୦୨୫ରୁ ୨୦.୦୧.୨୦୨୬ ମଧ୍ୟରେ ଫୋନପେ ମାଧ୍ୟମରେ ଅଭିଯୁକ୍ତଙ୍କ ବ୍ୟାଙ୍କ ଖାତାକୁ ପଠାଇଥିବା ପୁଲିସ ଜାଣିପାରିଛି। ପରେ ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତ ଫୋନ୍ ବନ୍ଦ କରିଦେଇଥିବା ଅଭିଯୋଗ ରହିଛି। ନକଲି ଏମ୍‌ଭିଆଇ ୟୁନିଫର୍ମରେ ଗାଡ଼ି ଯାଂଚ ପୁଲିସ କହିଛି ଯେ, ବିଶ୍ୱସନୀୟ ସୂଚନା ଆଧାରରେ ଅଭିଯୁକ୍ତଙ୍କୁ ପାବୁରିଆ ଛକ ନିକଟରୁ ଧରାଯାଇଥିଲା। ସେ ସମୟରେ ସେ ଓଏମ୍‌ଭିଡି ୟୁନିଫର୍ମ ପିନ୍ଧିଥିବା ସହ ଗାଡ଼ିରେ କମଳା ରଙ୍ଗର ଲାଇଟ୍ ବ୍ୟବହାର କରୁଥିଲେ। ଏହା ମାଧ୍ୟମରେ ସେ ନିଜକୁ ଜଣେ ଅଧିକୃତ ମୋଟର ଯାନ ନିରୀକ୍ଷକ ଭାବେ ଦର୍ଶାଉଥିବା ପୁଲିସର ଅଭିଯୋଗ। ପଚରାଉଚରା ସମୟରେ ଅଭିଯୁକ୍ତ ନିଜକୁ ସଡ଼କ ପରିବହନ ବିଭାଗର ଏମ୍‌ଭିଆଇ ଭାବେ ପରିଚୟ ଦେଇ ଅଭିଯୋଗକାରୀଙ୍କ ସମେତ ଅନ୍ୟ ଲୋକଙ୍କୁ ଠକିଥିବା ସ୍ୱୀକାର କରିଥିବା ପୁଲିସ ପ୍ରେସ ନୋଟ୍‌ରେ କୁହାଯାଇଛି।

ପୁଲିସ ଅନୁସନ୍ଧାନରେ ଆହୁରି ଜଣାପଡ଼ିଥିବା ଅନୁସାରେ, ଅଭିଯୁକ୍ତ କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି ଭାବେ ଅନଧିକୃତ ମୋଟର ଯାନ ଯାଂଚ କରୁଥିଲେ। ସେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଇ ନିଜକୁ ସରକାରୀ ଅଧିକାରୀ ଭାବେ ଉପସ୍ଥାପନ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏହାସହ ସେ ଏକାଧିକ ମହିଳାଙ୍କୁ ବିବାହ ପ୍ରସ୍ତାବ ପଠାଇ ମିଥ୍ୟା ବିବାହ ପ୍ରତିଶ୍ରୁତି ଦେଇ ଆର୍ଥିକ ଓ ଯୌନଶୋଷଣ କରୁଥିବା ଅଭିଯୋଗ ପୁଲିସ ତଦନ୍ତରେ ସାମ୍ନାକୁ ଆସିଛି। ଠକେଇରୁ ମିଳିଥିବା ଟଙ୍କା ସେ ବିଳାସପୂର୍ଣ୍ଣ ଜୀବନଯାପନରେ ବ୍ୟବହାର କରୁଥିବା ପୁଲିସ କହିଛି। ବହୁ ସାମଗ୍ରୀ ଜବତ ଅଭିଯୁକ୍ତଙ୍କ ଠାରୁ ପୁଲିସ ନିଖିଲ କୁମାର ପଟ୍ଟନାୟକ ନାମ ଥିବା ଓଏମଭଡି ୟୁନିଫର୍ମ, ଗୋଟିଏ ପୁଲିସ ରେନ୍ କୋଟ୍, କମଳା ଲାଇଟ୍ ଲାଗିଥିବା ମାରୁତି ଏର୍ଟିଗା, ଗୋଟିଏ ମାରୁତି ଆଲ୍‌ଟୋ, ଧର୍ମେଶ କୁମାର ପଟ୍ଟନାୟକ ନାମରେ ଦୁଇଟି ନେମ୍‌ପ୍ଲେଟ୍, ସଡ଼କ ପରିବହନ ବିଭାଗର ୟୁନିଫର୍ମ ପିନ୍ଧିଥିବା ଫଟୋ, ମୋବାଇଲ୍ ଫୋନ୍, ଏସ୍‌ବିଆଇ ପାସ୍‌ବୁକ୍, ଆଧାର କାର୍ଡ଼ ଏବଂ ମାଧ୍ୟମିକ ଶିକ୍ଷା ବୋର୍ଡ଼ର ପ୍ରମାଣପତ୍ର ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ବଲ୍ଲିଗୁଡ଼ା ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏହି ମାମଲାରେ ଆହୁରି କେତେଜଣ ଲୋକ ଠକେଇର ଶିକାର ହୋଇଛନ୍ତି ଏବଂ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ତଦନ୍ତ ଜାରି ରହିଛି।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର

ଝାରସୁଗୁଡା,୨୦/୦୯ (ନି.ପ୍ର): ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ଆନୁକୁଲ୍ୟରେ ଆଜି ସଂସ୍କାର ପବ୍ଲିକ୍ ସ୍କୁଲ ପରିସରରେ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତି କରଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ ଓ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସୁମନା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହିତ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଝାରସୁଗୁଡା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ଭାରତ ସରକାରଙ୍କର ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନା ଏବଂ ପୋଷ୍ଟାଲ ବୀମା ଯୋଜନା ଉପରେ ଆଲୋକପାତ କରିଥିଲେ। ଆର୍ଥିକ ସାକ୍ଷରତା ପରାମର୍ଶଦାତା କୃଷ୍ଣଚନ୍ଦ୍ର ନାୟକ ଚିଟ ଫଣ୍ଡର ଅପକାରିତା ଓ ବ୍ୟାଙ୍କର ବିଭିନ୍ନ ଜମା ଯୋଜନା, ବୀମା ଯୋଜନା ଏବଂ ଋଣ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଇଣ୍ଡିଆନ ପୋଷ୍ଟ ପେମେଂଟ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ହରିଶ ସଜ୍ଜନାପୁ ସାଇବର ଅପରାଧ ଓ ଭାରତ ସରକାରଙ୍କ ବୀମା ଓ ପେନସନ ଯୋଜନା ବିଷୟରେ ଆଲୋଚନା କରିଥିଲେ । ସଂସ୍କାର ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ କନ୍ଦର୍ପ ସାହୁ ଆର୍ଥିକ ସାକ୍ଷରତାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଶିକ୍ଷୟିତ୍ରୀ ପ୍ରିୟଙ୍କା ପାଇକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ, ଜଗନ୍ନାଥ ରାଉତ ଏବଂ ସଂସ୍କାର ପବ୍ଲିକ୍ ସ୍କୁଲର ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର ସୁନା ସହଯୋଗ କରିଥିଲେ।

# ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୨୦/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଆଜି କେନ୍ଦ୍ରାପଡ଼ା ସହରର ଅଯୋଧ୍ୟାନଗରସ୍ଥିତ ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ଭିତିଭୂମି, ଶିକ୍ଷଣ ପରିବେଶ ଏବଂ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ପାଠପଢ଼ା, ଦୈନନ୍ଦିନ କାର୍ଯ୍ୟକଳାପ, ଆବଶ୍ୟକତା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଛାତ୍ରଛାତ୍ରୀଙ୍କ ଉତ୍ସାହ, ଆତ୍ମବିଶ୍ୱାସ ଓ ସକାରାତ୍ମକ ମନୋଭାବକୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ। ଜିଲ୍ଲାପାଳ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କ ସହ ମଧ୍ୟ ଆଲୋଚନା କରି ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ, ଯତ୍ନ, ମାର୍ଗଦର୍ଶନ ଏବଂ ବିଦ୍ୟାଳୟ ପରିଚାଳନା ସମ୍ପର୍କରେ ତଥ୍ୟ ନେଇଥିଲେ। ଏଥିସହ ବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ସୁବିଧା, ଶିକ୍ଷଣ ପରିବେଶ ଓ ଆବଶ୍ୟକ ଭିତିଭୂମିର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ। ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ନିରାପଦ, ସମାବେଶୀ ଓ ସହାୟକ ଶିକ୍ଷା ପରିବେଶ ସୁନିଶ୍ଚିତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

# ବନ୍ଦଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ ଆଣିଲେ ମୃତ ମହିଳାଙ୍କ ପରିବାର

ନୀଳଗିରି, ୨୦/୯ (ନି.ପ୍ର): ବନ୍ଦଘରୁ ଜୈନିକ ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଶାଶୁଘର ଲୋକେ ଯୌତୁକପାଇଁ ତାଙ୍କ ଝିଅକୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଥିବାନେଇ ମହିଳାଙ୍କ ବାପା ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିବାରୁ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଜାରଡା ଗ୍ରାମର ପ୍ରଭଞ୍ଜନ ପ୍ରଧାନଙ୍କ କନ୍ୟା ଶୁଭଲକ୍ଷ୍ମୀଙ୍କୁ ୨୦୨୪ ମସିହାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଓଲଡ଼ଙ୍ଗ ଗ୍ରାମର ଶମ୍ଭୁନାଥ ସାମଲଙ୍କ ପୁଅ ପଙ୍କଜ ସାମଲଙ୍କୁ ବୈଦିକରୀତିରେ ବିବାହ ଦେଇଥିଲେ। ବିବାହ ସମୟରେ ବରପକ୍ଷର ଦାବୀ ମୁତାବକ ସମସ୍ତ ଯାନିଯୌତୁକ ଦେଇ ଝିଅକୁ ବିଦାକରିଥିଲେ। କିଛିଦିନ ଭଲରେ ଘରସଂସାର କରିବାପରେ ଶାଶୁ, ଶଶୁର, ନଣନ୍ଦ, ନଣନ୍ଦେଇଙ୍କ ସମେତ ସ୍ୱାମୀ ପଙ୍କଜ ଅଧିକ ଯୌତୁକ ଦାବିକରି ବାରମ୍ବାର ନିର୍ଯାତନା ଦେଉଥିବା ଏବଂ ଏଥିପାଇଁ ବାରମ୍ବାର ଉଭୟ ପରିବାର ବସି ସମାଧାନ କରିଥିଲେ। ଆଜି ସକାଳ ପ୍ରାୟ



୭ଟା ସମୟରେ ଶୁଭଲକ୍ଷ୍ମୀ ନିଜର ମାଆ ସହିତ ଫୋନରେ କଥାହୋଇଥିବା ବେଳେ ଦିନପ୍ରାୟ ୯ଟା ସମୟରେ ଉକ୍ତ ମହିଳାଙ୍କ ଝୁଲନ୍ତା ମୃତଦେହ ଏକ ବନ୍ଦଘରୁ ଉଦ୍ଧାର କରାଯାଇ ନୀଳଗିରି ହସ୍ପିଟାଲ ଅଣାଯାଇଥିଲା। ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରିରଖିଥିବା ବେଳେ ସ୍ୱାମୀ ପଙ୍କଜଙ୍କୁ ଅଟକ ରଖି ପଚରାଉଚରା କରୁଛି। ମହିଳାଙ୍କ ଏକ ୯ମାସର ଶିଶୁପୁତ୍ର ଅଛି। ତେବେ ମୃତ ଶୁଭଲକ୍ଷ୍ମୀଙ୍କ ବାପା ନୀଳଗିରି ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବାସହିତ ତାଙ୍କ ଝିଅକୁ ଶାଶୁଘର ଲୋକ ୫ଲକ୍ଷଟଙ୍କା ପାଇଁ ମାରିଦେଇ ଦଉଡ଼ିରେ ଟାଙ୍ଗିଦେଇ ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିବାସହ ଝିଅକୁ ନିର୍ଯାତନାର ଫୋନରେକର୍ଡ଼ିଂ ତାଙ୍କନିକଟରେ ଥିବା ଅଭିଯୋଗ କରିଛନ୍ତି।ମହିଳାଙ୍କ ଶବବ୍ୟବଚ୍ଛେଦ କରାଯିବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ରହିଛି।ଏନେଇ ନୀଳଗିରି ଥାନାରେ ୪୨୫/୨୬ ଧାରା ୮୫/୮୦,୧୦୩(୧)୩(୫) ଭାରତୀୟ ନ୍ୟାୟସଂହିତା ୪ଡିପି ମାମଲା ରୁଜୁକରି ତଦନ୍ତ ଜାରିରଖିଛି। ତଦନ୍ତକାରୀ ଅଧିକାରୀ ଦେବବ୍ରତ ସ୍ୱାଇଁ ତଦନ୍ତ ଜାରିରଖିଥିବା ବେଳେ ସିସି ଟିଭି ଫୁଟେଜର ହାର୍ଡ ଡିସ୍କ ଏବଂ ମୋବାଇଲ୍ ଜବତ କରିଛି।

# ପ୍ରଜ୍ଞାନ ମିସନ ଦ୍ୱାରା ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ




ବାଲେଶ୍ୱର , ୨୦/୯ (ନି.ପ୍ର): ପ୍ରଜ୍ଞାନ ମିସନ ସଂସ୍ଥା ଆନୁକୁଲ୍ୟରେ ସଦର ବ୍ଲକ ସ୍ତରରେ ଗୀତା ଆବୃତ୍ତି ପ୍ରତିଯୋଗୀତା ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଂସ୍ଥାର ବାଲେଶ୍ୱର ଜିଲ୍ଲା ସଂଯୋଜକ ବିଦ୍ୟାଧର ଦ୍ୱିବେଦୀଙ୍କ ଆୟୋଜନରେ ଶ୍ରୀମଦ୍ ଭଗବତ ଗୀତାର ଷଷ୍ଠ ଅଧ୍ୟାୟ ଆତ୍ମ ସଂଯମ ଯୋଗ ଆଧାରରେ ଏହି ଗୀତା ଜ୍ଞାନ ପରୀକ୍ଷା ହୋଇଥିଲା। ପ୍ରାରମ୍ଭରେ ମୁଖ୍ୟ ଅତିଥି ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ସଂପାଦକ ଗୟାଧର କର ଓ ଅନ୍ୟ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱୋଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା।ଏଥିରେ ୧୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଯୋଗଦେଇ ଗୀତା ଆବୃତ୍ତି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ।କ,ଖ,ଗ ଓ ଘ ୪ ଗୋଟି ବିଭାଗରେ ୩ୟ ଶ୍ରେଣୀ ଠାରୁ+୨ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ସୁମଧୁର ଗୀତା ଆବୃତ୍ତି କରି ବିଚାରକ ମାନଙ୍କର ମନମୁଗ୍ଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ତଥା ନିର୍ଣ୍ଣାୟକ ଭାବେ ପ୍ରଦୀପ ମିଶ୍ର, ବନମାଳୀ ଦାସଜୀ ମହାରାଜ, ରମାକାନ୍ତ ରଣା ଓ ହରେକୃଷ୍ଣ ଗିରି ପ୍ରମୁଖ ଯୋଗ ଦେଇ ଗୀତା ଆବୃତ୍ତି ପ୍ରତିଯୋଗୀତାର ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଅତିଥିମାନେ ଗୀତା ଆବୃତ୍ତିର ଉଦେଶ୍ୟ ଓ ଉପକାରିତା ବିଷୟରେ ବୁଝାଇଥିଲେ ଏବଂ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଜିଲ୍ଲା ସଂଯୋଜକ ବିଦ୍ୟାଧର ଦ୍ୱିବେଦୀ କୃତି ପ୍ରତିଯୋଗୀମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଜିଲ୍ଲା ସ୍ତରୀୟ ଗୀତା ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ପାଇଁ ସୂଚନା ଦେଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ମୀନକେତନଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କଲା ପିସିସି

ବାରିପଦା, ୨୦/୯ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ କମିଟିର ଉପ ସଭାପତି, ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନର ରାଜ୍ୟ ସମ୍ପାଦକ ତଥା ପିସିସି ସଭ୍ୟ ମୀନକେତନ ବେହେରାଙ୍କ ନିଲମ୍ବନ ପ୍ରତ୍ୟାହାର କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି, ରାଜ୍ୟ ଶୃଙ୍ଖଳା କମିଟିର ଅଧକ୍ଷ ଶ୍ରୀ ସୁଜିତ କୁମାର ପାଢ଼ୀ ସମସ୍ତ ବିଷୟକୁ ବିଚାର ବିମର୍ଶ କରି ମୟୁରଭଞ୍ଜ ଜିଲ୍ଲା ସଂଗଠନକୁ ସୁଦୃଢ କରିବା ପାଇଁ ଏକ ପ୍ରେସ ବିଜ୍ଞପ୍ତି ଜାରିକରି ଶ୍ରୀ ମିନକେତନ ବେହେରା ଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିଛନ୍ତି। ମୀନକେତନ ବେହେରାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିଥିବାରୁ ଜିଲ୍ଲା କଂଗ୍ରେସ ସଭାପତି ପୁର୍ଣଚନ୍ଦ୍ର ବିଶ୍ୱାଳ, ମୟୁରଭଞ୍ଜ ବାର ଆଶସ୍ବସିଏସନ ସଭାପତି ଜ୍ୟୋତି ପ୍ରକାଶ ରଥ, ଅଶୋକ ଗିରି, ପ୍ରଦୀପ ଦାସ, ଏସସି ସେଲ ସଭାନେତ୍ରୀ ସୁସ୍ମିତା ବେହେରା, ଜିଲ୍ଲା ଉପ ସଭାନେତ୍ର ମାଧବୀ ସେନାପତି, ଭୁବନେଶ୍ୱରୀ ଜେନା,ଗୌରୀ ନାୟକ, ପ୍ରଦେଶ କମିଟି ସଭାପତି ଓ ଶୃଙ୍ଖଳା କମିଟି ଅଧକ୍ଷ୍ୟଙ୍କୁ ଧନ୍ୟବାଦ ଜଣାଇବା ସହିତ ମୀନକେତନ ବେହେରା ଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜାଣିଛନ୍ତି। ମୀନକେତନ ବେହେରା ମଧ୍ୟ ଜିଲ୍ଲା ର ସମସ୍ତ ନେତା ଙ୍କୁ ଧନ୍ୟବାଦ ଜଣାଇବା ସହିତ ରାଜ୍ୟ ନେତୃତ୍ୱ ଙ୍କୁ କୃତଜ୍ଞତା ଜଣାଇ ସମସ୍ତେ ମିଳିମିଶି କଂଗ୍ରେସ କୁ ସୁଦୃଢ କରିବା ପାଇଁ କାର୍ଯ୍ୟକାରିବୁ ବୋଲି ପ୍ରକାଶ କରିଛନ୍ତି।

# ରାମତୀର୍ଥରେ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ: ୬୦ ମହିଳାଙ୍କୁ ମୋବାଇଲ ଆସେମ୍ବ୍ଲିଂ ଓ ୩୦ ଯୁବକ-ଯୁବତୀଙ୍କୁ ନେଚରାଲିଷ୍ଟ-କମ-ଗାଇଡ ପ୍ରଶିକ୍ଷଣ




ବାରିପଦା , ୨୦/୯ (ନି.ପ୍ର): ସିମିଳିପାଳ ଅଭୟାରଣ୍ୟ ଅଞ୍ଚଳର ଯୁବକ-ଯୁବତୀଙ୍କୁ ଦକ୍ଷତା ବିକାଶ ସହ ଜୀବିକାର ସୁଯୋଗ ପ୍ରଦାନ ଲକ୍ଷ୍ୟରେ ଆମ ସିମିଳିପାଳ ଯୋଜନା ଅଧୀନରେ ରାମତୀର୍ଥ ଠାରେ ପ୍ରତିଷ୍ଠିତ ଦକ୍ଷତା ବିକାଶ କେନ୍ଦ୍ର ଶୁକ୍ରବାର ଉଦଘାଟିତ ହୋଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ ଏହି କେନ୍ଦ୍ରକୁ ଉଦଘାଟନ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଫିଲ୍ଡ ଡାଇରେକ୍ଟର ଡ. ପ୍ରକାଶ ଚନ୍ଦ୍ର ଗୋଗିନେନି, ସିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବିଭାଗର ଡିଏଫଓ ସୁମିତ କର, ସିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବିଭାଗର ଉପନିର୍ଦ୍ଦେଶକ ରମେଶ କୁମାର ବିଷ୍ଣୋଇ, କରଞ୍ଜିଆ ଡିଏଫଓ ଅଜୟ କୁମାର ସାହୁ, ରାଇରଙ୍ଗପୁର ଡିଏଫଓ ସୁବ୍ରତ କୁମାର ପାତ୍ର, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀଙ୍କ ସମେତ ବହୁ ଅଧିକାରୀ ଓ ଅତିଥି ଉପସ୍ଥିତ ଥିଲେ। ଏହି କେନ୍ଦ୍ରରେ ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପରିସରରେ ରହୁଥିବା ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ଓ ଜୀବିକା ସୁଯୋଗ ସୃଷ୍ଟି ପାଇଁ ଆବାସିକ ପ୍ରଶିକ୍ଷଣ ବ୍ୟବସ୍ଥା ରହିଛି। ପ୍ରଥମ ପର୍ଯ୍ୟାୟରେ ୬୦ ଜଣ ମହିଳାଙ୍କୁ ମୋବାଇଲ ଆସେମ୍ବଲିଙ୍ଗ ଏବଂ ୩୦ ଜଣ ଯୁବକ-ଯୁବତୀଙ୍କୁ ନେଚରାଲିଷ୍ଟ-କମ-ଗାଇଡ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂହଖୁଣ୍ଟିଆ ସିମିଳିପାଳର ପ୍ରାକୃତିକ ସମ୍ପଦ, ଜୈବ ବିବିଧତା ଓ ପରିବେଶର ସୁରକ୍ଷା ସହ ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ସମୁଦାୟକୁ ସଂରକ୍ଷଣ କାର୍ଯ୍ୟରେ ଅଧିକ ସାମିଲ କରିବା ସହ ସେମାନଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି।

# ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ରାଜଭାଷା ପଖୱାଡ଼ା ପାଳନ ପାଇଁ ଅନଲାଇନ୍ କୁଇଜ୍ ପ୍ରତିଯୋଗିତା

ରାଉରକେଲା, ୨୦/୯ (ନି.ପ୍ର): ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ରାଜଭାଷା ପଖୱାଡା ଉତ୍ସବର ଅଂଶ ଭାବରେ ଆୟୋଜିତ ହିନ୍ଦୀ ସାହିତ୍ୟ, ସଙ୍ଗୀତ ଏବଂ ସିନେମା ଉପରେ ଏକ ଅନଲାଇନ୍ କୁଇଜ୍ ପ୍ରତିଯୋଗିତା, ପ୍ଲାଣ୍ଟର ବିଭିନ୍ନ ବିଭାଗର କର୍ମଚାରୀମାନଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ହାସଲ କରିଥିଲା। ୧୯ ସେପ୍ଟେମ୍ବର, ୨୦୨୬ ରେ ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ ଅନଲାଇନ୍ କୁଇଜ୍ ରେ ପ୍ରାୟ ୨୦୦ କର୍ମଚାରୀ ଲଗ୍ ଇନ୍ କରି ପ୍ରତିଯୋଗିତାକୁ ଜୀବନ୍ତ ଏବଂ ଆକର୍ଷଣୀୟ କରିଥିଲେ। ଶ୍ରୀମତୀ ଅର୍ଚ୍ଚନା ସତପଥୀ, ଏଗ (ଚଜ) ଏବଂ ଉକ୍ତଓ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଅସଂଖ୍ୟ ବିଷୟ ଉପରେ ଫଟୋ, ଅଡିଓ ଏବଂ ଭିଜୁଆଲ୍ ସହିତ ଆକର୍ଷଣୀୟ ପ୍ରଶ୍ନଗୁଡ଼ିକର ସୁନ୍ଦର ସଂକଳନ। ଏହି କାର୍ଯ୍ୟକ୍ରମରେ ବ୍ୟାପକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ସଂଗଠନରେ ରାଜଭାଷାର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ ??କରିବା ପାଇଁ କର୍ମଚାରୀମାନଙ୍କ ଆଗ୍ରହକୁ ପ୍ରତିଫଳିତ କରିଥିଲା। ଶ୍ରୀ କେକେ ଜୟସୱାଲ, ଡିଜିଏମ୍ (ପିପିସି) ଏବଂ ଶ୍ରୀ ଭିପି ଆର୍ଯ୍ୟ, ଡିଜିଏମ୍ (ସି ଆଣ୍ଡ ଆଇଟି) ଏହି କାର୍ଯ୍ୟକ୍ରମର କୁଇଜ୍ ମାଷ୍ଟର ଥିଲେ। ଶ୍ରୀ ଅନିଲ କୁମାର ଝା, ଡେପୁଟି ମ୍ୟାନେଜର (ପିଆର-ରାଜଭାଷା) ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜଝଚର ଚଜ ଏବଂ ରାଜଭାଷା ବିଭାଗ ରାଜଭାଷା ପଖୱାଡା ପାଳନ ପାଇଁ ଏକାଧିକ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଉଲ୍ଲେଖଯୋଗ୍ୟ, ୧୪ ସେପ୍ଟେମ୍ବର ୨୦୨୬ ରେ ରାଜଭାଷା ସଂକଳ୍ପ ପାଳନ ସହିତ ପାକ୍ଷିକ ଉତ୍ସବ ଆରମ୍ଭ ହୋଇଥିଲା। ପ୍ରତିଯୋଗିତାର ବିଜେତାମାନଙ୍କୁ ୨୯ ସେପ୍ଟେମ୍ବର ୨୦୨୬ ରେ ଗୋପବନ୍ଧୁ ଅଡିଟୋରିୟମରେ ଅନୁଷ୍ଠିତ ହେବାକୁ ଥିବା ମହାନ ରାଜଭାଷା ପଖୱାଡା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

# ରମାକାନ୍ତ ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ରମାକାନ୍ତ ପ୍ରଧାନଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ



ବାସୁଦେବପୁର ,,, ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟୀକାଣୀଡିହି ଗ୍ରାମରେ ରମାକାନ୍ତ ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ବିଜୁ ଜନତା ଦଳର ଜିଲ୍ଲା ଉପ ସଭାପତି ରତିକାନ୍ତ ପ୍ରଧାନ ଓରଫ ପିଣ୍ଟୁ ବାବୁଙ୍କ ପିତା ବିଶିଷ୍ଟ ସମାଜସେବୀ ରମାକାନ୍ତ ପ୍ରଧାନଙ୍କ ଏକାଦଶାହ ଅବସରରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଶ୍ରଦ୍ଧାଞ୍ଜଳି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଅଶୋକ କୁମାର ଦାସ, ବିଜୁ ଜନତା ଦଳର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଶିଳ୍ପପତି ତଥା ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା, ବିଜେଡିର ବାସୁଦେବପୁର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ପ୍ରଫୁଲ୍ଲ ପଲିତା, ପୌର ଉପାଧକ୍ଷ ଉତ୍ତମ କୁମାର ବାରିକ୍,କୃଷ୍ଣଚନ୍ଦ୍ର ଘଡ଼ାଇ, ମାନସ ସାହୁ, ଜଗବନ୍ଧୁ ଖିଲାର,ବିଜେପି ନେତା ଅଶୋକ ସାହୁ, ଜୟ ପ୍ରକାଶ ମଲ୍ଲିକ, ସମାଜ ସେବୀ ପବିତ୍ର ରଞ୍ଜନ ପୁହାଣ, କାଳନ୍ଦୀ ସାହୁ,କବି ରଶ୍ମି ରଞ୍ଜନ ରାଉତ, ଜୟରାମ ବେହେରା, ରାଜସ୍ୱ ବିଭାଗ ନିରୀକ୍ଷକ ତୁଷାର ବାବୁ, ବାସୁଦେବପୁର ଶହୀଦ ସ୍ମୃତି ସଙ୍ଗୀତ ମହା ବିଦ୍ୟାଳୟର ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବିଶିଷ୍ଟ ସମାଜସେବୀ ରମାକାନ୍ତ ପ୍ରଧାନଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଉତ୍ସବରେ ସମାଜସେବୀ ରମାକାନ୍ତ ପ୍ରଧାନଙ୍କ ପ୍ରତିମୂର୍ତ୍ତିକୁ ଅତିଥି ବନ୍ଧୁଙ୍କ ଦ୍ୱାରା ଉନ୍ମୋଚନ କରା ଯାଇଥିଲା। ଏହି ଅବସରରେ ରମାକାନ୍ତ ପ୍ରଧାନଙ୍କ ସ୍ମୃତିରେ ସ୍ମରଣିକା ସ୍ମରାମି ରମାକାନ୍ତ ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ରମାକାନ୍ତ ସେବା ଫାଉଣ୍ଡେସନର ଅଧକ୍ଷ ରତିକାନ୍ତ ପ୍ରଧାନ ଓରଫ ପିଣ୍ଟୁ ବାବୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଦସ୍ୟ କୁନା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତେ ରମାକାନ୍ତ ପ୍ରଧାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଉତ୍ସବରେ ରମାକାନ୍ତ ସେବା ଫାଉଣ୍ଡେସନର ସମସ୍ତ ସଦସ୍ୟ, ପରିବାର ବର୍ଗ, ଗ୍ରାମବାସୀ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଚୌଦ୍ୱାର ଜେଲରୁ ...

ରେଜିଷ୍ଟରରେ ମଧ ହେରଫେର କରାଯାଇଥିବା ସେ ଅଭିଯୋଗ କରିଥିଲେ । ତାଙ୍କ ଦାବି ଥିଲା, ରେକର୍ଡରେ ଏଭଳି ହେରଫେର କରି ଦାୟିତ୍ୱ ଅନ୍ୟ ଜଣଙ୍କ ଉପରେ ଠେଲିବାକୁ ଚେଷ୍ଟା କରାଯାଇଥିଲା । ଏହି ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା । ପରବର୍ତ୍ତୀ ସମୟରେ ମାମଲା ଆଉ ଜଟିଳ ହୋଇଥିଲା । ତଦନ୍ତକାରୀ ଅଧିକାରୀ ଚୌଦ୍ୱାର ଜେଲ୍‌ର ସୁପରିନ୍‌ଟେଣ୍ଡେଣ୍ଟଙ୍କ ମିନିଟ୍ ବୁକ୍ ଦାଖଲ ପାଇଁ ଏକାଧିକ ଥର ନୋଟିସ୍ ଓ ରିମାଇଣ୍ଡର ଦେଇଥିବା କୋର୍ଟ ରେକର୍ଡରୁ ଜଣାପଡ଼ିଛି। ତଦନ୍ତ ପାଇଁ ଏହି ମିନିଟ୍ ବୁକ୍‌କୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ବୋଲି ଦର୍ଶାଯାଇଥିଲା । ମାମଲାରେ ଗିରଫ ଏଡ଼ାଇବା ପାଇଁ ସୁଜିତ କୁମାର ରାଉଳ ଆଗୁଆ ଜାମିନ ଆବେଦନ କରିଥିଲେ । ମାର୍ଚ୍ଚ ୨୩ରେ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ଦେଇଥିଲେ । ମେ' ମାସରେ ତଦନ୍ତରେ ସହଯୋଗ ଏବଂ ଆବଶ୍ୟକ ଦସ୍ତାବିଜ୍ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପରେ ଅଗଷ୍ଟ ୨୯ରେ ଜଷ୍ଟିସ୍ ଭି. ନରସିଂହଙ୍କ ଖଣ୍ଡପୀଠ ଆଗୁଆ ଜାମିନ ଆବେଦନ ଖାରଜ କରି ଅନ୍ତରୀଣ ସୁରକ୍ଷା ହଟାଇଥିଲେ । କୋର୍ଟ ରେକର୍ଡରେ ମିନିଟ୍ ବୁକ୍ ଉପଲବ୍ଧ ନଥିବା ଏବଂ ତାହାକୁ ନେଇ ଭିନ୍ନ ଭିନ୍ନ ମତ ଦିଆଯାଇଥିବା ବିଷୟ ମଧ ଉଲ୍ଲେଖ ରହିଛି । ତେବେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଆଗୁଆ ଜାମିନ ଖାରଜ କରିବା ସମୟର ଏହି ଟିପ୍ପଣୀଗୁଡ଼ିକୁ ଅଭିଯୁକ୍ତଙ୍କ ଦୋଷ ପ୍ରମାଣ ଭାବେ ଧରାଯିବ ନାହିଁ, ମାମଲାରେ ତାଙ୍କ ଭୂମିକା ତଦନ୍ତ ପରେ ନିର୍ଦ୍ଧାରିତ ହେବ। ଏହି ପୃଷ୍ଠଭୂମିରେ ଏବେ ସୁଜିତ କୁମାର ରାଉଳଙ୍କ ଗିରଫ ମାମଲାର ତଦନ୍ତକୁ ଆଉ ଏକ ପର୍ଯ୍ୟାୟକୁ ନେଇଛି । ଚୌଦ୍ୱାର ଜେଲ୍‌ରୁ କଏଦୀ ଫେରାର ଘଟଣା, ଜେଲ୍ ରେକର୍ଡରେ କଥିତ ହେରଫେର ଏବଂ ମିନିଟ୍ ବୁକ୍‌କୁ ନେଇ ଉଠିଥିବା ଅଭିଯୋଗର ତଦନ୍ତରେ ଆଗକୁ କେଉଁ ତଥ୍ୟ ସାମ୍ନାକୁ ଆସୁଛି, ତାହା ଉପରେ ଏବେ ନଜର ।

### ଡ୍ୟୁଟି ସମୟରେ ...

ଏଭଳି ଭିଡିଓ ମାଧମରେ ଅଜାଣତରେ ଗୋପନୀୟ ସୂଚନା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ସମ୍ବେଦନଶୀଳ ସ୍ଥାନ ସମ୍ପର୍କିତ ତଥ୍ୟ ସାର୍ବଜନୀନ ହୋଇପାରେ । ଏହା ସୁରକ୍ଷା ପାଇଁ ଆହ୍ୱାନ ସୃଷ୍ଟି କରିବାର ଆଶଙ୍କା ଥିବାରୁ କମିସନରେଟ୍ ପୁଲିସ ଏହି ପଦକ୍ଷେପ ନେଇଛି । ଲୋକଭବନ, ଲୋକସେବା ଭବନ, ଶ୍ରୀଲିଙ୍ଗରାଜ ମନ୍ଦିର, ଓଡ଼ିଶା ବିଧାନସଭା, ଓଡ଼ିଶା ହାଇକୋର୍ଟ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଆର୍ମୋରି ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ପ୍ରତିଷ୍ଠାନରେ ନିୟୋଜିତ ପୁଲିସ କର୍ମଚାରୀମାନେ ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା କୌଣସି ଇଲେକ୍ଟ୍ରୋନିକ୍ ଉପକରଣରେ ଫଟୋ ଉଠାଇବା କିମ୍ବା ଭିଡିଓ ରେକର୍ଡ କରିପାରିବେ ନାହିଁ ।

### ରୁଷରେ ଭୋଟିଂ ଚାଲିଥିବା ବେଳେ ୟୁକ୍ରେନର...

ନିର୍ବାଚନକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ଏପଟେ ରୁଷ ନିର୍ବାଚନ ଅଧିକାରୀମାନେ ମସ୍କୋର ଅନଲାଇନ୍ ଭୋଟିଂ ବ୍ୟବସ୍ଥା ଉପରେ ସାଇବର ଆକ୍ରମଣ ଉଦ୍ୟମ ହୋଇଥିବା ମଧ ଦାବି କରାଯାଇଛି । ନିର୍ବାଚନ ସମୟରେ ଡ୍ରୋନ୍ ଆକ୍ରମଣ ସହ ସାଇବର ଆକ୍ରମଣ ଉଦ୍ୟମକୁ ନେଇ ରୁଷରେ ଚିନ୍ତା ବଢ଼ିଛି । ଅନ୍ୟପଟେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ୟୁକ୍ରେନ ରୁଷର ନିର୍ବାଚନରେ ହସ୍ତକ୍ଷେପ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି । ୟୁକ୍ରେନ ତେବେ ରୁଷରେ ହେଉଥିବା ନିର୍ବାଚନକୁ ପୂର୍ବରୁ ହିଁ ଖାରଜ କରିଆସିଛି । ରୁଷ-ୟୁକ୍ରେନ ଯୁଦ୍ଧ ଜାରି ରହିଥିବା ସମୟରେ ମସ୍କୋରେ ଏହି ଡ୍ରୋନ୍ ଆକ୍ରମଣ ଦୁଇ ଦେଶ ମଧରେ ଚାଲିଥିବା ତିକ୍ତତାକୁ ପୁଣି ସାମ୍ନାକୁ ଆଣିଛି । ଯୁଦ୍ଧ ସହିତ ବଢ଼ୁଥିବା ଆର୍ଥିକ ଚାପ ମଧରେ ରୁଷର ସଂସଦୀୟ ନିର୍ବାଚନ ଚାଲିଥିବା ବେଳେ ରାଜଧାନୀ ମସ୍କୋରେ ଏଭଳି ଆକ୍ରମଣ ସୁରକ୍ଷା ବ୍ୟବସ୍ଥାକୁ ନେଇ ନୂଆ ପ୍ରଶ୍ନ ଉଠାଇଛି। ତେବେ ଆକ୍ରମଣର ପ୍ରକୃତ କ୍ଷୟକ୍ଷତି ଓ ଏହା ପଛରେ କାହାର ଭୂମିକା ରହିଛି ସେନେଇ ଆଗକୁ ଆହୁରି ସୂଚନା ସାମ୍ନାକୁ ଆସିବାକୁ ବାକି ରହିଛି ।

### ୪ ବର୍ଷ କାର୍ଯ୍ୟକାଳ ପୂରଣ...

ସେହିପରି ରେଳବାଇରେ କ୍ୟାଟେଗୋରୀ-୧ ପଦବୀ ପାଇଁ ୧୦ ପ୍ରତିଶତ ଏବଂ କ୍ୟାଟେଗୋରୀ-୨ ଓ ତା'ଠାରୁ ଉଚ୍ଚ ପଦବୀ ପାଇଁ ୫ ପ୍ରତିଶତ ସମାନ୍ତରାଳ ଆରକ୍ଷଣ ମିଳିବ। ରାଜ୍ୟ ସରକାର: କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ଅଧୀନରେ ମଧ ପୂର୍ବତନ ଅଗ୍ନିବୀରଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଏବଂ ଆରକ୍ଷଣ ସୁବିଧା ପ୍ରଦାନ କରାଯିବ। କେନ୍ଦ୍ର ସରକାରଙ୍କ ଏହି ନୂଆ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି— ଯେତେବେଳେ ଜଣେ ଅଗ୍ନିବୀର ସେନାରୁ ୪ ବର୍ଷର ସେବା ପୂରଣ କରି ବାହାରିବେ, ସେତେବେଳେ ସେମାନଙ୍କ ହାତରେ ଆଗାମୀ ଭବିଷ୍ୟତ ପାଇଁ ଚାକିରି ପତ୍ର ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବ।

### ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ...

ଏହା ସହ ଆସନ୍ତା ୨୬ ସେପ୍ଟେମ୍ବରରେ ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକର ଆଲୋଚ୍ୟ ବିଷୟବସ୍ତୁ ସଂପର୍କରେ ଆଲୋଚନା କରାଯାଇଛି। ବୈଠକ ପରେ ମୁଖ୍ୟ ପ୍ରଶାସକଙ୍କ ସମେତ ବରିଷ୍ଠ ଅଧିକାରୀଗଣ ଏବଂ ପୂର୍ତ୍ତ ବିଭାଗ ଟିମ୍ ଶ୍ରୀଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ସେଠାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଦିବ୍ୟାଙ୍ଗଙ୍କ ପାଇଁ ରାମ୍ପ, ରୋଷ ଘର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ, ଶ୍ରଦ୍ଧାଳୁଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ମାର୍ଗ, ଦାନ ବାକ୍ସ ଗଣତି ପାଇଁ ସିସିଟିଭି ସଂସ୍ଥାପନ ଏବଂ ବିଭିନ୍ନ ସ୍ଥାନରେ ତଥ୍ୟ ସମ୍ବଳିତ ସୂଚନା ଫଳକ ଇତ୍ୟାଦି ବିଷୟରେ ଅଧିକାରୀମାନେ ଆଲୋଚନା କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ସହ ଖୁବଶୀଘ୍ର ଶ୍ରୀଗୁଣ୍ଡିଚା ମନ୍ଦିର ଭକ୍ତମାନଙ୍କ ପାଇଁ ଖୋଲିବାକୁ ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି।

# ଚମ୍ପୁଆ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ଜଣେ ମୃତ, ୨ ଆହତ

ଚମ୍ପୁଆ, ୨୦/୯ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ବୈତରଣୀ ପୋଲ ନିକଟରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟି ଜଣେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନ୍ୟ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ରିମିଳି ଅଂଚଳରୁ ଜୟନ୍ତୀଗଡ଼ ଅଭିମୁଖେ ଯାଉଥିବା ପ୍ରତାପପଶି ଅଂଚଳର ଦିବ୍ୟ ରଞ୍ଜନ ପାତ୍ର ଓ ଚନ୍ଦନ ମହାନ୍ତ ବୈତରଣୀ ପୋଲ ନିକଟରେ ବିପରୀତ ଦିଗରୁ (ଝାଡ଼ଖଣ୍ଡ ପଟୁ) ଆସୁଥିବା ଅନ୍ୟ ଏକ ବାଇକ୍‌କୁ ସାମ୍ନାସାମ୍ନି ଧକ୍କା ଦେଇଥିଲେ। ଧକ୍କା ଏତେ ଜୋରଦାର ଥିଲା ଯେ ଦୁଇଟି ଯାକ ବାଇକ୍‌ରେ ଥିବା ତିନି ଜଣ ଯାତ୍ରୀ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଠିକ୍ ଏହି ସମୟରେ ରାସ୍ତାରେ ଯାଉଥିବା ଏକ ଦ୍ରୁତଗାମୀ ଟ୍ରଲର ଝାଡ଼ଖଣ୍ଡ ପଟୁ ଆସୁଥିବା ବାଇକ୍ ଚାଳକଙ୍କ ଉପରକୁ ମାଡ଼ି ଯାଇଥିଲା। ଟ୍ରଲର ଚକା ତଳେ ଚାପି ହୋଇ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଅନ୍ୟ ଦୁଇ ଆହତ ଦିବ୍ୟ ରଞ୍ଜନ ଓ ଚନ୍ଦନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଚମ୍ପୁଆ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ସ୍ତରରେ ମୃତକଙ୍କ ସଠିକ୍ ପରିଚୟ ମିଳିପାରି ନଥିବା ବେଳେ, ତାଙ୍କ ପକେଟ୍ରୁ ମିଳିଥିବା ଆଧାର କାର୍ଡ ଅନୁସାରେ ସେ ଝାଡ଼ଖଣ୍ଡ ଟାଟାନଗର ଅଂଚଳର ସଞ୍ଜୟ କୁମାର ବୋଲି ଜଣାପଡ଼ିଛି।

# ସୁଗୋ ସାପ୍ତାହିକ ହାଟର ନବୀକରଣ ପାଇଁ ୧୦ ଲକ୍ଷ ଟଙ୍କାର କାର୍ଯ୍ୟର ଶିଳାନ୍ୟାସ




ଜଳେଶ୍ୱର, ୨୦/୯ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁଗୋ ଗ୍ରାମପଞ୍ଚାୟତର ସୁଗୋ ସାପ୍ତାହିକ ହାଟର ନବୀକରଣ ପାଇଁ ଅଟକଳ ମୂଲ୍ୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଛି।ଏହି ଶିଳାନ୍ୟାସ ଉତ୍ସବରେ ସାଂସଦ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟର ଶିଳାନ୍ୟାସ କରିବାର ସୌଭାଗ୍ୟ ଲାଭ କରିଥିଲେ। ସୁଗୋ ସାପ୍ତାହିକ ହାଟର ନବୀକରଣ ଦ୍ୱାରା ସ୍ଥାନୀୟ ବ୍ୟବସାୟୀ,ଚାଷୀ ଓ ସାଧାରଣ ଲୋକମାନେ ଉପକୃତ ହେବେ ବୋଲି ଆଶା ପ୍ରକାଶ ପାଇଛି।ଏହି ଅବସରରେ ସୁଗୋ ପଞ୍ଚାୟତର ନେତା ତଥା ୯ ନମ୍ବର ମଣ୍ଡଳର ମଣ୍ଡଳ ସଭାପତି ସଂଜୀବ ସେନାପତି,୧୦ ନମ୍ବର ମଣ୍ଡଳର ମଣ୍ଡଳ ସଭାପତି ନବୀନ ସାମଲ,ବାଲେଶ୍ୱର ଜିଲ୍ଲାର ଜିଲ୍ଲା ସମ୍ପାଦକ କାଳିଚରଣ ଦାସ,ଯୁବ ନେତା ରଣଜିତ ପାତ୍ରଙ୍କ ସମେତ ଭାରତୀୟ ଜନତା ପାର୍ଟି (ବିଜେପି)ର ନେତୃମଣ୍ଡଳୀ ଓ ସୁଗୋ ଗ୍ରାମପଞ୍ଚାୟତର ବିଭିନ୍ନ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।ସ୍ଥାନୀୟ ଅଞ୍ଚଳର ବିକାଶ ଓ ଜନସାଧାରଣଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ଏଭଳି ଉନ୍ନୟନମୂଳକ କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ଉପସ୍ଥିତ ନେତୃମଣ୍ଡଳୀ ମତ ପ୍ରକାଶ କରିଥିଲେ।

ସୋମବାର, ସେପ୍ଟେମ୍ବର ୨୧, ୨୦୨୬
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଗାୟତ୍ରୀ ପରିବାର ତରଫରୁ ରକ୍ତଦାନ ଶିବିର: ୪୧ ୟୁନିଟ ସଂଗ୍ରହ

ଭଦ୍ରକ , ୨୦/୯ (ନି.ପ୍ର): ପ୍ରତି ବର୍ଷ ପରି ଚଳିତ ବର୍ଷ ଗାୟତ୍ରୀ ପରିବାର ପକ୍ଷରୁ ରକ୍ତଦାନ ଭଳି ମହାନ୍ ଦାନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି, ରକ୍ତ ଦାନ ଜଣେ ମୃତ୍ୟୁମୁଖରୁ ଫେରି ଆସୁଥିବା ବ୍ୟକ୍ତିଙ୍କ ଜୀବନ ବଞ୍ଚାଇପାରେ, ରକ୍ତର କୌଣସି କୃତ୍ରିମ ବିକଳ୍ପ ନାହିଁ। ଏହା କେବଳ ମନୁଷ୍ୟ ଦ୍ୱାରା ହିଁ ମିଳିପାରିବ। ୧୮ରୁ ୬୫ ବର୍ଷ ବୟସ୍କ ସୁସ୍ଥ ବ୍ୟକ୍ତି ନିୟମିତ ଭାବେ ରକ୍ତଦାନ କରିପାରିବେ। ଆସନ୍ତୁ, ଆଜି ଆମେ ସମସ୍ତେ ପ୍ରତିଜ୍ଞା କରିବା ଯେ ନିୟମିତ ରକ୍ତଦାନ କରି ଅନ୍ୟର ଜୀବନ ରକ୍ଷା କରିବା ବୋଲି ଆଜି ରବିବାର ଭଦ୍ରକ ସହରର ସାହାପୁର ସ୍ଥିତ ଦୁର୍ଗା ମଣ୍ଡପ ଠାରେ ଗାୟତ୍ରୀ ପରିବାର ତରଫରୁ ଆୟୋଜିତ ରକ୍ତଦାନ ଶିବିରରେ ଉଦଘାଟକ ଭାବେ ଭାରତୀୟ ମେଡିକାଲ ଆସୋସିଏସନ ର ରାଜ୍ୟ ସଭାପତି ଡାକ୍ତର ହରେକୃଷ୍ଣ ନାୟକ ଓ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର ପ୍ରମୁଖ ଯୋଗଦେଇ କହିଛନ୍ତି, ଗାୟତ୍ରୀ ପରିବାର ର ଜିଲ୍ଲା ମୁଖ୍ୟ ପ୍ରଦୀପ କୁମାର ନାୟକ ଙ୍କ ସଭାପତିତ୍ୱ ଓ କେଦାରନାଥ ମହାପାତ୍ର ଙ୍କ ସଂଯୋଜନାରେ ସାମାଜିକ କର୍ମୀ ତଥା ସାହାପୁର ଦୁର୍ଗା ପୂଜା କମିଟି ର ସଭାପତି ଗୋପାଳ କୃଷ୍ଣ ଦାସ, ଗାୟତ୍ରୀ ପରିବାର ପକ୍ଷରୁ କୁଶଦେବ ମଲ୍ଲିକ, ଶ୍ରୀ ଦିବ୍ୟଶ୍ରୀ,ସଞ୍ଜୟ ମଲ୍ଲିକ,କମଳା ମଲିକ, କୈଳାଶ ମହାନ୍ତି,ବସନ୍ତ ବାରିକ, କୁଶଦେବ ମଲ୍ଲିକ, କୌଶଲ୍ୟା ପ୍ରଧାନ,ନମିତା ମହାନ୍ତି, ନରେନ୍ଦ୍ର ବାରିକ, ଦୁର୍ଗା ପ୍ରସାଦ ଲେଙ୍କା, ଉମାକାନ୍ତ ସାହୁ, ସଂଜୀବ ପ୍ରଧାନ, ମଞ୍ଜୁଲତା ଦାସ, ପ୍ରଣତି ମହାନ୍ତି, ଦେବଦତ୍ତ ରାଉତ, ଦୁଃଶାସନ ଖଣ୍ଡେଇ, ମନୋରଞ୍ଜନ ମହାପାତ୍ର, ଋଷିଶୃଙ୍ଗ ନାୟକ ଆନନ୍ଦ ନାୟକ, ଶିବ ଗୁପ୍ତା, ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ୪୧ ଗୋଟି ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ,ପ୍ରାରମ୍ଭ ରେ ଗାୟତ୍ରୀ ମନ୍ତ୍ର ର ଅଖଣ୍ଡ ଜପ ଓ ଦୀପ ଯଜ୍ଞ ହୋଇଥିଲା।

# ଶ୍ରୀରାଧା ଅଷ୍ଟମୀ ଓ ଗ୍ରନ୍ଥ ଲୋକାର୍ପିତ



ଖୋରଧା , ୨୦/୯ (ନି.ପ୍ର): ଶ୍ରୀ ଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ତରଫରୁ ଶ୍ରୀ ଚୈତନ୍ୟ ବିହାର ପରିସରରେ ଶ୍ରୀ ରାଧା ଅଷ୍ଟମୀ ଉପଲକ୍ଷେ ଶ୍ରୀ ଗୌର ଜଗନ୍ନାଥ ରାଧା ପ୍ରମୋଦ ବିହାରୀଙ୍କୁ ଅଭିଷେକ୍ କରାଯାଇ ମଧ୍ୟାହ୍ନରେ ରାଧା ସହସ୍ର ନାମ ପାଠ, କୀର୍ତ୍ତନ, ଆରତୀ, ମନ୍ଦିର ପରିକ୍ରମା କରାଯାଇଥିଲା। ଆସୋସିଏସନ୍ ସଭାପତି ଶ୍ରୀ ଜନାକୀ ବଲ୍ଲଭ ପଟ୍ଟନାୟକ ଶ୍ରୀ ରାଧା ତତ୍ୱ ଉପରେ ଆଲୋଚନା କରିଥିଲେ। ଖୋରଧା ଲେହଙ୍ଗ ର ପ୍ରସିଦ୍ଧ ଭକ୍ତ କବି ଗୌର ଚରଣ ଅଧିକାରୀଙ୍କ ବୀରଚିତ 'ଗୌର କୃଷ୍ଣ ଭଜନ ଶତକ'ପଣ୍ଡିତ ଦୀନବନ୍ଧୁ ଖାଡ଼ଙ୍ଗାଙ୍କ ଦ୍ୱାରା ଓ ଆସୋସିଏସନ୍ ତରଫରୁ ପ୍ରକାଶିତ ନୂତନ ଗ୍ରନ୍ଥ 'ଶ୍ରୀ ଗୌର ପଦାଙ୍କପୂତ କଟକ ନଗର' ଗ୍ରନ୍ଥ ଦ୍ୱୟ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ଓ ଲୋକାର୍ପିତ ହୋଇ ଥିଲା। ଆଜି ଶ୍ରୀ ଗୌର ଚରଣଙ୍କ ଜନ୍ମଦିନ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପଣ୍ଡିତ ଗୋପବନ୍ଧୁ ପଣ୍ଡା, ବୋଧାୟନ୍ ମହାରାଜ,ଅନନ୍ତହରି ବାବା, ସାମ୍ବାଦିକ ଅବ୍ୟକ୍ତା ହରିହର ଖାଡ଼ଙ୍ଗା।, ଯୁଧିଷ୍ଠିର ଛୁଆଳ ସିଂହ, ତ୍ରୈଲୋକ୍ୟ ନାଥ ସାମନ୍ତରାୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ଶ୍ରୀଜୟ ନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

# ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ



ଉଦଳା , ୨୦/୯ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ଦଶରାପଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଳାମ୍ବର ସେଠୀ ଓ ଚଡ଼ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରତ୍ନାକର ମହାନ୍ତି ଚାକିରୀ ଜୀବନରୁ ଅବସର ଗ୍ରହଣ କରିଥିବାରୁ ଉଭୟଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିପାଇଁ ଶ୍ରୀଦାମଚନ୍ଦ୍ରପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚଳିତ ସେପ୍ଟେମ୍ବର ୧୯ ତାରିଖ ଶନିବାର ଦିନ ଏକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ କୁଳମଣି ନାୟକ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବ୍ରତ କିସ୍କୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହିତ ଶିକ୍ଷକ ଜୀବନରେ କେବେ ଅବସର ନଥାଏ, ଚାକିରୀ ଜୀବନରୁ ଅବସର ଗ୍ରହଣ ପରେ ମଧ ସମ୍ବଳ ବ୍ୟକ୍ତି ଭାବରେ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ସେମାନଙ୍କୁ ଖୋଜା ପଡ଼ିଥାଏ ବୋଲି ବ୍ୟକ୍ତ କରିଥିଲେ। ଏହାପରେ ଅବସର ଗ୍ରହଣ କରୁଥିବା ଶିକ୍ଷକ ଦ୍ୱୟଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଏହି ଉତ୍ସବ ଆୟୋଜନରେ ସାଧନ କେନ୍ଦ୍ର ସଂଯୋଜକ ଆଲୋକ ପରିଡ଼ା, ଭାନୁପ୍ରସାଦ ପାତ୍ର ଓ ଗୌର କିଶୋର ବିନ୍ଧାଣି ପ୍ରମୁଖ ନେତୃତ୍ୱ ନେଇଥିଲେ । ଶିକ୍ଷୟିତ୍ରୀ ଅସୀମା ଅରୁନ୍ଧତି ଓ ପ୍ରଜ୍ଞା ପଦ୍ମଗନ୍ଧା ଦାସବାବୁ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଲକ୍ଷ୍ମୀପ୍ରିୟା ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ।

# ରାସନ କାର୍ଡରେ ଇ-କେୱାଇସି ଓ ବାଇପାସ ଝାମେଲା: ଭିନ୍ନକ୍ଷମଙ୍କ ମୁହଁରୁ ଛଡ଼ାଇ ନିଆଗଲା ରାସନ



ବାଲିଆପାଳ , ୨୦/୯ (ନି.ପ୍ର): ବିଭିନ୍ନ ସରକାରୀ ଯୋଜନାର ସୁବିଧା ପାଇବା ପାଇଁ ଇ-କେୱାଇସିକୁ ଗୁରୁତ୍ୱ ଦିଆଯାଉଛି। ତେବେ ଇ-କେୱାଇସି ସମ୍ବନ୍ଧୀୟ ସମସ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକରେ କିଛି ଭିନ୍ନକ୍ଷମ ହିତାଧିକାରୀ ରାସନ ଚାଉଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ହିତାଧିକାରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାସନ ବଣ୍ଟନ ବ୍ୟବସ୍ଥାରେ 'ବାଇପାସ' ବ୍ୟବସ୍ଥା ରହିଛି। ବାୟୋମେଟ୍ରିକ୍ ପ୍ରମାଣୀକରଣ ବିଫଳ ହେଲେ କିମ୍ବା ହିତାଧିକାରୀ ଶାରୀରିକ ଅକ୍ଷମତା କାରଣରୁ ରାସନ ଦୋକାନକୁ ଯାଇପାରୁନଥିଲେ, ନିୟମାନୁସାରେ ଏହି ବ୍ୟବସ୍ଥାରେ ରାସନ ସାମଗ୍ରୀ ପ୍ରଦାନ କରାଯାଇପାରେ। ମାତ୍ର ବାଲିଆପାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ବ୍ୟବସ୍ଥାର ସଠିକ୍ କାର୍ଯ୍ୟାନ୍ୱୟନ ନେଇ ପ୍ରଶ୍ନ ଉଠିଛି। କିଛି ରାସନ ଡିଲରଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଭିନ୍ନକ୍ଷମ ଏବଂ ଶଯ୍ୟାଶାୟୀ ହିତାଧିକାରୀମାନେ ନିଜ ଅଧିକାରର ରାସନ ପାଇବାରେ ଅସୁବିଧା ଭୋଗୁଥିବା ଅଭିଯୋଗ ଆସୁଛି। ପାଞ୍ଚୁପାଲି ପଞ୍ଚାୟତର ଭିନ୍ନକ୍ଷମ ବିନାୟକ ଗିରି, ବଣିଆଡିହା ପଞ୍ଚାୟତର ଶ୍ରୀଦେବୀ ମୁଖୀ, ବୋଳଂ ପଞ୍ଚାୟତର ଭାରତୀ ମାଝୀ ଓ ମିନତୀ ମାଝୀ, କୁଣ୍ଡୁଳି ପଞ୍ଚାୟତର ଭିନ୍ନକ୍ଷମ ଦମ୍ପତି ବୁଦ୍ଧିଆ ମାଝୀ ଓ ଫୁଲ ମାଝୀ, ରାମଚନ୍ଦ୍ର ମଲ୍ଲିକ, ଶଯ୍ୟାଶାୟୀ ପାଟମଣି ସାନ୍ତରାଙ୍କ ଭଳି ବହୁ ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ହିତାଧିକାରୀମାନେ ବଣ୍ଟନ ହେଉଥିବା ଦୁଇ ମାସର ରାସନ ଚାଉଳ ପାଇବାରୁ ବଞ୍ଚିତ ଅଛନ୍ତି । ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ବାଲିଆପାଳ ବ୍ଲକ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣାଙ୍କ ନିକଟରେ ଏହି ଭିନ୍ନକ୍ଷମଙ୍କ ସମସ୍ୟା ବିଷୟରେ ଜଣାଇବା ପରେ କେବଳ କୁଣ୍ଡୁଳି ପଞ୍ଚାୟତର ଭିନ୍ନକ୍ଷମ ଦମ୍ପତି ବୁଦ୍ଧିଆ ମାଝୀ ଓ ଫୁଲ ମାଝୀ ଏବଂ ରାମଚନ୍ଦ୍ର ମଲ୍ଲିକଙ୍କୁ ପୁନଃ ବାଇପାସ ମାଧ୍ୟମରେ ଦୁଇ ମାସର ରାସନ ଚାଉଳ ପ୍ରଦାନ କରାଯାଇଛି । ଅନ୍ୟ ଭିନ୍ନକ୍ଷମଙ୍କ ନାମ ରାସନ କାର୍ଡରୁ କାଟିଯାଇଥିବା ହେତୁ ତାଙ୍କ ନାମ ପୁନଃ ସଂଯୋଗ ପରେ ରାସନ ପ୍ରଦାନ ହେବ ବୋଲି ଯୋଗାଣ ଅଧିକାରୀ ଶ୍ରୀ ମହାରଣା କହିଛନ୍ତି । ସରକାର ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ହିତାଧିକାରୀଙ୍କ ପାଇଁ ଯେଉଁ ବିକଳ୍ପ ବ୍ୟବସ୍ଥା ରଖିଛନ୍ତି, ତାହା ତୃଣମୂଳସ୍ତରରେ ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହାର ଯାଞ୍ଚ କରିବା ସହ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ପ୍ରଶାସନ ନିକଟରେ ସ୍ୱେଚ୍ଛାସେବୀ ଶ୍ରୀ ପାତ୍ର ଗଣମାଧ୍ୟମ ଜରିଆରେ ଦାବୀ ରଖିଛନ୍ତି ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଛାତ୍ରୀ ପଢ଼ାରେ ବାନ୍ଧିଲେ ଡ଼ୋରି

ଉଦଳା , ୨୦/୯ (ନି.ପ୍ର): ଗୋପବନ୍ଧୁନଗର ବ୍ଲକର ସାନଖୁଂଟା ପଂଚାୟତ ଅନ୍ତର୍ଗତ ଗୋଠପୁରା ଗ୍ରାମର ବାସିନ୍ଦା ସମାୟ ସୋରେନଙ୍କ ୧୬ ବର୍ଷ ବୟସର କନ୍ୟା ସସ୍ମିତା ସୋରେନ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବାର ଜଣାଯାଇଛି । ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ସସ୍ମିତାଙ୍କ ନାମ ଯୋଡ଼ାଯାଇ ନଥିବାରୁ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ସେ ପାଇପାରୁ ନଥିବାର କଥା ଜଣାଇଛନ୍ତି । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ଦିନମଜୁରିଆ ଭାବରେ କାମ କରି ସମାୟ ସୋରେନ ପରିବାର ଚଳାଉଥିବାର କହିଛନ୍ତି । ଝିଅର ନାମକୁ ରାସନ କାର୍ଡ଼ରେ ଯୋଡ଼ିଦେବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର ସେ ଅଭିଯୋଗ କରିଛନ୍ତି । ସେହିପରି କନ୍ୟା ସସ୍ମିତା ଖୁଂଟାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିଲେ । କିନ୍ତୁ ଆଜକୁ ୨ବର୍ଷ ଧରି ସେ ଆଦୌ ବିଦ୍ୟାଳୟ ଯାଇନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ତେବେ ବିଦ୍ୟାଳୟ ଖାତାରେ ତାଙ୍କର ନାମ ଗଡ଼ିଚାଲିଛି କି କଟି ଯାଇଛି ଏ କଥା ତାଙ୍କୁ ଜଣାନଥିବାର କହିଛନ୍ତି । ବିଦ୍ୟାଳୟକୁ ପିଲା ଆସନ୍ତୁ କି ନଆସନ୍ତୁ ସରକାରୀ ଫାଇଲ ଚାଷରେ ସବୁ ଠିକ୍ ଚାଲିଛି ବୋଲି ଦର୍ଶାଯାଉଥିବାର କଥା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ସରକାରୀ ବିଦ୍ୟାଳୟ ମାନଙ୍କରେ ଏହା ଏକ ନିତି ଦିନିଆ ଘଟଣା ବୋଲି ଶୁଣିବାକୁ ମିଳୁଛି । ତେବେ ସସ୍ମିତାଙ୍କ କ୍ଷେତ୍ରରେ ବାସ୍ତବ ଚିତ୍ର କଣ ଏହା ତଦନ୍ତ ପରେ ଜଣାପଡ଼ିବ ବୋଲି କୁହାଯାଉଛି । ଏପରିକି ବିଦ୍ୟାଳୟ ତରଫରୁ ସସ୍ମିତାଙ୍କୁ ଥରଟିଏବି ଖୋଜା ପଡ଼ିନଥିବାର ପରିବାରର ଲୋକେ ଜଣାଇଛନ୍ତି । ଏହି ବୟସର ପିଲାମାନେ ପାଠଠାରୁ ଦୁରେଇ ଯିବା ଦ୍ୱାରା ବାଲ୍ୟ ବିବାହ ଦୃତ ଗତିରେ ବଢ଼ି ଚାଲିଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏହା ଦେଶକୁ ଭୟଙ୍କର ବିପଦ ଡ଼ାକି ଆଣୁଛି ବୋଲି ବହୁ ଲୋକ ମତ ଦେଇଛନ୍ତି । ବିଭାଗୀୟ କର୍ତୃପକ୍ଷ ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଅନେକ ଗୁଡ଼ିଏ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

# ବସ୍ତା ବାଇପାସରୁ ମଦ ଜବତ : ଜଣେ ମହିଳାଙ୍କ ସମେତ ୨ ଗିରଫ

ବସ୍ତା, ୨୦/୯(ନିପ୍ର ):ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ାଉ କରା ଯାଇ ମଦ ଜବତ ସହ ଜଣେ ମହିଳାଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ବସ୍ତା ବାଇ ପାସ ନିକଟରେ ସତୁରି ଲିଟର ଦେଶୀ ମଦ ନେଇ ଯାଉଥିବା ବେଳେ ବିଭାଗୀୟ ଅଧିକାରୀ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରି ସେମାନଙ୍କ ବିରୋଧରେ କେଶ ନଂ ୯୯/୨୬-୨୭ ମାମଲା ରୁଜୁ ସହ କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ସିଂଲା ଥାନା କସାଫଳ ଗାଁର ସୁରଥ ସେଠୀ (୪୫)ଓ ଯଶୋଦା ଦଳାଇ (୪୦)।




# ବାରିପଦାରେ ଓଏଭି ଫାଉଣ୍ଡେସନ୍ ଡେ 'ସ୍ପାର୍କ' ପାଳିତ




ବାରିପଦା, ୨୦/୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନମନସ୍କତା, ସୃଜନଶୀଳତା, ନବସୃଜନ ଓ ନୂତନ ଚିନ୍ତାଧାରାକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବାରିପଦାସ୍ଥିତ ସହିଦ ସ୍ମୃତି ଭବନଠାରେ ଓଏଭି ଫାଉଣ୍ଡେସନ୍ ଡେ 'ସ୍ପାର୍କ' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ୨୬ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକ ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରତି ଆଗ୍ରହ, ସମସ୍ୟା ସମାଧାନ କୌଶଳ ଏବଂ ସୃଜନଶୀଳ ଚିନ୍ତନର ବିକାଶ ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜ ଅଭିଭାଷଣରେ ସେ ଛାତ୍ରଛାତ୍ରୀମାନେ କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନ ରହି ବିଜ୍ଞାନ, ପ୍ରଯୁକ୍ତି, ନୂତନ ଚିନ୍ତାଧାରା ଓ ସୃଜନଶୀଳ କାର୍ଯ୍ୟକଳାପ ପ୍ରତି ଆଗ୍ରହୀ ହେବା ଆବଶ୍ୟକ ବୋଲି କହିଥିଲେ। ଛାତ୍ରଜୀବନରୁ ନିଜର ପ୍ରତିଭା ଓ ଦକ୍ଷତାକୁ ଚିହ୍ନଟ କରି ତାହାର ବିକାଶ ଦିଗରେ ନିରନ୍ତର ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଦୁଃଖବନ୍ଧୁ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ବିଜ୍ଞାନର ଆବଶ୍ୟକତା ଓ ଅନୁସନ୍ଧାନମୂଳକ ଚିନ୍ତାଧାରାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉତ୍ପତି ଓ ଛାତ୍ର ଛାତ୍ରୀ ମାନେ ଦ୍ୱାଦଶ ପାସ କରିବା ପରେ ଉଚ୍ଚ ଶିକ୍ଷା ନିମନ୍ତେ ନିଟ୍, ଜେଇ ଓ ବର୍ତ୍ତମାନର ପରିବର୍ତ୍ତନଶୀଳ ଯୁଗରେ ନୂତନ ଜ୍ଞାନ ଆହରଣ, ନିଜେ ଚିନ୍ତା କରିବା ଏବଂ ନୂତନ କିଛି ସୃଷ୍ଟି କରିବାର ମାନସିକତା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ସ୍ପାର୍କ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶରେ ଏହାର ଭୂମିକା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ବିଜ୍ଞାନକୁ ଦୈନନ୍ଦିନ ଜୀବନ ସହିତ ଯୋଡ଼ି ଦେଖିବା ଏବଂ ନୂତନ ଧାରଣାକୁ କାର୍ଯ୍ୟରୂପ ଦେବା ଦିଗରେ ଛାତ୍ରଛାତ୍ରୀଙ୍କୁ ଆଗକୁ ବଢ଼ିବାକୁ ସେ ପ୍ରେରଣା ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ-ତଥା-ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମୟୂରଭଞ୍ଜ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସେ ନିଜ ଅଭିଭାଷଣରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଉନ୍ନତି ସହିତ ସେମାନଙ୍କର ବହୁମୁଖୀ ପ୍ରତିଭା ବିକାଶ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ପ୍ରକାଶ କରିଥିଲେ। ଏହି ଅବସରରେ ଓଏଭି ବଡଡାଲିମା, ତିରିଂର ଅଧ୍ୟକ୍ଷ ଶ୍ରୀ ପ୍ରତାପ ଚନ୍ଦ୍ର ବେହେରା ଓ ଓଏଭି ଶାମାଖୁଣ୍ଟାର ଅଧ୍ୟକ୍ଷ ଶ୍ରୀ ଦେବେନ୍ଦ୍ର କୁମାର ପାଢ଼ୀ ତଥା ଜିଲ୍ଲାର ବିଭିନ୍ନ ଓଏଭିର ଅଧ୍ୟକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ସିଂହ, ଶ୍ରୀ ଗୌତମ କୁମାର ପାତ୍ର ଓ ଶ୍ରୀ ଶଶୀଧର ସିଂହଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଉପସ୍ଥିତ ଅନ୍ୟ ଅତିଥିଗଣ ନିଜ ବକ୍ତବ୍ୟରେ 'ସ୍ପାର୍କ' ଫାଉଣ୍ଡେସନ୍ ଡେ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏକ ସାଧାରଣ ମଞ୍ଚରେ ଏକତ୍ରିତ ହୋଇ ନିଜର ଚିନ୍ତାଧାରା, ପ୍ରତିଭା ଓ ଦକ୍ଷତାର ବିକାଶ ପାଇଁ ସୁଯୋଗ ପ୍ରଦାନ କରିଛି । ଏହିପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନରେ ଆତ୍ମବିଶ୍ୱାସ, ଅନୁସନ୍ଧାନର ମାନସିକତା ଓ ସୃଜନଶୀଳ ଚିନ୍ତନର ବିକାଶରେ ସହାୟକ ହେବ ବୋଲି ମତ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଓଏଭି ରାଣୀ ଭୋଳର ଛାତ୍ର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ, ଓଏଭି ମୋରଡ଼ାର ଅଧ୍ୟକ୍ଷ ଶ୍ରୀ ସଂଗ୍ରାମ କେଶରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ପ୍ରତିହତ କରି ରାସ୍ତା ପ୍ରଶସ୍ତିକରଣ

ବୈଶିଙ୍ଗା , ୨୦/୯ (ନି.ପ୍ର): ଠାକୁରମୁଣ୍ଡା - ଡଙ୍ଗାଡିହା -ରୁସ୍ପା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ପାଞ୍ଚ ବର୍ଷ ଧରି ଚାଲିଥିଲେ ମଧ ସରିବାର ନା ଗନ୍ଧ ନାହିଁ। ଏକ ମାସ ପୂର୍ବେ ବୈଶିଙ୍ଗା ଠାରୁ ରୁସ୍ପା ପର୍ଯ୍ୟନ୍ତ ୧୩ କି.ମି. ରାସ୍ତା ପାଇଁ ୨୩ କୋଟି ଟଙ୍କାର ବଜେଟ୍ ମାଧ୍ୟମରେ ରାସ୍ତା ପ୍ରଶସ୍ତିକରଣ ପାଇଁ ଏକ ମାସ ତଳେ ବିଭାଗୀୟ ଅଧିକାରୀଙ୍କ ସମେତ ବିଧାୟକ ସନାତନ ବିଜୁଳି ଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା । ମାତ୍ର ଠିକାଦାର ବୈଶିଙ୍ଗା ପରିବର୍ତ୍ତେ ମହୁଲପାଟଣା ଚୁକ ଠାରୁ ରାସ୍ତାର ଦୁଇ ପାର୍ଶ୍ୱ କୁ ତିନି ମିଟର ଖୋଳି ଫିଲିଂ କରାଯାଉଥିବାର ଦେଖିବାକୁ ମିଳିଛି । ମାତ୍ର ଦୁଇ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ କୌଣସି ଡ୍ରେନେଜ୍ ର ବ୍ୟବସ୍ଥା କରା ନ ଯାଇ କାର୍ଯ୍ୟ କରାଯିବାକୁ ଘୋର ବିରୋଧ କରାଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ' ପ୍ରଜା ସଭା ' ପକ୍ଷରୁ ଏହାର ସଭାପତି ଅକ୍ଷୟ କୁମାର ମିଶ୍ର ଙ୍କ ଦ୍ୱାରା ଜନସାଧାରଣଙ୍କ ସୁବିଧା ପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀ ଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିବା ଜଣାଯାଇଛି । ପ୍ରକାଶ ଥାଉକି ଚଳିତ ବର୍ଷ ଦୁଇ ଦୁଇ ଥର ବର୍ଷାଜଳ ଏହି ରାସ୍ତା ଉପରେ ପ୍ରବାହିତ ହେବା ଯୋଗୁଁ ୪/୫ ଘଣ୍ଟା ଧରି ଯାନ ବାହନ ଚଳାଚଳ ବନ୍ଦ ହେବା ସହିତ ଦୁଇଟି ସ୍ଥାନରେ ରାସ୍ତା ଧୋଇ ହୋଇ ଯାଇଥିଲା । ବିଭାଗୀୟ ଅଧିକାରୀ ଙ୍କ ତୁରନ୍ତ ପଦକ୍ଷେପ ସ୍ୱରୂପ ମରାମତି କରାଯିବା ପରେ ଯାନ ବାହନ ଚଳାଚଳ ସମ୍ଭବ ହୋଇ ପାରିଥିଲା. ମାତ୍ର ଏହାର ପ୍ରକୃତ ସମାଧାନ କରିବା ପରିବର୍ତ୍ତେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା । ପ୍ରଥମେ ଡ୍ରେନେଜ୍ ନିର୍ମାଣ ସହିତ ଜଳ ନିଷ୍କାସନ ପାଇଁ ପୋଲର ଆବଶ୍ୟକତା ପୂରଣ ପରେ ରାସ୍ତା ପ୍ରଶସ୍ତିକରଣ କରାଯାଉ ବୋଲି ' ପ୍ରଜା ସଭା' ପକ୍ଷରୁ ସ୍ମାରକପତ୍ର ରେ ଦର୍ଶାଯାଇଛି । ଏଥି ସହିତ ପଣସିଆ ଛକଟି ଚାରିଛକି ଥିବାରୁ ସେଠାରେ ଏକ ଗୋଲେଇ ର ଆବଶ୍ୟକତାକୁ ମଧ୍ୟ ଏଥିରେ ଦର୍ଶାଯାଇଛି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida